- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-178 ◆WEDNESDAY ◆24 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୭୮ ◆ବୁଧବାର ◆୨୪ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





ପ୍ରିଆନ୍ଦନାଙ୍କ ବିଶ୍ୱ ରେକର୍ଡ: ଗୋଟିଏ ଓଭରରେ ୫ ୱିକେଟ୍

▶ପୃଷ୍ଠା ୧୨ ଦେଖନ୍ତୁ...

# ଭାରତରେ 'ବାଂଲା' ତାତି

## ଦିଲ୍ଲୀରେ ବାଂଲାଦେଶ ହାଇକମିସନ ଆଗରେ ବିକ୍ଷୋଭ



■ ନୂଆଦିଲ୍ଲୀ, ୨୩ା୧୨ (ଏଜେନ୍ସି): ବାଂଲାଦେଶରେ ସଂସଦ ନିର୍ବାଚନ ପାଇଁ ସମୟ ଯେତେ ପାଖେଇ ଆସୁଛି, ସେଠାରେ ଉତ୍ତେଜନା ସେତିକି ତୀବ୍ର ହେବାରେ ଲାଗିଛି । ପ୍ରଥମେ ଜଣେ ଛାତ୍ର ନେତାଙ୍କୁ ହତ୍ୟା ପରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଗତକାଲି ଜଣେ ଶ୍ରମିକ ନେତାଙ୍କୁ ଗୁଳି କରାଯାଇଛି । ଏହାପରେ ବାଂଲାଦେଶରେ ଏକ ପ୍ରକାର ଅରାଜକତା ସୃଷ୍ଟି ହୋଇଛି । ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ କାମଚଳା ସରକାର ଅସହାୟ ହୋଇପଡ଼ିଥିବା ଭଳି ମନେ ହେଉଛି । ସେନାବାହିନୀ ଚୁପ ହାଇ ବସିଥିବା ବେଳେ ପୁଲିସ ଫୋର୍ସ ଉତ୍ୟକ୍ତ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଡରୁଛି । ଫଳରେ ଆନ୍ଦୋଳନ ନାମରେ ଦୁର୍ବୃତ୍ତ ଖୁଲାଖୁଲି ଆତଙ୍କରାଜ ଚଳାଇଛନ୍ତି । ଏବେ ସେମାନେ ବିତାଡ଼ିତ ପ୍ରଧାନମନ୍ତ୍ରୀ ହାସିନାଙ୍କ ସମର୍ଥକ ଏବଂ ହିନ୍ଦୁ ସଂପ୍ରଦାୟ ଉପରେ ଆକ୍ରମଣ କରିବା ଆରମ୍ଭ କରିଛନ୍ତି । ଗତ ୧୮ ତାରିଖରେ ସେମାନେ ଦୀପୁ ଦାସ ନାମକ ଜଣେ ୨୫ ବର୍ଷୀୟ ହିନ୍ଦୁ ଯୁବକଙ୍କୁ ହତ୍ୟା କରି ନିଆଁ ଲଗାଇଦେଇଥିଲେ । ଏହାକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଆଜି ହଜାର ହଜାର ସଂଖ୍ୟାରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ କର୍ମୀ ନୂଆଦିଲ୍ଲୀ ସ୍ଥିତ ବାଂଲାଦେଶ ହାଇକମିସନ ଆଗରେ ବିକ୍ଷୋଭ କରିଥିଲେ । ସେମାନେ ଦୀପୁ ଦାସ ହତ୍ୟାକାଣ୍ଡର ପ୍ରତିବାଦ ଜଣାଇବା ସହିତ ହତ୍ୟାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ବାଂଲାଦେଶରେ ହିନ୍ଦୁ ସଂପ୍ରଦାୟକୁ ଟାର୍ଗେଟ କରାଯାଉଥିବାରୁ ଏହାର ନିନ୍ଦା କରିବା ସହିତ ସେଠାରେ ସଂଖ୍ୟାଲଘୁ ସଂପ୍ରଦାୟକୁ ସୁରକ୍ଷା ଦେବାଲାଗି ଦାବି କରିଛନ୍ତି । ବିକ୍ଷୋଭକାରୀମାନେ ପୁଲିସ ବ୍ୟାରିକେଡ୍ ଭାଙ୍ଗି ବାଂଲା ହାଇକମିସନ ଆଡ଼କୁ ଅଗ୍ରସର ହୋଇଥିଲେ । ତେବେ ପୁଲିସ ସେମାନଙ୍କୁ ହାଇକମିସନ ଅଫିସ ଠାରୁ ୮୦୦ ମିଟର ଦୂରରେ ଅଟକାଇଥିଲା । ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ ବାଂଲାଦେଶ ହାଇକମିସନ ପାଇଁ ୭ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ଏବଂ ୧୫୦୦ ଯବାନଙ୍କୁ ମୁତୟନ କରାଯାଇଥିଲା । ଦିଲ୍ଲୀ ସମେତ ଦେଶର ୭ଟି ସହରରେ ଆଜି ବାଂଲାଦେଶ ବିରୋଧରେ ଏଭଳି ବିକ୍ଷୋଭ ହୋଇଥିବାର ଖବର ମିଳିଛି ।

### ଢାକାରେ ଭାରତୀୟ ହାଇକମିସନରଙ୍କୁ ସମନ୍

### ଉଦବେଗ ଜଣାଇଲା ଜାତିସଂଘ

### ଭାରତ ଉପରେ ଆକ୍ରମଣ ପାଇଁ ପାକ୍ ନେତାଙ୍କ ଧମକ

ଅନ୍ୟପକ୍ଷରେ ଏଭଳି ବିକ୍ଷୋଭ ପ୍ରଦର୍ଶନକୁ ନେଇ ବାଂଲାଦେଶ ଉଦବେଗ ପ୍ରକାଶ କରିଛି । ବାଂଲାଦେଶର ବୈଦେଶିକ ସଚିବ ଆଜି ଢାକାରେ ଭାରତୀୟ ହାଇକମିସନର ପ୍ରଣୟ ବର୍ମାଙ୍କୁ ସମନ୍ କରି ନୂଆଦିଲ୍ଲୀ ଏବଂ ସିଲିଗୁଡ଼ିରେ ବାଂଲାଦେଶ କୂଟନୈତିକ କେନ୍ଦ୍ରକୁ ଟାର୍ଗେଟ କରି ହୋଇଥିବା ହିଂସାର ପ୍ରତିବାଦ ଜଣାଇଛନ୍ତି । ଦୁଇ ଅଧିକାରୀଙ୍କ ମଧ୍ୟରେ ୫ ମିନିଟ ସାକ୍ଷାତ ପରେ ବାଂଲାଦେଶ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି । ଏଥିରେ କୁହାଯାଇଛି ଯେ ଭାରତରେ ବାଂଲାଦେଶ କୂଟନୈତିକ ଅଧିକାରୀଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି । ଆପୋସ ସମ୍ମାନ, ▶ପୃଷ୍ଠା-୭

# ଏସଆଇଆର ଝଟକା: ୭ ରାଜ୍ୟରୁ କଟିଲା ୨ କୋଟି ୭୦ ଲକ୍ଷ ନାମ

### ମଧ୍ୟପ୍ରଦେଶରୁ କଟିଲା ୪୨.୭୪ ଲକ୍ଷ ନାମ

### ଗୁଜରାଟରୁ ୭୩ ଲକ୍ଷ, ପଶ୍ଚିମବଙ୍ଗରୁ ୫୮ ଲକ୍ଷ

### ଛତିଶଗଡ଼ରୁ ୨୭ ଲକ୍ଷ, କେରଳରୁ ୨୨ ଲକ୍ଷ ହଟିଲେ

### ତାମିଲନାଡୁରେ କଟିଲା ସର୍ବାଧିକ ୯୭ ଲକ୍ଷ ନାମ

■ ଭୋପାଳ, ୨୩ା୧୨ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସଆଇଆର) ପରେ ମଙ୍ଗଳବାର ନିର୍ବାଚନ କମିଶନ (ଇସି) ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ କେରଳର ଚିଠା ଭୋଟର ତାଲିକା ଜାରି କରିଛନ୍ତି। ମଧ୍ୟପ୍ରଦେଶ ଭୋଟର ତାଲିକାରୁ ୪୨.୭୪ ଲକ୍ଷ ଭୋଟରଙ୍କୁ ହଟାଇ ଦିଆଯାଇଛି। ଏଥିରେ ୧୯.୧୯ ଲକ୍ଷ ପୁରୁଷ ଏବଂ ୨୩.୬୪ ଲକ୍ଷ ମହିଳା ସାମିଲ ଅଛନ୍ତି। ଏହା ବ୍ୟତୀତ ମ୍ୟାପିଂ ହୋଇ ନ ଥିବା ୮.୪୦ ଲକ୍ଷ ନାମ ରହିଛି। ୩୧.୫୧ ଲକ୍ଷ ଲୋକ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ୨.୭୭ ଲକ୍ଷ ଲୋକ ଏକାଧିକ ସ୍ଥାନରେ ପଞ୍ଜିକରଣ କରିଥିବା ଚିହ୍ନଟ ହୋଇଛି। ସେହିପରି କେରଳରୁ ୨୨ ଲକ୍ଷ ନାମ ହଟାଇ ଦିଆଯାଇଛି। ଏହି ରାଜ୍ୟରୁ ୨,୫୪, ୪୨, ୩୫୨ ଫର୍ମ (୯୧.୩୫ ପ୍ରତିଶତ) ସଂଗ୍ରହ କରାଯାଇଛି। ହଟା ଯାଇଥିବା ଭୋଟରଙ୍କ ମଧ୍ୟରେ ୬, ୪୯, ୮୮୫ ମୃତ ବ୍ୟକ୍ତି ସାମିଲ ଅଛନ୍ତି। ୧୪, ୬୧, ୭୬୯ ଜଣ ଅନ୍ୟତ୍ର ସ୍ଥାନାନ୍ତର ହୋଇ ସାରିଛନ୍ତି। ୧, ୩୬, ୦୨୯ ଜଣ ଏକାଧିକ ସ୍ଥାନରେ ପଞ୍ଜୀକରଣ କରିଛନ୍ତି।

ଛତିଶଗଡ଼ରୁ ୨୭ ଲକ୍ଷ ଭୋଟରଙ୍କୁ ଚିଠା ତାଲିକାରୁ ବାଦ ଦିଆଯାଇଛି। ଏମାନଙ୍କ ମଧ୍ୟରେ ୬, ୪୨, ୨୩୪ ଜଣ ପ୍ରାଣ ହରାଇଥିବାବେଳେ ▶ପୃଷ୍ଠା-୭

### ମହାନଦୀ ବିବାଦ ସମାଧାନ ପାଇଁ ଉଚ୍ଚସ୍ତରୀୟ କମିଟି ବୈଠକ

# ରାଜ୍ୟ ସ୍ୱାର୍ଥ ସହ ଆଦୌ ସାଲିସ୍ ହେବ ନାହିଁ

■ ଭୁବନେଶ୍ୱର, ୨୩ା୧୨ (ସମିସ): ମହାନଦୀ ଓଡ଼ିଶାର ଜୀବନରେଖା। ଏହାର ସ୍ୱାର୍ଥ ସହ କୌଣସି ପ୍ରକାର ସାଲିସ କରାଯାଇପାରିବ ନାହିଁ। ମହାନଦୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ କଣ ରହିଛି, ଛତିଶଗଡ଼ ସହ କଣ ଆଲୋଚନା ହୋଇଛି ସେନେଇ ରାଜ୍ୟବାସୀଙ୍କୁ ସରକାର ଅବଗତ କରାନ୍ତୁ। ମହାନଦୀ ଜଳ ବିବାଦରେ ଗଠିତ ଉଚ୍ଚସ୍ତରୀୟ କମିଟିର ପ୍ରଥମ ବୈଠକରେ ଏପରି ଦାବି ରଖିଛନ୍ତି ସଦସ୍ୟ ତଥା ବରିଷ୍ଠ ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ। କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ ମଧ୍ୟ ସମାନ ଆଭିମୁଖ୍ୟ ରଖିବା ସହ ଏହି ମାମଲାକୁ ଅଧିକ ବିଳମ୍ବିତ ନକରି ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ମଙ୍ଗଳବାର ରାଜୀବ ଭବନଠାରେ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା ଜାନୁଆରୀରେ ଏହାର ପରବର୍ତ୍ତୀ ବୈଠକ ଅନୁଷ୍ଠିତ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଆଜି କମିଟିର ସମସ୍ତ ସଦସ୍ୟ ମାନଙ୍କୁ ମହାନଦୀ ବିବାଦରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ, ଛତିଶଗଡ ସହ ଏଯାବତ ହୋଇଥିବା ଆଲୋଚନା ସମ୍ପର୍କରେ ଅବଗତ କରାଗଲା। କମିଟିର ଆସନ୍ତା ବୈଠକ ପୂର୍ବରୁ ସମସ୍ତ ସଦସ୍ୟ ମାନଙ୍କୁ ଆବଶ୍ୟକୀୟ କାଗଜପତ୍ର ଯୋଗାଇ ଦିଆଯିବ। ଆଲୋଚନା ମାଧ୍ୟମରେ କିପରି ସମସ୍ୟାର ସମାଧାନ ହୋଇପାରିବ, ସେନେଇ କମିଟି ଆଗକୁ ବଢିବ। ଓଡ଼ିଶାର ସ୍ୱାର୍ଥକୁ ରାଜ୍ୟ ସରକାର ସୁରକ୍ଷା ପ୍ରଦାନ କରିବେ ବୋଲି ସେ କହିଛନ୍ତି। ▶ପୃଷ୍ଠା-୭

### ସରକାର ଛତିଶଗଡ଼ ସହ ଆଲୋଚନା କରି ରାଜ୍ୟବାସୀଙ୍କୁ ଜଣାନ୍ତୁ: ବିରୋଧୀ

### ସମସ୍ୟାର ସମାଧାନ ଦିଗକୁ ନେଇ କମିଟି ଆଗକୁ ବଢିବ: ଉପ ମୁଖ୍ୟମନ୍ତ୍ରୀ

# ସିଲିକନ୍ ଟେକ୍‌ଲାବ୍ କଳା ତାଲିକାଭୁକ୍ତ

■ କଟକ, ୨୩।୧୨ (ସମିସ): ଭୁବନେଶ୍ୱରର ମେସର୍ସ ସିଲିକନ୍ ଟେକ୍-ଲାବ ପ୍ରାଇଭେଟ୍ ଲିମିଟେଡ୍‌କୁ କଳା ତାଲିକାଭୁକ୍ତ କରିଛନ୍ତି ହାଇକୋର୍ଟ। ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ପରିଚାଳନାରେ ଅନିୟମିତତା ନେଇ ସମ୍ପୃକ୍ତ ସଂସ୍ଥାକୁ ୫ବର୍ଷ ପାଇଁ କଳା ତାଲିକାଭୁକ୍ତ କରିଛନ୍ତି। ହାଇକୋର୍ଟ ସହାୟକ ସେକ୍ସନ ଅଫିସର୍ (ଏଏସ୍‌ଓ)-୨୦୨୪ ପଦବୀରେ ନିଯୁକ୍ତି ପାଇଁ ମୁଖ୍ୟ ଲିଖିତ ପରୀକ୍ଷା ଏବଂ କମ୍ପ୍ୟୁଟର୍ ଆବେଦନ ପରୀକ୍ଷା ପରିଚାଳନା କରିବାକୁ ସମ୍ପୃକ୍ତ ସଂସ୍ଥା ସିଲିକନ୍‌କୁ ଦାୟିତ୍ୱ ଦିଆଯାଇଥିଲା। ସଂପୃକ୍ତ ସଂସ୍ଥା ଗତ ଜୁଲାଇ ୧୩ରେ ମୁଖ୍ୟ ଲିଖିତ ପରୀକ୍ଷା ନିରପେକ୍ଷ ଭାବେ ପରିଚାଳନା କରିନଥିବାରୁ ପରୀକ୍ଷା ବାତିଲ ହୋଇଥିଲା। ଏଜେନ୍ସିକୁ ବ୍ୟକ୍ତିଗତ ଶୁଣାଣି ପାଇଁ ସୁଯୋଗ ଦିଆଯାଇଥିଲା। ହେଲେ ସଂସ୍ଥା ସନ୍ତୋଷଜନକ ଉତ୍ତର ଦେଇପାରିନଥିଲା।





INDIA'S FIRST 5 YEAR WARRANTY *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. I CIN: L35911DL 1984PLC017354 I For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts.*T&C apply.

TOLL FREE 1800 266 0018

**Authorized Dealers: Bhubaneswar:** Rohan Hero - 9289922474, Bharat Hero - 9289922180, Arundhati Hero - 9289923183, DD Hero - 9439650824, **Jatni:** Vishal Hero - 9289922984, **Nayagarh:** Bhagabati Hero - 9289922687, **Puri:** Sanjib Hero - 9289923107, **Authorized HeroSure Dealers: Bhubaneshwar:** Arundhati Motobikes - 7682841658, **Associate Dealers: Nimapara:** Basudev Automobiles - 9861020724, **Pipili:** Shri Ram Motors - 9437110789, **Balugaon:** Mahamayee Motors - 9437004624, **Khurdha:** Dinesh Trading Co. - 9778097876, **Sakhigopal:** Sai Motors - 9439765820, **Begunia:** Rashmi Automobiles - 9178316145, **Balipatna:** Jagannath Motors - 7064309702, **Chandpur:** Apsara - 9861418161, **Banamalipur:** Duladei Motors - 7735425890, **Sunderpada:** Basudev Motors - 6371525029, **Nakhra:** S.G. Automobiles - 9778779778.

VML.5868.2025






## ବେଆଇନ ପ୍ରବାସୀଙ୍କୁ ଟ୍ରମ୍ପ ଅଫର

ୱାସିଂଟନ, ୨୩।୧୨ (ଏଜେନ୍ସି): ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ହେବା ପରେ ଡୋନାଲ୍ଡ ଟ୍ରମ୍ପ ବେଆଇନ ପ୍ରବାସୀଙ୍କୁ ହଟାଇବା ପ୍ରୟାସ କରିଛନ୍ତି। ସେ ଏ ପର୍ଯ୍ୟନ୍ତ ୨.୫ ନିୟୁତରୁ ଅଧିକ ବେଆଇନ ପ୍ରବାସୀଙ୍କୁ ନିଜ ଦେଶକୁ ପଠାଇ ସାରିଲେଣି। ଏହି କ୍ରମରେ ବାକି ପ୍ରବାସୀଙ୍କୁ ବାହାର କରିବା ପାଇଁ ସେ ନିଆରା ପଦକ୍ଷେପ ନେଇଛନ୍ତି। ଏଥିପାଇଁ ଖ୍ରୀଷ୍ଟମାସ ପ୍ରୋତ୍ସାହନ ଘୋଷଣା କରିଛନ୍ତି। ସେମାନଙ୍କୁ ସ୍ୱେଚ୍ଛାକୃତ ଭାବରେ ଆମେରିକା ଛାଡିବା ପାଇଁ ଅର୍ଥ ଦେବାକୁ ଏବଂ ଦେୟମୁକ୍ତ ଯାତ୍ରା ପ୍ରଦାନ କରାଯିବ ବୋଲି କହିଛନ୍ତି।


**ସ୍ୱେଚ୍ଛାରେ ଦେଶ ଛାଡ଼ିଲେ ମାଗଣା ବିମାନ ଯାତ୍ରା, ୩ ହଜାର ଡଲାର**

ଏଥିପାଇଁ ପ୍ରବାସୀଙ୍କୁ ୩ ହଜାର ଡଲାର ତଥା ୨.୭ ଲକ୍ଷ ଟଙ୍କା ଏବଂ ମାଗଣା ବିମାନ ଟିକଟ ଦିଆଯିବ। କେବଳ ସେତିକି ନୁହେଁ, ଯେଉଁମାନେ ଏହି ପ୍ରସ୍ତାବ ଗ୍ରହଣ କରିବେ ସେମାନେ ସିଭିଲ୍ ଜୋରିମାନା କିମ୍ବା ଅଧିକ ସମୟ ରହିବା ସହିତ ଜଡିତ ଦଣ୍ଡରୁ କ୍ଷମା ପାଇବା ପାଇଁ ଯୋଗ୍ୟ ହେବେ।ନୂତନ ପ୍ରସ୍ତାବଟି, ମେ' ମାସରେ ସରକାର ଦ୍ୱାରା ଘୋଷଣା କରାଯାଇଥିବା ହଜାରେ ଡଲାରର ପ୍ରୋତ୍ସାହନ ଅପେକ୍ଷା ତିନି ଗୁଣ ଅଧିକ। ଆମେରିକା ଗୃହ ବିଭାଗ ଚେତାବନୀ ଦେଇ କହିଛି ଯେ ଯେଉଁମାନେ ଏହି ପ୍ରସ୍ତାବର ସୁଯୋଗ ନେଇ ନାହାନ୍ତି ସେମାନେ ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ। ଯେଉଁ ଅବୈଧ ବିଦେଶୀମାନେ ଆଜି ଏହି ସ୍ୱତନ୍ତ୍ର ଅଫରର ସୁଯୋଗ ନେଉନାହାଁନ୍ତି ସେମାନଙ୍କ ପାଖରେ କେବଳ ଗୋଟିଏ ବିକଳ୍ପ ରହିଛି। ସେମାନଙ୍କୁ ଗିରଫ କରାଯିବ, ନିର୍ବାସିତ କରାଯିବ ଏବଂ କେବେବି ସେମାନେ ଆମେରିକା ଫେରିବେ ନାହିଁ।

## ବାଂଲାଦେଶକୁ ୧୯୭୧ କଥା ମନେ ପକାଇଲା ରୁଷିଆ

ମସ୍କୋ, ୨୩।୧୨ (ଏଜେନ୍ସି): ବାଂଲାଦେଶରେ ହିନ୍ଦୁ ଭୟରେ କାଳତିପାତ କରୁଛନ୍ତି। ଜାଣିଶୁଣି ଏବଂ ମିଥ୍ୟା ଅଭିଯୋଗ ଲଗାଇ ଚରମପନ୍ଥୀ ଏବଂ ସରକାରରେ ସାମିଲ ଲୋକେ ସଂଖ୍ୟାଲଘୁଙ୍କୁ ନିଶାଣ କରୁଛନ୍ତି। ନିର୍ବାଚନ ତାରିଖ ଘୁଞ୍ଚାଇବା ପାଇଁ ଆରମ୍ଭ ହୋଇଥିବା ହିଂସାରେ ହିନ୍ଦୁଙ୍କୁ ମାରୁଛନ୍ତି। ସାରା ବିଶ୍ୱ ବାଂଲାଦେଶରେ ଚାଲିଥିବା ହିଂସାକୁ ଦେଖୁଛି। ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କୁ ମାରି ଜାଳିଦେବା ଘଟଣା ସାରା ବିଶ୍ୱକୁ ଥରାଇ ଦେଇଛି। ଯେଉଁ

**ବାଂଲାଦେଶକୁ ପରାମର୍ଶ: ଭାରତ ସହ ଶାନ୍ତି ବଜାୟ ରଖ**



ଭାରତ ପାଇଁ ବାଂଲାଦେଶ ଗଠନ ହେଲା ସେହି ଭାରତ ବିରୋଧୀ ଷଡ଼ଯନ୍ତ୍ର କରାଯାଉଛି। ବିନା ଦୋଷରେ ଭାରତକୁ ବଦନାମ କରାଯାଉଛି। ଏବେ ବାଂଲାଦେଶରେ ଚାଲିଥିବା ହିଂସାକୁ ରୁଷ ତୀବ୍ର ନିନ୍ଦା କରିଛି। ବାଂଲାଦେଶରେ ରୁଷ ରାଷ୍ଟ୍ରଦୂତ ଆଲେକଜାଣ୍ଡର ଗ୍ରିଗୋରିଭିଚ୍ ଖୋଜିନ୍ ଢାକାକୁ ଭାରତ ସହିତ ଉତ୍ତେଜନା ହ୍ରାସ କରିବାକୁ କହିଛନ୍ତି। ତାଙ୍କ ମତରେ, ରୁଷ ସ୍ଥିତି ଉପରେ ନଜର ରଖିଛି। ଶାନ୍ତି ପ୍ରତିଷ୍ଠା ଉଭୟ ଦେଶ ସମେତ ସମଗ୍ର ଅଞ୍ଚଳ ତଥା ଦକ୍ଷିଣ ଏସିଆ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ତେଜନାକୁ ଯଥାଶୀଘ୍ର କମ କରିବାକୁ ଉପାୟ ଖୋଜିବା ଉଚିତ। ପଡ଼ୋଶୀମାନଙ୍କ ମଧ୍ୟରୁ ଆମେ ଜଣଙ୍କୁ ବାଛିପାରିବୁ ନାହିଁ। ଉଭୟ ଦେଶ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଭାରତ ସହ ଯେତେ ଶୀଘ୍ର ସମ୍ପର୍କ ସୁଧୁରିବ ସେତେ ଭଲ। ୧୯୭୧ ରେ ବାଂଲାଦେଶକୁ ଯେଉଁ ସ୍ୱାଧୀନତା ମିଳିଥିଲା ତାହା ଭାରତ ପାଇଁ ସମ୍ଭବ ହୋଇଥିଲା ବୋଲି ସେ କହିଛନ୍ତି।

# ଟ୍ରମ୍ପଙ୍କ ଉପରେ ଧନବର୍ଷା

## ବର୍ଷକରେ ନେଇଛନ୍ତି ୧୮ ହଜାର କୋଟିର ଚାନ୍ଦା



ୱାସିଂଟନ, ୨୩।୧୨ (ଏଜେନ୍ସି): ବିଶ୍ୱରେ ଶୁଳ୍କ ଏବଂ ବ୍ୟାବସାୟିକ କଟକଣା ଲଗାଇ ସଙ୍କଟ ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତିଙ୍କ ଉପରେ ଧନବର୍ଷା ହେବାରେ ଲାଗିଛି। ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ନିଜ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ଟ୍ରମ୍ପଙ୍କ ବଡ଼ ବଡ଼ କର୍ପୋରେଟ ସଂସ୍ଥା ସଦୟ ହୋଇଛନ୍ତି। ଭୟରେ ହେଉ ଅବା କଟକଣାରୁ ବର୍ତ୍ତିବା ପାଇଁ ଏହି ସଂସ୍ଥା ଗୁଡ଼ିକ ଟ୍ରମ୍ପଙ୍କୁ କୋଟି କୋଟି ଟଙ୍କା ଚାନ୍ଦା ଦେଇଛନ୍ତି। ବର୍ଷେ ମଧ୍ୟରେ ଟ୍ରମ୍ପଙ୍କ ଟିମ୍‌କୁ ବିପୁଳ ଚାନ୍ଦା ମିଳିଛି। ନିର୍ବାଚନ ପରେ ଟ୍ରମ୍ପ ଏବଂ ତାଙ୍କ ଘନିଷ୍ଠଙ୍କୁ ପ୍ରାୟ ୨ ବିଲିୟନ ଡଲାର ତଥା ୧୮ ହଜାର କୋଟି ଟଙ୍କା ଚାନ୍ଦା ମିଳିଛି। ଅଲଗା ଅଲଗା ପାଣ୍ଠି ଏବଂ ଯୋଜନା ପାଇଁ ଏହା ଆଦାୟ କରାଯାଇଛି ଆମେରିକାର ଏକ ଖବରକାଗଜର ଯାଞ୍ଚରୁ ଜଣାପଡ଼ିଛି। ଏହି ରାଶି ନିର୍ବାଚନୀ ପ୍ରଚାର ପାଇଁ ଟ୍ରମ୍ପଙ୍କୁ ମିଳିଥିବା ପାଣ୍ଠିଠୁ ଅଧିକ।

ରିପୋର୍ଟ ଅନୁଯାୟୀ, ସରକାରୀ କାଗଜପତ୍ର, ଫଣ୍ଡିଂ ରେକର୍ଡ, ଏବଂ ଅନେକ ଲୋକଙ୍କ ସହ ଆଲୋଚନାରୁ ଜଣାପଡ଼ିଛି ଯେ ଅତିକମରେ ୩୪୬ ଜଣ ବଡ଼ ବ୍ୟକ୍ତି ୨.୫ ଲକ୍ଷ ଡଲାର କିମ୍ବା ଏହାଠାରୁ ଅଧିକ ଚାନ୍ଦା ଦେଇଛନ୍ତି। ଏମାନଙ୍କଠାରୁ କେବଳ ୫୦ କୋଟି ଡଲାରରୁ ଅଧିକ ରାଶି ମିଳିଛି। ଏହି ବ୍ୟକ୍ତିଙ୍କ ମଧ୍ୟରେ ଏଭଳି ୨୦୦ ବ୍ୟବସାୟୀ ସାମିଲ ଅଛନ୍ତି, ଯେଉଁମାନଙ୍କୁ ଟ୍ରମ୍ପଙ୍କ ନିଷ୍ପତ୍ତି ଦ୍ୱାରା ଲାଭ ମିଳିଛି। ଏଥିରେ ସୁନ୍ଦର ପିଚାଇ ଏବଂ ସତ୍ୟ ନାଡ଼େଲାଙ୍କ ସମେତ ୬ ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀ ସାମିଲ ଅଛନ୍ତି। ଟ୍ରମ୍ପଙ୍କଠାରୁ ମିଳିଥିବା ସୁବିଧାଗୁଡ଼ିକ ମଧ୍ୟରେ ବିଭିନ୍ନ ସହାୟତା ସାମିଲ ରହିଛି। କେତେକଙ୍କୁ ରାଷ୍ଟ୍ରପତିଙ୍କ କ୍ଷମା ମିଳିଛି ତ ଆଉ କିଛିଙ୍କ ମାମଲା ଖାରଜ ହୋଇଛି। ସେହିପରି କିଛି କମ୍ପାନୀ ପ୍ରମୁଖ ସରକାରୀ ଠିକା ପାଇଥିବାବେଳେ ଅନ୍ୟମାନେ ହ୍ୱାଇଟ୍ ହାଉସ୍ କିମ୍ବା ଏକ ପ୍ରମୁଖ ସରକାରୀରେ ବଡ଼ ପଦବୀ ଦିଆଯାଇଛି।


- **ପ୍ରତିବଦଳରେ ବ୍ୟବସାୟୀଙ୍କୁ ଦେଇଛନ୍ତି ଅଜସ୍ର ଲାଭ**
- **ତାଲିକାରେ ସୁନ୍ଦର ପିଚାଇ, ସତ୍ୟ ନାଡେଲା**

ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ କେହି ଟଙ୍କା ଦେଇଛନ୍ତି ଏବଂ ପ୍ରତିବଦଳରେ ସିଧାସଳଖ ଲାଭ ପାଇଛନ୍ତି ବୋଲି ପ୍ରମାଣ କରିବା କଷ୍ଟକର। ମାତ୍ର ଏହା ନିଶ୍ଚିତ ଯେ ଟଙ୍କା ଏବଂ ସୁବିଧାର ଏହି ସମ୍ପର୍କ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଗୁଗଲ ସିଇଓ ସୁନ୍ଦର ପିଚାଇ ଟ୍ରମ୍ପଙ୍କ ସମର୍ଥିତ ପାଣ୍ଠିକୁ ୧୦ କୋଟି ଟଙ୍କା ଦେଇଛନ୍ତି। ଏଆଇକୁ ନେଇ ଆଇନରେ ନରମ ଆଭିମୁଖ୍ୟ ଗ୍ରହଣ କରିଥିବାରୁ ଗୁଗଲ ଲାଭ ମିଳୁଛି। ହ୍ୱାଇଟ ହାଉସ କାର୍ଯ୍ୟକ୍ରମରେ ଡକରା ଏବଂ ପ୍ରଶଂସା ମିଳୁଛି। ସେହିପରି ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡ଼େଲା ୨୯ କୋଟି ଟଙ୍କା ଦାନ କରିଛନ୍ତି। କାରଣ ଟ୍ରମ୍ପ ଟେକ୍ ନିୟମର ଚାପ ହ୍ରାସ ପାଇଛି। ସିଧାସଳଖ ଟ୍ରମ୍ପଙ୍କ କାର୍ଯ୍ୟକ୍ରମରେ ପହଞ୍ଚି ପାରୁଛନ୍ତି। ଆଇବିଏମ ସିଇଓ ଅରବିନ୍ଦ କ୍ରିଷ୍ଣା ୬.୨ କୋଟି ଟଙ୍କା, ଆଡୋବ ସିଇଓ ଶାନ୍ତନୁ ନାରାୟଣ, ମାଇକ୍ରନ ସିଇଓ ସଞ୍ଜୟ ମେହରୋତ୍ରା, ବ୍ୟବସାୟୀ ଅଞ୍ଜନି ସିହ୍ନା ଟ୍ରମ୍ପଙ୍କ ପାଣ୍ଠିକୁ ୮.୩ କୋଟି ଟଙ୍କା ଲେଖାଏଁ ଦାନ କରିଛନ୍ତି। ଅଞ୍ଜନୀ ଆମେରିକା ରାଷ୍ଟ୍ରଦୂତ ଭାବେ ମନୋନୀତ ହୋଇଥିବାବେଳେ ସଞ୍ଜୟଙ୍କୁ ସେମିକଣ୍ଡକ୍ଟର କ୍ଷେତ୍ରରେ ଲାଭ ମିଳିଛି। ଏହି ପାଣ୍ଠି ସଂଗ୍ରହ ପାଇଁ ଟ୍ରମ୍ପଙ୍କ ଟିମ୍ ଅଲଗା ଅଲଗା ପନ୍ଥା ଆପଣାଇ ଥିଲା। ଏଥିରେ ସବୁଠୁ ଆଗରେ ମେକ୍ ଆମେରିକା ଗ୍ରେଟ ଏଗେନ (ମାଗା) ରହିଛି। ଏହ ପିଏସି ମାଧ୍ୟମରେ ରଣନୀତି ପାଇଁ ଟଙ୍କା ସଂଗ୍ରହ କରାଯାଉଛି। ଏହା ଦଳୀୟ ପ୍ରାର୍ଥୀଙ୍କ ପାଇଁ ଟଙ୍କ ବ୍ୟୟ କରିଥାଏ। ସେହିପରି ଟ୍ରମ୍ପଙ୍କ ଶପଥ ଗ୍ରହଣ ସମାରୋହ ପାଇଁ ୨୪୦ ନିୟୁତ ଡଲାର ସଂଗ୍ରହ କରାଯାଇଥିଲା। ଏହା ଆମେରିକା ଇତିହାସରେ ସର୍ବାଧିକ ଥିଲା। କେବଳ ସେତିକି ନୁହେଁ, ହ୍ୱାଇଟ ହାଉସରେ ନିର୍ମାଣ ହେଉଥିବା ବଲ୍‌ରୁମ୍ ପାଇଁ ମଧ୍ୟ ଟ୍ରମ୍ପ ଟଙ୍କା ନେଉଛନ୍ତି।

# ୧୮୮ ବର୍ଷ ପର୍ଯ୍ୟନ୍ତ ତ୍ରାହି ନାହିଁ

ନୂଆଦିଲ୍ଲୀ, ୨୩।୧୨(ଏଜେନ୍ସି): ସମ୍ପୂର୍ଣ୍ଣ ଭାବେ ପ୍ରଦୂଷଣ ମୁକ୍ତ ହେବାକୁ ବା ପ୍ରଦୂଷଣକୁ ହଟାଇବା ପାଇଁ ଭାରତକୁ ପାଖାପାଖି ଦୁଇ ଶତାବ୍ଦୀ ଲାଗିବ। ୧୫୦ଟି ଦେଶକୁ ନେଇ ଆମେରିକାର ଷ୍ଟାନଫର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି। ଚଳିତ ହାରରେ ଯଦି ଭାରତ ସ୍ୱଚ୍ଛଶକ୍ତି ବ୍ୟବହାର କରେ ତେବେ ଭାରତକୁ ପ୍ରଦୂଷଣ ମୁକ୍ତ ହେବାକୁ ୧୮୮ ବର୍ଷ ଲାଗିବ ବୋଲି କୁହାଯାଇଛି। ଅର୍ଥାତ ଶତ ପ୍ରତିଶତ ସ୍ୱଚ୍ଛ ଶକ୍ତି ବ୍ୟବହାର କରିବାକୁ



ଭାରତକୁ ଆହୁରି ପାଖାପାଖି ୧୮୮ ବର୍ଷ ଲାଗିବ। ସ୍ୱଚ୍ଛ ଶକ୍ତି ବ୍ୟବହାରରେ ବୃଦ୍ଧି ହେଲେ ପ୍ରଦୂଷଣ ହାର କମିବ ବୋଲି କୁହାଯାଇଛି। ଅପରପକ୍ଷରେ ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଚୀନ୍‌କୁ ୨୫ ବର୍ଷ ଲାଗିବ ଓ ଆମେରିକା

- **ସ୍ୱଚ୍ଛ ଶକ୍ତି ନେଇ ଆସିଲା ନୂଆ ରିପୋର୍ଟ**
- **ପ୍ରଦୂଷଣ ମୁକ୍ତ ହେବାକୁ ଭାରତକୁ ଲାଗିବ ଆହୁରି ୧୮୮ ବର୍ଷ**

୨୧୨୮ ବେଳକୁ ସମ୍ପୂର୍ଣ୍ଣ ଭାବେ ପ୍ରଦୂଷଣ ମୁକ୍ତ ହେବ। ବାୟୁ ପ୍ରଦୂଷଣ କାରଣରୁ ଭାରତରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି। ଏଥିରେ ଜୀବାଶ୍ମ ଇନ୍ଧନ ବ୍ୟବହାର ହିଁ ମୁଖ୍ୟ କାରଣ ବୋଲି କୁହାଯାଇଛି। ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ବିଭିନ୍ନ ଯୋଜନା ଓ ନୀତିରେ ଉନ୍ନତ ଆଣିଲେ ପ୍ରଦୂଷଣ ଓ ଶକ୍ତି ସଂକଟକୁ ଆହୁରି ଭଲ ଭାବେ ସାମ୍ନା କରିହେବ। ଭାରତ ପୂର୍ବରୁ ସବୁଠାରୁ ପ୍ରଦୂଷିତ ଦେଶଗୁଡିକ ମଧ୍ୟରେ ସାମିଲ ରହିଛି। ବିଶ୍ୱର ସବୁଠାରୁ ୧୦୦ଟି ପ୍ରଦୂଷିତ ସହରଗୁଡିକ ମଧ୍ୟରୁ କେବଳ ୮୦ଟି ଭାରତରେ ହିଁ ରହିଛି। ଭାରତରେ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ବିଭିନ୍ନ ଶିଳ୍ପାନୁଷ୍ଠାନ, ବାହନରୁ ବାହାରୁଥିବା ଧୂଆଁ, ନିର୍ମାଣ କାର୍ଯ୍ୟରୁ ବାହାରୁଥିବା ଧୂଳି, କୋଇଲା ଦ୍ୱାରା ଚାଲୁଥିବା ତାପଜ ବିଦ୍ୟୁତ କେନ୍ଦ୍ର, ଅଳିଆ ଆବର୍ଜନା ଜଳାଇବା ଓ ଗାଁ ଗହଳିରେ କାଠ ଜଳାଇ ଖାଦ୍ୟ ପ୍ରସ୍ତୁତ କରିବା। ତେଣୁ ସ୍ୱଚ୍ଛ ଶକ୍ତି ଓ ଅକ୍ଷୟ ଶକ୍ତିର ବହୁଳ ବ୍ୟବହାର ହେଲେ ଓ ପାରମ୍ପରିକ ଶକ୍ତିର ବ୍ୟବହାରକୁ ପରିହାର କଲେ ପ୍ରଦୂଷଣ କମିବ ଓ ବାୟୁମଣ୍ଡଳରେ ଶୁଦ୍ଧତା ଆସିବ। ସ୍ୱଚ୍ଛ ଶକ୍ତିର ଅର୍ଥ ହେଉଛି ଯାହାର ବ୍ୟବହାରରେ ବିଷାକ୍ତ ଗ୍ୟାସ ବାହାରୁ ନଥିବା। ଅକ୍ଷୟ ଶକ୍ତି ହେଉଛି ପ୍ରକୃତିରୁ ମିଳୁଥିବା ଶକ୍ତି। ଏହାର ଉଦାହରଣ ହେଉଛି ସୌର, ପବନ ଓ ଜଳ ଶକ୍ତି।

### ଜର୍ମାନୀରେ ରାହୁଲଙ୍କ ଅଭିଯୋଗ

## ବିଜେପି ସମ୍ବିଧାନ ଶେଷ କରିବାକୁ ଚାହୁଁଛି

ନୂଆଦିଲ୍ଲୀ, ୨୩।୧୨ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିଜ ଜର୍ମାନୀ ଗସ୍ତରେ ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି। ରାହୁଲ ଅଭିଯୋଗ କରିଛନ୍ତି ଯେ ବିଜେପି ଭାରତର ସମ୍ବିଧାନକୁ ଶେଷ କରିବା ପାଇଁ ଷଡ଼ଯନ୍ତ୍ର କରୁଛି। ସବୁ ନାଗରିକଙ୍କୁ ସମାନ ଅଧିକାରୀ ଦେଉଥିବା ମୂଳ ଭାବନାକୁ ହଟାଇବାକୁ ଚାହୁଁଛି। ଭାରତର ପ୍ରତିଷ୍ଠାନଗୁଡ଼ିକୁ ବିଜେପି କବଜା କରିଛି। କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଅପବ୍ୟବହାର କରୁଛି। ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ସ୍ୱାଧୀନ ଭାବେ କାର୍ଯ୍ୟ କରିପାରୁନାହାନ୍ତି।



ବିଜେପି ଭାରତର ସାଂଗଠନିକ ବ୍ୟବସ୍ଥାକୁ ଦଖଲ କରିସାରିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସିବିଆଇ ଭଳି ଏଜେନ୍ସିଗୁଡ଼ିକୁ ରାଜନୈତିକ ଅସ୍ତ୍ରରେ ପରିଣତ କରାଯାଇଛି। ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଆକ୍ରମଣ କେବଳ ଭାରତ ଉପରେ ନୁହେଁ, ବରଂ ସାରା ବିଶ୍ୱରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆକ୍ରମଣ। ବର୍ଲିନର ହର୍ଟି ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ରାହୁଲ ଏହି ଟିପ୍ପଣୀ ଦେଇଥିଲେ।

ରାହୁଲ କହିଥିଲେ ଯେ ବିଜେପି ଏହାର ରାଜନୈତିକ ଶକ୍ତି ବୃଦ୍ଧି ପାଇଁ ପ୍ରତିଷ୍ଠାନଗୁଡ଼ିକୁ ବ୍ୟବହାର କରୁଛି। ଏଜେନ୍ସି ମାଧ୍ୟମରେ ବିରୋଧୀ ଦଳକୁ ନିଶାଣ କରୁଛି। । ବିଜେପି ବିରୋଧରେ ଇଡି ଏବଂ ସିବିଆଇରେ କୌଣସି ମାମଲା ନାହିଁ। କିନ୍ତୁ ଅଧିକାଂଶ ବିରୋଧୀ ରାଜନେତାଙ୍କ ବିରୋଧରେ ମାମଲା ରହିଛି। ଅନ୍ୟପଟେ ରାହୁଲଙ୍କ ଏହି ମନ୍ତବ୍ୟକୁ ବିଜେପି ମୁଖପାତ୍ର ଶେହଜାଦ ପୁନାୱାଲା ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ରାହୁଲ ବିଦେଶୀ ମାଟିରେ ଭାରତକୁ ବଦନାମ କରୁଛନ୍ତି। ତାଙ୍କୁ ବିରୋଧୀ ଦଳର ନେତା ନୁହେଁ, ଅପପ୍ରଚାରର ନେତା କହିବା ଉଚିତ। ସେ ବିଦେଶରେ ଭାରତ ବିରୋଧୀ ଲୋକଙ୍କ ଭେଟନ୍ତି। ମିଥ୍ୟା ଅଭିଯୋଗ ଏବଂ ପ୍ରଚାର ପ୍ରସାର ରାହୁଲଙ୍କ ପୂର୍ଣ୍ଣକାଳୀନ ବେଉସା ପାଲଟି ଯାଇଛି।

## ରାଜସ୍ଥାନରେ ଝିଅ-ବୋହୂଙ୍କୁ କ୍ୟାମେରା ଫୋନ ମନା

ଜୟପୁର, ୨୩।୧୨ (ଏଜେନ୍ସି): ରାଜସ୍ଥାନ ଜାଲୋରର ଏକ ପଞ୍ଚାୟତରୁ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ଏଠାକାର ୧୫ ଗ୍ରାମରେ ଝିଅ-ବୋହୂଙ୍କୁ କ୍ୟାମେରା ଫୋନ ବ୍ୟବହାର ଉପରେ କଟକଣା ଲଗାଇ ଦିଆଯାଇଛି। ପିଲାଙ୍କ ମୋବାଇଲ ବ୍ୟବହାର ବୃଦ୍ଧିକୁ ଦେଖି ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଏହି ନିଷ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହୋଇଛି। କାରଣ ମହିଳା ଏବଂ ଝିଅଙ୍କୁ କ୍ୟାମେରା ଫୋନ ବଦଳରେ କିପ୍ୟାଡ ଫୋନ ବ୍ୟବହାର କରିବାକୁ କୁହାଯାଇଛି। ୨୬ ତାରିଖରୁ ଏହି ନିୟମ କାର୍ଯ୍ୟକାରୀ ହେବ। ସମ୍ପ୍ରଦାୟର ବୋହୂ ଏବଂ ଅବିବାହିତ ଝିଅଙ୍କ ପାଇଁ ଏହି ନିୟମ ଲାଗୁ ହେବ। ଚୌଧୁରୀ ସମାଜର ସୁନ୍ଧମାତା ପଟ୍ଟିର ପଞ୍ଚାୟତ ୧୫ଟି ଗାଁ ପାଇଁ ଏହି ନିଷ୍ପତ୍ତି ନେଇଛି। କିନ୍ତୁ ସ୍କୁଲ ଏବଂ କଲେଜ ଯାଉଥିବା ଝିଅଙ୍କୁ ପାଠପଢ଼ା ପାଇଁ ଏହି ନିୟମରୁ ବାଦ୍ ଦିଆଯାଇଛି।

ପଞ୍ଚାୟତର ନିଷ୍ପତ୍ତି ଅନୁଯାୟୀ, ଏବେ ମହିଳାମାନେ ସ୍ମାର୍ଟଫୋନ୍ ବଦଳରେ କେବଳ କିପ୍ୟାଡ୍ ଫୋନ୍ ବ୍ୟବହାର କରିପାରିବେ। ବିବାହ, ସାମାଜିକ କାର୍ଯ୍ୟକ୍ରମ ଏବଂ ପଡ଼ୋଶୀଙ୍କ ଘରକୁ ଯିବା ସମୟରେ ସେମାନଙ୍କୁ ମୋବାଇଲ୍ ଫୋନ୍ ନେବାକୁ ମଧ୍ୟ ବାରଣ କରାଯିବ। ଏହି ନିଷ୍ପତ୍ତି ନେବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଖୁବ ଭାଇରାଲ ହେବାରେ ଲାଗିଛି। ରବିବାର ଗାଜିପୁର ଗ୍ରାମରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। ୧୪ପଟ୍ଟିର ସଭାପତି ସୁଜନାରାମ ଚୌଧୁରୀ ଏହାର ଅଧ୍ୟକ୍ଷତା କରିଥିଲେ। ସେ କହିଛନ୍ତି ଯେ ଏହି ପ୍ରସ୍ତାବ ଦେବରାମ କର୍ଣ୍ଣୋଲଙ୍କ ପକ୍ଷରୁ ଦିଆଯାଇଥିଲା। ଆଲୋଚନା ପରେ ସମସ୍ତ ପଞ୍ଚ ଏଥିରେ ସହମତ ହୋଇଥିଲେ। ଏହା ଜାଲୋର ଜିଲ୍ଲାର ଗାଜିପୁରା, ପାୱଲି, କାଲଡା, ମନୋଜିଆବାସ, ରାଜିକାୱାସ, ଦାତଲାୱାସ, ରାଜପୁରା, କୋଡି, ସିଦ୍ରୋଡି, ଆଲଡି, ରୋପସି, ଖାନଦେୱଲ, ସାବିଧର, ଭିନମାଲ ଏବଂ ଖାନପୁର ଗ୍ରାମ ଉପରେ କାର୍ଯ୍ୟକାରୀ ହେବ।

ସୁଜନାରାମ ଚୌଧୁରୀ କହିଛନ୍ତି ଯେ ସ୍କୁଲ ଏବଂ କଲେଜ ଯାଉଥିବା ଝିଅଙ୍କୁ ଘରେ ସ୍ମାର୍ଟଫୋନ ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି। ମହିଳାଙ୍କ ପାଖରେ ମୋବାଇଲ୍ ଫୋନ୍ ରହିଲେ ପିଲାମାନେ ସେଗୁଡ଼ିକୁ ଅଧିକ ବ୍ୟବହାର କରୁଛନ୍ତି। ଏହା ସେମାନଙ୍କ ଆଖି ଉପରେ ଖରାପ ପ୍ରଭାବ ପକାଉଛି।ତାଙ୍କ ଦୃଷ୍ଟିଶକ୍ତି ହ୍ରାସ ପାଉଛି। ତେଣୁ ମୋବାଇଲ୍ ବ୍ୟବହାରକୁ ନିୟନ୍ତ୍ରଣ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି।

## ଅଖଲାକ୍ ହତ୍ୟା ମାମଲାରେ ୟୁପି ସରକାରଙ୍କୁ ଝଟକା

ଲକ୍ଷ୍ନୌ, ୨୩।୧୨ (ଏଜେନ୍ସି): ଗ୍ରେଟର ନୋଏଡ଼ାର ବହୁ ଚର୍ଚ୍ଚିତ ଅଖଲାକ ମବ୍ ଲିଞ୍ଚିଂ (ଭିଡ଼ ହିଂସା) ମାମଲାରେ ସୁରଜପୁର ଜିଲ୍ଲା କୋର୍ଟ ବଡ଼ ରାୟ ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ରୁଜୁ ମାମଲାକୁ ପ୍ରତ୍ୟାହାର କରିବା ପାଇଁ ପ୍ରଶାସନ କରିଥିବା ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ଦୈନିକ ଆଧାରରେ ମାମଲାର ଟ୍ରାଏଲ ଚଲାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଅଭିଯୁକ୍ତଙ୍କୁ ଆଶ୍ୱସ୍ତି ଦେବା ପାଇଁ ଚାଲିଥିବା ପ୍ରୟାସକୁ ବଡ଼ ଝଟ୍‌କା ଲାଗିଛି। ଆଜି ଶୁଣାଣି ସମୟରେ ମାମଲା ପ୍ରତ୍ୟହାର ପାଇଁ ସରକାରଙ୍କ ପକ୍ଷରୁ ନିବେଦନ କରାଯାଇଥିଲା। ତେବେ କୋର୍ଟ ଏହାକୁ ଆଧାରହୀନ କହି ଖାରଜ କରିଦେଇଥିଲେ। ମାମଲା ପ୍ରତ୍ୟାହାର ପାଇଁ କୌଣସି ସ୍ପଷ୍ଟ ଆଇନଗତ ଆଧାର ନାହିଁ ବୋଲି କହିଥିଲେ। ଏହା ସହିତ ମାମଲାର ନ୍ୟାୟିକ ପ୍ରକ୍ରିୟା ଜାରି ରହିବ ଏବଂ ମାମଲାର ଶୁଣାଣି ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଜାନୁଆରୀ ୬ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଅଖ୍‌ଲାକଙ୍କ ପରିବାରର ଓକିଲ ଏହି ରାୟକୁ

**ସମସ୍ତ ଅଭିଯୁକ୍ତଙ୍କ ମୁକ୍ତି ପାଇଁ ସରକାରଙ୍କ ପିଟିସନକୁ ଖାରଜ କଲେ କୋର୍ଟ**

ସ୍ୱାଗତ କରିଛନ୍ତି। କୋର୍ଟ ଉଦାହରଣ ସୃଷ୍ଟି କରିଛନ୍ତି ଏବଂ ପରିବାରକୁ ନ୍ୟାୟ ମିଳିଛି ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ ବିସାହାଡା ଅଖଲାକ ହତ୍ୟାକାଣ୍ଡ ସାରା ଦେଶରେ ଚର୍ଚ୍ଚାରେ ଥିଲା। ଏହାକୁ ନେଇ ସାମାଜିକ ଏବଂ ରାଜନୈତିକ ସ୍ତରରେ ବିତର୍କ ଲାଗି ରହିଥିଲା। ୨୦୧୫ ସେପ୍ଟେମ୍ବର ୨୮ରେ ଉତ୍ତର ପ୍ରଦେଶ ଦାଦରୀ ନିକଟସ୍ଥ ବିସାହଡ଼ା ସ୍ଥିତ ମହମ୍ମଦ ଅଖଲାକଙ୍କ ଗ୍ରାମରେ ଭିଡ଼ ଏକାଠି ହୋଇଥିଲେ। ସେ ବାଛୁରୀ କାଟି ମାଂସ ଖାଇଥିବା ଅଭିଯୋଗ ଲଗାଇ ଥିଲେ। ଏହାକୁ ନେଇ ଲୋକେ ହଙ୍ଗାମା କରିଥିଲେ। ତେଣୁ ସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଲୋକେ ଏଠାରେ ପିଟି ପିଟି ଅଖଲାକଙ୍କୁ ହତ୍ୟା କରିଥିଲେ। ଏହି ମାମଲାରେ ୧୯ ଜଣଙ୍କୁ ଅଭିଯୁକ୍ତ କରାଯାଇଥିଲା। ଏଥିରେ ସ୍ଥାନୀୟ ବିଜେପି ନେତାଙ୍କ ପୁଅ ବିଶାଲ ରାଣା ଏବଂ ତା ସାଙ୍ଗ ସଗା ଶିବମ ମୁଖ୍ୟ ଅଭିଯୁକ୍ତ ଥିଲା। ଉଭୟଙ୍କ ବିରୋଧରେ ହତ୍ୟା, ଦଙ୍ଗା, ଧମକ ସମେତ ଅନେକ ମାମଲା ଲଗା ଯାଇଥିଲା। ଗତ ଅକ୍ଟୋବରରେ ସମସ୍ତଙ୍କ ବିରୋଧରେ ଲାଗିଥିବା ଅଭିଯୋଗ ପ୍ରତ୍ୟାହାର ପାଇଁ ସରକାର ଆବେଦନ କରିଥିଲେ।

## ବିଜେପିର ପୂର୍ବତନ ବିଧାୟକ କୁଲଦୀପ ସେଙ୍ଗରଙ୍କୁ ଜାମିନ

ନୂଆଦିଲ୍ଲୀ, ୨୩।୧୨ (ଏଜେନ୍ସି): ଉତ୍ତରପ୍ରଦେଶର ଉନ୍ନାଓରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ମାମଲାରେ ଆଜୀବନ ଜେଲ୍ ଦଣ୍ଡ ଭୋଗୁଥିବା ବିଜେପିର ପୂର୍ବତନ ବିଧାୟକ କୁଲଦୀପ ସେଙ୍ଗରଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଦିଲ୍ଲୀ ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଏହା ସହିତ ଶୁଣାଣି ଶେଷ ହେବା ପର୍ଯ୍ୟନ୍ତ ସେଙ୍ଗରଙ୍କ ଦଣ୍ଡକୁ ଜଷ୍ଟିସ ସୁବ୍ରମଣ୍ୟନ ପ୍ରସାଦ ଏବଂ ହରୀଶ ବୈଦ୍ୟନାଥଙ୍କ ଖଣ୍ଡପୀଠ ହଟାଇ ଦେଇଛନ୍ତି। ଏହି ଦଣ୍ଡ ବିରୋଧରେ ସେଙ୍ଗର ଆବେଦନ କରିଥିଲେ। ୧୫ ଲକ୍ଷ ଟଙ୍କାର ବ୍ୟକ୍ତିଗତ ମୁଚାଲିକା ସହିତ କୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ସେ ପୀଡ଼ିତାଙ୍କଠାରୁ ୫ କିମି ଦୂରରେ ରହିବେ। ସବୁ ସୋମବାର ଥାନାରେ ହାଜର ହେବେ। ପାସପୋର୍ଟ ଜମା କରିବେ ଏବଂ ଦେଶ ଛାଡ଼ି ଯାଇପାରିବେ ନାହିଁ। ଗୋଟିଏ ବି ସର୍ତ୍ତ ଭାଙ୍ଗିଲେ ଜାମିନକୁ ରଦ୍ଦ କରିଦିଆଯିବ ବୋଲି କୋର୍ଟ କହିଛନ୍ତି।

ସୂଚନାଯୋଗ୍ୟ ଯେ କୁଲଦୀପ ସେଙ୍ଗର ଏବଂ ତାଙ୍କ ସହଯୋଗୀ ୨୦୧୭ ରେ ନାବାଳିକାଙ୍କୁ ଉଠାଇ ନେଇ ଦୁଷ୍କର୍ମ କରିଥିଲେ। ସିବିଆଇ ଏହି ମାମଲାର ଯାଞ୍ଚ କରିଥିଲା। ଦିଲ୍ଲୀର ତିସ୍ ହଜାରି କୋର୍ଟ ୨୦୧୯ ଡିସେମ୍ବର ୨୦ରେ କୁଲଦୀପକୁ ଆଜୀବନ ଜେଲ୍‌ଦଣ୍ଡରେ ଦଣ୍ଡିତ କରି ମୃତ୍ୟୁ ପର୍ଯ୍ୟନ୍ତ ଜେଲ୍‌ରେ ରଖିବାକୁ କହିଥିଲେ। ୨୫ ଲକ୍ଷ ଟଙ୍କା ଜୋରିମାନା ମଧ୍ୟ ଲଗାଇ ଥିଲେ। ଏହା ପରେ ସେଙ୍ଗରର ବିଧାନସଭା ସଦସ୍ୟତା ରଦ୍ଦ କରିଦିଆଯାଇଥିଲା। ବିଜେପି ତାଙ୍କୁ ଦଳରୁ ବାହାର କରି ଦେଇଥିଲା। ଏହି ମାମଲାର ତଦନ୍ତ ଏବଂ ଟ୍ରାଏଲ ଠିକ୍‌ରେ ହେଉ ନ ଥିବାରୁ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଥିଲେ। ମାମଲାକୁ ଦିଲ୍ଲୀ ଟ୍ରାନ୍ସଫର କରିଥିଲେ। ସେହିପରି ପୀଡ଼ିତା ଏବଂ ତାଙ୍କ ମାଆ କୋର୍ଟରେ ହାଜର ହେବାକୁ ଯାଉଥିବାବେଳେ ସେଙ୍ଗର ଗାଡ଼ି ଦୁର୍ଘଟଣାରେ ଉଭୟଙ୍କୁ ମାରିବାକୁ ଚେଷ୍ଟା କରିଥିଲା। ତେବେ ଉଭୟେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହା ବ୍ୟତୀତ ନାବାଳିକାଙ୍କ ପିତାଙ୍କୁ ପୁଲିସ ହେପାଜତରେ ମାରି ଦିଆଯାଇଥିଲା। ଏଭଳି ଜଘନ୍ୟ ମାମଲାରେ କୁଲଦୀପଙ୍କୁ ଜାମିନ ମିଳିଥିବାରୁ ଲୋକେ ରାୟକୁ ସମାଲୋଚନା କରୁଛନ୍ତି।

## ଦୁଇ ପିଲାଙ୍କୁ ମାରି ବାପା ଓ ଜେଜେମାଙ୍କ ଆତ୍ମହତ୍ୟା

ତିରୁଅନନ୍ତପୁରମ, ୨୩।୧୨ (ଏଜେନ୍ସି): କେରଳ କନ୍ନୁର ଜିଲ୍ଲାର ରାମନଥାଲି ଗ୍ରାମରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ୨ ସନ୍ତାନଙ୍କୁ ହତ୍ୟା କରି ବାପା ଏବଂ ତାଙ୍କ ମା ଆତ୍ମହତ୍ୟା କରିଛନ୍ତି। ପିଲାଙ୍କ ହେପାଜତକୁ ନେଇ ସ୍ୱାମୀ ଏବଂ ଅଲଗା ରହୁଥିବା ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଚାଲିଥିଲା। ଏହି ହତ୍ୟାକାଣ୍ଡ ପୂର୍ବରୁ ୨ ସନ୍ତାନ ହିମା (୬) ଏବଂ କାନନ (୨) ନିଜ ବାପାଙ୍କ ପାଖରେ ରହୁଥିଲେ। ମାତ୍ର ଅଲଗା ହୋଇ ରହିଥିବା ସ୍ତ୍ରୀଙ୍କ ପାଖକୁ ସନ୍ତାନଙ୍କୁ ପଠାଇବାର ସମୟ ନିକଟତର ହେବାରୁ ସ୍ୱାମୀ କଲାଧରଣ କେଟି (୩୬) ସୋମବାର ରାତିରେ ଏଭଳି ଜଘନ୍ୟ କାଣ୍ଡ ଘଟାଇ ଥିଲେ। ମାଆ ଉଷା (୫୬) ଏବଂ ପୁଅ ୨ ପିଲାଙ୍କୁ କ୍ଷୀରରେ ବିଷ ଦେଇ ହତ୍ୟା କରିଥିଲେ ବୋଲି ପୁଲିସ କହିଛି। ଘରୁ ବିଷାକ୍ତ କ୍ଷୀର ମିଳିଛି। ସୂଚନା ଅନୁଯାୟୀ, କଲାଧରନଙ୍କ ସ୍ତ୍ରୀ ନୟନତାରା ପିଲାଙ୍କ ହେପାଜତ ପାଇଁ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ କୋର୍ଟ ସନ୍ତାନଙ୍କୁ ସ୍ତ୍ରୀଙ୍କ ପାଖକୁ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ମଙ୍ଗୋଲିଆ ସୀମାରେ ଚୀନ୍‌ର ପରମାଣୁ ଅସ୍ତ୍ର ଭଣ୍ଡାର

ୱାସିଂଟନ, ୨୩।୧୨ (ଏଜେନ୍ସି): ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଚୀନ୍ ନିଜକୁ ଆଗରେ ରଖିବା ପାଇଁ ପ୍ରୟାସ ଜାରି ରଖିଛି। ଏହି କ୍ରମରେ କମ୍ୟୁନିଷ୍ଟ ରାଷ୍ଟ୍ର ବର୍ଷକୁ ପ୍ରାୟ ୧୦୦ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଛି। ଏହି ପରମାଣୁ ଅସ୍ତ୍ରଶସ୍ତ୍ର ଘାଟୀକୁ ନେଇ ଆମେରିକା ପ୍ରତିରକ୍ଷା ମନ୍ତ୍ରାଳୟ ପେଣ୍ଟାଗନ ପକ୍ଷରୁ ବଡ଼ ସୂଚନା ଦିଆଯାଇଛି। ନିଜ ପରମାଣୁ ପରମାଣୁ ଅସ୍ତ୍ରଶସ୍ତ୍ର ଗଚ୍ଛିତ ରଖିବାକୁ ପାଇଁ ଚୀନ୍ ମଙ୍ଗୋଲିଆ ସୀମା ନିକଟରେ ଏକ ସିଲ୍ଡ ତଥା ଉଚ୍ଚ ସୁରକ୍ଷା ବ୍ୟବସ୍ଥା ଥିବା ଭୂତଳ ଠିକଣା ନିର୍ମାଣ କରିଛି। ଭାରତ ସୀମାରୁ ପ୍ରାୟ ୨୫୦୦ କିମି ଦୂର ସ୍ଥିତ ସହର ୟୁମେନ୍ ଏବଂ ହାମିରେ ଚୀନ୍ ସର୍ବାଧିକ ପରମାଣୁ କ୍ଷେପଣାସ୍ତ୍ର ରହିଛି। ଚୀନ୍ ନିଜ ପରମାଣୁ କାର୍ଯ୍ୟକ୍ରମକୁ ହ୍ରାସ କରିବା ପରିବର୍ତ୍ତେ ବୃଦ୍ଧି କରିଚାଲିଛି।ଆମେରିକାର ଚାପ ସତ୍ତ୍ୱେ ୧୦୦ଟି ପରମାଣୁ କ୍ଷେପଣାସ୍ତ୍ରକୁ ଚୀନ୍ ଏକ ସିଲ୍ଡ ମଧ୍ୟରେ ଲୁଚାଇ ରଖିଛି। ଅଟୋମିକ ସାଇନ୍ସ ଜର୍ଣ୍ଣାଲରେ ଏହି ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ଏବେ ଚୀନ୍ ନିକଟରେ ୬୦୦ ପରମାଣୁ ଅସ୍ତ୍ର ରହିଛି। ଏହା ମଧ୍ୟରେ ୧୨ଟି ପରମାଣୁ ବୁଡ଼ାଜାହାଜ ସାମିଲ ରହିଛି। ଚୀନ ବର୍ଷକୁ ପ୍ରାୟ ୧୦୦ଟି ପରମାଣୁ ଅସ୍ତ୍ର ପ୍ରସ୍ତୁତ କରୁଛି। ଅଧିକାଂଶ ପରମାଣୁ ଅସ୍ତ୍ରକୁ ଏହି ଦେଶ ମଙ୍ଗୋଲିଆ କିମ୍ବା ଆଫଗାନିସ୍ତାନ ସୀମାରେ ନିର୍ମାଣ କରୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ପରମାଣୁ ଅସ୍ତ୍ରଶସ୍ତ୍ର ଦୌଡ଼ରେ ଚୀନ୍ ରୁଷ ଏବଂ ଆମେରିକାକୁ ପଛରେ ପକାଇବାକୁ ଚେଷ୍ଟା କରୁଛି। ଏବେ ଆମେରିକା ଏବଂ ରୁଷ୍ ନିକଟରେ ୫୦୦୦ରୁ ଅଧିକ ପରମାଣୁ ଅସ୍ତ୍ର ଅଛି। ଭାରତ ପାଖରେ ୧୮୦ଟି ଏବଂ ପାକିସ୍ତାନ ପାଖରେ ୧୭୦ଟି ପରମାଣୁ ଅସ୍ତ୍ର ରହିଛି। ଏସିଆରେ କେବଳ ଚୀନ୍, ଭାରତ ଏବଂ ପାକିସ୍ତାନ ପାଖରେ ପରମାଣୁ ଅସ୍ତ୍ର ରଖିଛନ୍ତି। ପୂର୍ବରୁ ଟ୍ରମ୍ପ ପରମାଣୁ ଅସ୍ତ୍ରଶସ୍ତ୍ରର ପୁନଃ ପରୀକ୍ଷଣ ଆରମ୍ଭ କରିବା ପାଇଁ ନିଜ ସେନାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଚୀନ୍ ଏବଂ ରୁଷ୍‌ର ପରମାଣୁ ଅସ୍ତ୍ରଶସ୍ତ୍ର ବୃଦ୍ଧିକୁ ଦେଖି ଏହି ନିଷ୍ପତ୍ତି ନେଇଥିଲେ।

- **ଚୀନ୍ ପାଖରେ ୬୦୦ ପରମାଣୁ ଅସ୍ତ୍ର**
- **ବର୍ଷକୁ ୧୦୦ ପରମାଣୁ ଅସ୍ତ୍ର ନିର୍ମାଣ**

## ନୂଆବର୍ଷ ଓ ବଡ଼ଦିନ ପୂର୍ବରୁ ଗାଡ଼ି ଯନ୍ତ୍ରଣା

# ଆଗ ଚାଲାଣ; ପରେ ପ୍ରଦୂଷଣ ସାର୍ଟିଫିକେଟ୍




ଭୁବନେଶ୍ୱର,୨୩।୧୨(ସମିସ): ରାଜ୍ୟରେ ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ୍ (ପିୟୁସିସି) ନବୀକରଣକୁ ନେଇ ଆରମ୍ଭ ହୋଇଛି ଲମ୍ବାଧାଡ଼ି। ରାଜ୍ୟ ପରିବହନ ବିଭାଗର ୧୫ ଦିନିଆ ମହଲତ ପରେ ରାଜ୍ୟରେ ବିଶେଷକରି ଭୁବନେଶ୍ୱରରେ ଆଜି ସବୁ ପିୟୁସି କେନ୍ଦ୍ର ଆଗରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି। ଅନେକ ଲୋକ ପଲ୍ୟୁସନ୍ ସାର୍ଟିଫିକେଟ୍ ନବୀକରଣ କରୁଥିବା ବେଳେ ଅଧିକାଂଶ ଲୋକ ନିଜର ପୁରୁଣା

■ ପୁରୁଣା ଚାଲାଣ ଥିଲେ ହୋଇପାରୁନି ପିୟୁସି
■ ପରିବହନ ବିଭାଗର ନିର୍ଦ୍ଦେଶ ପରେ ଲୋକେ ଛାନିଆ

ଚାଲାଣ ପାଇଁ ଫସି ରହିଛନ୍ତି। ଯେଉଁ ଗାଡ଼ି ମାଲିକମାନଙ୍କ ନାମରେ କୌଣସି ନିୟମ ଉଲ୍ଲଙ୍ଘନ ପାଇଁ ଚାଲାଣ ରହିଛି, ସେମାନେ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ସାର୍ଟିଫିକେଟ୍ କରାଇବାରେ ବିଫଳ ହେଉଛନ୍ତି। ଏଥିପାଇଁ ସେମାନଙ୍କୁ ପ୍ରଥମେ ନିଜର ଚାଲାଣ ଅନୁଯାୟୀ ଆର୍ଥିକ ଜରିମାନା ରାଶି ପୈଠ କରିବାକୁ ବାଧ୍ୟତାମୂଳକ କରାଯାଇଛି। ପରିବହନ ବିଭାଗର ଏଭଳି ନିୟମ ଓ ଚାଲାକୀ ଯୋଗୁଁ ଏବେ ଯେଉଁମାନେ ଦୀର୍ଘ ଦିନ ହେବ ଚାଲାଣ ପାଇଁ ଜରିମାନା ଦେଇ ନ ଥିଲେ ସେମାନଙ୍କ ମୁଣ୍ଡରେ ଚିନ୍ତା ପଶିଛି।

ନିକଟରେ ରାଜ୍ୟ ପରିବହନ ବିଭାଗ ଯେଉଁମାନଙ୍କର ପଲ୍ୟୁସନ୍ ସାର୍ଟିଫିକେଟ୍ ନାହିଁ, ସେମାନଙ୍କୁ ପେଟ୍ରୋଲ ଟାଙ୍କିରେ ତେଲ ଦିଆଯିବ ନାହିଁ ବୋଲି ନିୟମ କରିଛି। ଆସନ୍ତା ଜାନୁଆରୀ ୧ ପର୍ଯ୍ୟନ୍ତ ଏହି ନିୟମ ବିଷୟରେ ସଚେତନ କରିବା ସହ ଏହାପରେ କଡ଼ାକଡ଼ି ନିୟମ ପାଳନ ପାଇଁ ବିଭାଗ ନିଷ୍ପତ୍ତି ନେଇଛି। ଯଦି ଏହି କ୍ଷେତ୍ରରେ କେହି ନିୟମ ଉଲ୍ଲଂଘନ ଅର୍ଥାତ ପଲ୍ୟୁସନ୍ ସାର୍ଟିଫିକେଟ୍ ନ କରିଥାନ୍ତି, ତେବେ ସେମାନଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ରାଶି ଆଦାୟ କରାଯିବା ନେଇ ବ୍ୟବସ୍ଥା ହୋଇଛି। ସରକାରଙ୍କ ଏହି କଡ଼ା କଟକଣା ପରେ ଲୋକେ ଏବେ ପଲ୍ୟୁସନ୍ ସାର୍ଟିଫିକେଟ୍ କରାଇବା ପାଇଁ ଏହି କେନ୍ଦ୍ରଗୁଡ଼ିକ ନିକଟରେ ଧାଡ଼ି ଲଗାଇଛନ୍ତି। ମଙ୍ଗଳବାର ରାଜଧାନୀର ଅଧିକାଂଶ ପଲ୍ୟୁସନ୍ ସାର୍ଟିଫିକେଟ୍ ପ୍ରଦାନକାରୀ କେନ୍ଦ୍ର ଆଗରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଛି। ଏପରି ସ୍ଥଳରେ ଭୁବନେଶ୍ୱରରେ ଟ୍ରାଫିକ୍ ଚାଲାଣ ବାବଦକୁ ଜରିମାନା ପୈଠ କେନ୍ଦ୍ରଗୁଡ଼ିକରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଅନେକ ଗାଡ଼ି ଚାଳକ ବିନା କାରଣରେ ଜରିମାନା ହୋଇଥିବା ନେଇ ଅଭିଯୋଗ ଆଣିଛନ୍ତି। ଭୁବନେଶ୍ୱର ଟ୍ରାଫିକ୍ ଥାନା-୧ ନିକଟରେ ଜରିମାନା ପୈଠ କରିବାକୁ ଆସିଥିବା ଜଣେ ବ୍ୟକ୍ତି କହିଛନ୍ତି ଯେ, ପୁରୀରେ ଜଣେ ବାଇକ୍ ଚାଳକ ଆଇନ ଉଲଙ୍ଘନ କରୁଛି। ହେଲେ ଭୁବନେଶ୍ୱରରେ ଥିବା କାର ମାଲିକଙ୍କ ପାଖକୁ ଚାଲାଣ ଆସିଛି। ପରିବହନ ବିଭାଗର ଏହି ବିଚିତ୍ର ବ୍ୟବସ୍ଥାକୁ ନେଇ ସେ ପ୍ରଶ୍ନ କରିବା ସହ ନୋପାର୍କିଂରେ ଗାଡି, ହେଲେ ବିନା ହେଲମେଟରେ ଫାଇନ୍ ଆସିଥିବା ସେ କହିଛନ୍ତି। ଏମିତି ଫାଇନ ଆସୁଛି ଯେ କ'ଣ କରିବେ ବୋଲି ଉପାୟ ପାଇ ପାରୁନାହାନ୍ତି। ଚାକିରି କରିବେ ନା ଫାଇନ ଭରିବେ, ତାକୁ ନେଇ ଗାଡ଼ି ଚାଳକ ଚିନ୍ତାରେ ପଡ଼ିଛନ୍ତି।

ରାଜ୍ୟରେ ଏଭଳି ଚାଲାଣ କରିବା ଦ୍ୱାରା ପ୍ରାୟ ୩୧ ଲକ୍ଷ ଚାଲାଣ ପଡ଼ି ରହିଥିଲା। ଏହାକୁ ଦୃଷ୍ଟିରେ ରଖି ପରବିନ ବିଭାଗ ଅଧିକାଂଶ ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ ହୋଇଥିବା ଜରିମାନା ରାଶିକୁ ଅଧାକୁ ହ୍ରାସ କରି ଏହି ଚାଲାଣ ପୈଠ କରିବାକୁ ଲୋକଙ୍କୁ ଉତ୍ସାହିତ କରିଥିଲା। ମାତ୍ର ଏଥିରେ ବି ଆଶାନୁରୂପ ସଫଳତା ନ ମିଳିବା ପରେ ଏବେ ପିୟୁସି ସାର୍ଟିଫିକେଟ୍‌କୁ ଆୟୁଧ କରାଯାଇଛି। ଯେହେତୁ ପିୟୁସିସି କରିବା ପାଇଁ ହେଲେ ଚାଲାଣ ପୈଠ କରିବା ବାଧ୍ୟତାମୂଳକ ରହିଛି, ତେଣୁ କିଛି ଲୋକ ଏବେ ଚାଲାଣ ବାବଦରେ ଜରିମାନା ରାଶି ପୈଠ କରିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପଟେ ଚାଲାଣ ଓ ପିୟୁସି ପାଇଁ ବିଭିନ୍ନ ସ୍ଥାନରେ ଭିଡ଼ ହେବା ପରେ ଆଜି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି ଇ-ଚାଲାଣ ବକେୟା ଥିଲେ ପ୍ରଦୂଷଣ ଯାଞ୍ଚରେ ପ୍ରତିବନ୍ଧକ କଥା ପ୍ରଚାରିତ ହେଉଛି। ମାତ୍ର ଏଠାରେ ସ୍ପଷ୍ଟ କରାଯାଉଛି ଯେ କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ (ନିୟମ ୧୬୭) ଅନୁଯାୟୀ ୯୦ ଦିନରୁ ଅଧିକ ଦିନ ଧରି ବକେୟା ଥିବା ଇ-ଚାଲାଣ ପାଇଁ ଏହା ଲାଗୁ ହୋଇଥାଏ। ୯୦ ଦିନରୁ କମ୍ ଦିନ ବକେୟା ଥିବା ଚାଲାଣ ପାଇଁ ବୈଧ ପ୍ରଦୂଷଣ ପତ୍ର ପାଇବାରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ବିଭାଗ କହିଛି।

## ଓଏଚ୍ଆର୍‌ସିକୁ ଗଲା ପିୟୁସିସି ମାମଲା

ଭୁବନେଶ୍ୱର,୨୩।୧୨(ସମିସ): ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ପରିବେଶ ପ୍ରଦୂଷଣ ରୋକିବା ପାଇଁ ଅଳ୍ପ ସମୟ ମଧ୍ୟରେ ସମସ୍ତ ଯାନର ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ୍ କରିବା ପାଇଁ ଯେଉଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ତାହାକୁ ପରିବର୍ତ୍ତନ କରି ଆସନ୍ତା ୬ ମାସ ପର୍ଯ୍ୟନ୍ତ ଏହାର ସମୟ ସୀମାକୁ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦେବାକୁ ମାନବାଧିକାର କମିଶନଙ୍କ ନିକଟରେ ପିଟିସନ ଦାଖଲ କରାଯାଇଛି। ପରିବହନ ବିଶେଷଜ୍ଞ ତଥା ବରିଷ୍ଠ ଆଇନ୍‌ଜୀବୀ ସୁବ୍ରତ କୁମାର ନନ୍ଦ ଏହି ପିଟିସନ ଦାଖଲ କରି କହିଛନ୍ତି ଯେ, ମଟର ଯାନ ଆଇନ୍ ଅନୁସାରେ ଜୋରିମାନା ନ ଦେଲେ ପ୍ରଦୂଷଣ ସାର୍ଟିଫିକେଟ୍ ମିଳିବ ନାହିଁ ବୋଲି କୌଣସି ବ୍ୟବସ୍ଥା ନାହିଁ। ମାତ୍ର ରାଜ୍ୟ ପରିବହନ ପ୍ରାଧିକରଣଙ୍କ ପକ୍ଷରୁ ଯେଉଁ ଗାଡ଼ି ଗୁଡିକର ପୁରୁଣା ମଟର ଯାନ ସଂପର୍କୀୟ ମାମଲା ଅଛି ତାହାର ଜୋରିମାନା ଦାଖଲ କଲାପରେ ପ୍ରଦୂଷଣ ସାର୍ଟିଫିକେଟ୍ ମିଳିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହାକୁ ତୁରନ୍ତ ବନ୍ଦ କରିବାକୁ କମିଶନଙ୍କ ନିକଟରେ ଉଲ୍ଲେଖ କରାଯାଇଛି। ରାଜ୍ୟ ସରକାରଙ୍କ ଘୋଷଣା ଯୋଗୁଁ ସାରା ରାଜ୍ୟରେ ପ୍ରଦୂଷଣ ପ୍ରମାଣ ପତ୍ର ପାଇଁ ଯାନବାହନ ମାଲିକ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିନା ପ୍ରଦୂଷଣରେ ଗାଡି ଚଳାଇଲେ ମୋଟର ଯାନ ଆଇନ୍ ଅନୁଯାଇ ୧୦ହଜାର ଟଙ୍କା ଫାଇନ୍ ଦେବାର ବ୍ୟବସ୍ଥା ଅଛି। କିନ୍ତୁ ସେହି ଆଇନ୍ ଅନୁସାରେ ଯଦି ୭ ଦିନ ଭିତରେ ପ୍ରଦୂଷଣ ପ୍ରମାଣ ପାତ୍ର ସେହି ଲୋକଟି ଦାଖଲ କରେ ତା ହେଲେ ତାହାର ପ୍ରଦୂଷଣ ଜୋରିମାନାକୁ କାଟିବାର ବ୍ୟବସ୍ଥା ଅଛି। ମାତ୍ର ରାଜ୍ୟ ସରକାର ଆଇନ୍‌କୁ ଉଲଂଘନ କରି ବିଭିନ୍ନ ଜାଗାରେ ଲୋକମାନଙ୍କ ଠାରୁ କୋଟି କୋଟି ଟଙ୍କା ଜୋରିମାନା ଆଦାୟ କରିଛନ୍ତି। ବିଭିନ୍ନ ସମୟରେ ମଟର ଯାନ ଆଇନ୍‌ର ଧାରାକୁ ଉଲଂଘନ କରି ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତେଣୁ ଏହି ଘଟଣାରେ କମିଶନ ହସ୍ତକ୍ଷେପ କରି ଜୋରିମାନା ଥିଲେ ମଧ୍ୟ ପ୍ରଦୂଷଣ ସାର୍ଟିଫିକେଟ୍ ଦେବାର ବ୍ୟବସ୍ଥା କରିବାକୁ ଏହି ପିଟିସନ୍‌ରେ ଉଲ୍ଲେଖ କରାଯାଇଛି।

## ୧୫୦ଟି ଆମ୍ବୁଲାନ୍ସ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୩।୧୨(ସମିସ): ରାଜ୍ୟରେ ଜରୁରୀକାଳୀନ ଆମ୍ବୁଲାନ୍ସ ସେବାରେ ଅଧିକ ଉନ୍ନତି ଆଣିବା ପାଇଁ ପର୍ଯ୍ୟାୟକ୍ରମେ ପୁରୁଣା ଆମ୍ବୁଲାନ୍ସ ଗୁଡିକୁ ବଦଳାଯାଇ ନୂଆ ଆମ୍ବୁଲାନ୍ସ ଅଣାଯାଉଅଛି। ସ୍ୱାସ୍ଥ୍ୟ ସେବାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଆହୁରି ୧୦୮ -ଜରୁରୀକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବା(ଇଏମଏଏସ-ଆମ୍ବୁଲାନ୍ସ) କ୍ରୟ କରାଯାଇଛି। ୪୨୮ ଟି ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ୧୧୧ କୋଟି ଖର୍ଚ୍ଚ କରିଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟାଡିୟମ ଠାରେ ୧୫୦ ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗୀୟ କମିଶନର ତଥା ସଚିବ ଅଶ୍ୱତୀ ଏସଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୪୨୮ ଟି ନୂଆ ୧୦୮ ଆମ୍ବୁଲାନ୍ସ କ୍ରୟ କରାଯାଇଛି। ୪୧୯ ଟି ପୁରୁଣା ଆମ୍ବୁଲାନ୍ସ, ଦୁର୍ଘଟଣାରେ ସମ୍ପୂର୍ଣ ନଷ୍ଟ ହୋଇଯାଇଥିବା ୨ଟି ଆମ୍ବୁଲାନ୍ସକୁ ପରିବର୍ତ୍ତନ କରାଯାଇ ସେଗୁଡ଼ିକ ସ୍ଥାନରେ ନୂଆ ଆମ୍ବୁଲାନ୍ସ ବ୍ୟବହାର କରାଯିବ। ଏହା ବ୍ୟତୀତ ବାଣିଜ୍ୟ ଏବଂ ପରିବହନ ବିଭାଗରେ ବିମାନବନ୍ଦର/ଏୟାରଷ୍ଟ୍ରିପ୍‌ରେ ବ୍ୟବହାର ପାଇଁ ୫ଟି ଏଏଲଏସ ଆମ୍ବୁଲାନ୍ସ ଏବଂ ଝାରସୁଗୁଡ଼ା କାର୍ଡିଆକ୍ କେୟାର୍ ହସ୍ପିଟାଲ୍ ପାଇଁ ୨ଟି ଏଏଲଏସ ଆମ୍ବୁଲାନ୍ସ ବ୍ୟବହାର କରାଯିବ। ରାଜ୍ୟରେ ଦୈନିକ ୫ ହଜାର ରୋଗୀଙ୍କୁ ୧୦୮ -ଆମ୍ବୁଲାନ୍ସ ଜରିଆରେ ବିଭିନ୍ନ ହସ୍ପିଟାଲକୁ ନିଆଯାଉଛି।

■ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି

## ହାଇକୋର୍ଟରେ ମାମଲା ଖାରଜ

କଟକ,୨୩।୧୨(ସମିସ): ବିଧାନସଭାରେ ବିଧାୟକ ମାନଙ୍କର ଦରମା ଓ ଭତ୍ତାକୁ ଅହେତୁକ ବୃଦ୍ଧି କରାଯାଇଥିବା ନିଷ୍ପତ୍ତିକୁ ବିରୋଧ କରି ଦାୟର ମାମଲାର ଶୁଣାଣି ପାଇଁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଆଇନଜୀବୀ କବିତା ପାତ୍ରଙ୍କ ତରଫରୁ ଦାୟର ଏହି ମାମଲାକୁ ଖାରଜ କରିଛନ୍ତି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ। ମାମଲା ଶୁଣାଣି ସମୟରେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଅଦାଲତଙ୍କୁ ଅବଗତ କରିଥିଲେ ଯେ, ଓଡିଶା ବିଧାନସଭାରେ ପାରିତ ହୋଇଥିବା ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ସମ୍ପର୍କିତ ନିଷ୍ପତ୍ତିକୁ ଚାଲେଞ୍ଜ କରି ଏହି ମାମଲା ଦାୟର ହୋଇଛି। ଏହା ରାଜ୍ୟପାଳଙ୍କ ଅନୁମୋଦନ ଲାଭ କରି ଆଇନରେ ପରିଣତ ହୋଇନଥିବା ବେଳେ ଏହାକୁ ଚାଲେଞ୍ଜ କରି ଜନସ୍ୱାର୍ଥ ମାମଲା ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ଆଚାର୍ଯ୍ୟ ସୁପ୍ରିମକୋର୍ଟ ଓ ଆହ୍ଲାବାଦ ହାଇକୋର୍ଟଙ୍କ ରାୟକୁ ଦୃଷ୍ଟାନ୍ତ ଭାବେ ଉପସ୍ଥାପନ କରିଥିଲେ। ଏହି ଯୁକ୍ତିକୁ ଗ୍ରହଣ କରି ହାଇକୋର୍ଟ ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ଶେଷ ଥର ପାଇଁ ୨୦୧୭ ମସିହାରେ ବିଧାୟକଙ୍କ ଦରମା ସଂଶୋଧିତ ହୋଇଥିଲା। ମାସିକ ପାଖାପାଖି ଏକ ଲକ୍ଷ ଟଙ୍କା ପାଉଥିବା ବିଧାୟକ ଏବେ ସଂଶୋଧନ ପରେ ମୋଟ୍ ୩.୪୫ ଲକ୍ଷ ଟଙ୍କା ପାଇବେ ବୋଲି ବିଧାନସଭାରେ ସର୍ବସମ୍ମତ ନିଷ୍ପତ୍ତି ଓ ବିଲ ଗୃହୀତ ହୋଇଥିଲା। ବର୍ଦ୍ଧିତ ଦରମା ଓ ଭତ୍ତା ଦିଆଗଲେ ରାଜ୍ୟ ରାଜକୋଷରୁ ପ୍ରତିମାସରେ ୫ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେବ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ହାଇକୋର୍ଟରେ ରତ୍ନଭଣ୍ଡାର ପ୍ରସଙ୍ଗରେ ଏଏସ୍ଆଇର ସତ୍ୟପାଠ

## ଏସ୍ଓପି ପରେ ଗଣତିମଣତି

କଟକ, ୨୩।୧୨ (ସମିସ): ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ମରାମତି ଓ ଚାବି ହଜିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ) ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଛି। ଏଏସ୍ଆଇ ପକ୍ଷରୁ ଦର୍ଶାଯାଇଛି ଯେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଉଭୟ ଭିତର ଓ ବାହାର ମରାମତି କାମ ସମ୍ପୂର୍ଣ୍ଣ କରାଯାଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇ ସରିଛି। ଅନ୍ୟପଟରେ ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି ପାଇଁ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର(ଏସ୍ଓପି) ରାଜ୍ୟ ସରକାର ପ୍ରସ୍ତୁତ କରୁଛନ୍ତି ବୋଲି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଆଜି ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ଏହା ଚୂଡ଼ାନ୍ତ ହୋଇ ନଥିବାରୁ ପରବର୍ତ୍ତୀ ଶୁଣାଣି ସମୟରେ ଏହାର ସ୍ଥିତି ସମ୍ପର୍କରେ ଜଣାଇବେ ବୋଲି ଆଡଭୋକେଟ ଜେନେରାଲ କହିଥିଲେ। ଏହାକୁ ଦୃଷ୍ଟିରେ ରଖି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦୨୬ ଜାନୁଆରି ୨୭ ତାରିଖକୁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ଦିଲ୍ଲୀପ କୁମାର ବରାଳଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ତଦନ୍ତ କମିସନ ରିପୋର୍ଟ ସାର୍ବଜନୀନ କରିବା ଓ ରତ୍ନଭଣ୍ଡାର ମରାମତି ସହ ରତ୍ନ ଅଳଙ୍କାରର ଗଣତିମଣତିକୁ ନେଇ ଏହି ମାମଲା ରୁଜୁ ହୋଇଛି। ଚାବି ହଜିବା ଘଟଣାରେ ଜଷ୍ଟିସ ରଘୁବୀର ଦାସ ତଦନ୍ତ କମିସନ ରିପୋର୍ଟ ଅଦ୍ୟାବଧି ସାର୍ବଜନୀନ ହୋଇନଥିବାରୁ ଏହାର ବର୍ତ୍ତମାନର ସ୍ଥିତି ନେଇ ଆବେଦନକାରୀ ଉଠାଇଥିବା ପ୍ରସଙ୍ଗ ଉପରେ ପରବର୍ତ୍ତୀ ତାରିଖରେ ଶୁଣାଣି ହେବ ବୋଲି ଜଣାପଡ଼ିଛି। ପ୍ରକାଶଥାଉକି, ଏହି ମାମଲାରେ ରାଜ୍ୟ ସରକାର ପୂର୍ବରୁ ଦେଇଥିବା ସତ୍ୟପାଠରେ ତଦନ୍ତ କମିସନ ରିପୋର୍ଟ କ୍ୟାବିନେଟ୍‌ରେ ଉପସ୍ଥାପନ ହେବ ବୋଲି ଜଣାଇଥିଲେ। ପୁନର୍ବାର ଆଉ ଏକ ସତ୍ୟପାଠରେ ତଦନ୍ତ କମିସନଙ୍କ ରିପୋର୍ଟ ସାର୍ବଜନିନ କରିବା ବାଧ୍ୟତାମୂଳକ ନୁହେଁ ବୋଲି ମଧ୍ୟ ଜଣାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

### ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ଘଟଣା

## ଅନିଶ୍ଚିତତାରେ ପରୀକ୍ଷା, ଚିନ୍ତାରେ ଆଶାୟୀ

ଭୁବନେଶ୍ୱର, ୨୩।୧୨(ସମିସ): ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ମାମଲା ଧରା ପଡ଼ିବା ପରେ ପରୀକ୍ଷାକୁ ନେଇ ସୃଷ୍ଟି ହୋଇଛି ଅନିଶ୍ଚିତତା। ବିଜ୍ଞପ୍ତି ପ୍ରକାଶ ପାଇବାର ବର୍ଷେ ପୂରିବାକୁ ଯାଉଥିବାବେଳେ ପରୀକ୍ଷା କେବେ ହେବ, ସେ ନେଇ ସରକାର ମୁହଁ ଖୋଲୁ ନାହାନ୍ତି। ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ଅଧିକାରୀ ଓ ବୋର୍ଡ ସଦସ୍ୟମାନେ ସିବିଆଇ ସ୍କାନରରେ ଥିବାରୁ ସେମାନେ ନିରବ ରହିବାକୁ ଶ୍ରେୟସ୍କର ମଣୁଛନ୍ତି। ଏପରିକି ପରୀକ୍ଷା କରିବାକୁ କୌଣସି ପ୍ରକାର ଆଗ୍ରହ ମଧ୍ୟ ପ୍ରକାଶ କରୁ ନାହାନ୍ତି। ଏପରି ଅନିଶ୍ଚିତତା ମଧ୍ୟରେ ନିଯୁକ୍ତି ବିଜ୍ଞପ୍ତିକୁ ବାତିଲ କରାଯିବ ବୋଲି ଓପିଆର୍‌ବି ପକ୍ଷରୁ ସୂଚନା ଦିଆଯାଇଛି।

■ ଓପିଆର୍‌ବି ଓ ସରକାରଙ୍କ ନିରବତା ନେଇ ପ୍ରଶ୍ନ
■ ତୁରନ୍ତ ପରୀକ୍ଷା କରିବାକୁ ଆଶାୟୀଙ୍କ ଦାବି

ସୂଚନା ଅନୁସାରେ ପୂର୍ବରୁ ପ୍ରକାଶ ପାଇଥିବା ନିଯୁକ୍ତି ବିଜ୍ଞପ୍ତିକୁ ବାତିଲ୍ କରାଯାଇ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ପୁଣିଥରେ ମୂଳରୁ ଆରମ୍ଭ କରାଯିବ। ଏଥିପାଇଁ ପୁନଃ ବିଜ୍ଞପ୍ତି ପ୍ରକାଶ କରାଯିବ। ଓପିଆର୍‌ବି ପକ୍ଷରୁ ଏ ନେଇ ଅଧିକାରିକ ଭାବେ ସୂଚନା ମଧ୍ୟ ଦିଆଯାଇଛି। ପରୀକ୍ଷା ସମ୍ବନ୍ଧୀୟ ଏକ ଅଭିଯୋଗ ଉପରେ ଓପିଆର୍‌ବି ପକ୍ଷରୁ କୁହାଯାଇଛି ଯେ, ପୁଲିସ୍ ନୂତନ ବିଜ୍ଞପ୍ତି ପ୍ରକାଶ କରି ପୁନଃ ଏସ୍ଆଇ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯିବ। ଓପିଆର୍‌ବି ଏସ୍‌ପିଙ୍କ ପକ୍ଷରୁ କଟକ ମୁଖ୍ୟାଳୟର ଅତିରିକ୍ତ ଏସ୍‌ପିଙ୍କୁ ଗତ ୧୫ ତାରିଖରେ ଏନେଇ ମଧ୍ୟ ଅବଗତ କରାଯାଇଛି। ଓପିଆର୍‌ବିର ଏହି ଚିଠି ପରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ତେଜିଛି।

ପରୀକ୍ଷାକୁ ବିଳମ୍ବିତ କରିବା ପାଇଁ ଜାଣିଶୁଣି ଓପିଆର୍‌ବି ପକ୍ଷରୁ ଏପରି ପଦକ୍ଷେପ ନିଆଯାଉଥିବା ଆବେଦନକାରୀମାନେ ଅଭିଯୋଗ କରିଛନ୍ତି। ପରୀକ୍ଷା ପରିଚାଳନା ପାଇଁ ଟେଣ୍ଡର ପାଇଥିବା କମ୍ପାନୀକୁ କଳା ତାଲିକାଭୁକ୍ତ କରାଯାଇଥିଲେ ମଧ୍ୟ ଆବେଦନକାରୀଙ୍କ ତଥ୍ୟ ସମ୍ପୃକ୍ତ କମ୍ପାନୀ ଆଇଟିଆଇ ଲିମିଟେଡ୍ ଓ ଓପିଆର୍‌ବି ପାଖରେ ଅଛି। ଟେଣ୍ଡର ନିୟମ ଅନୁଯାୟୀ ସମସ୍ତ ତଥ୍ୟ ଦେବାକୁ କମ୍ପାନୀ ବାଧ୍ୟ। ତେଣୁ ନୂତନ ଟେଣ୍ଡର କରି ଅଭିଜ୍ଞତା ସମ୍ପନ୍ନ ସଂସ୍ଥାକୁ ପରିଚାଳନା ଦାୟିତ୍ୱ ଦିଆଯାଇପାରିବ। ତ୍ୱରିତ ପରୀକ୍ଷା ପାଇଁ ପଦକ୍ଷେପ ନ ନେଇ ପ୍ରାୟ ଦେଢ଼ ଲକ୍ଷ ଆଶାୟୀଙ୍କ ଜୀବନ ସହ ସରକାର ଓ ଓପିଆର୍‌ବି ଖେଳୁଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି।

ଅପରପକ୍ଷରେ ସିବିଆଇ ତଦନ୍ତରେ ଓପିଆର୍‌ବି ଅଧିକାରୀଙ୍କ ସମେତ ଆଉକିଛି ବଡ଼ବାବୁ ଆକ୍ରାମାକ୍ରା ହୋଇଛନ୍ତି। ଓପିଆର୍‌ବି ଏସ୍‌ପିଙ୍କୁ ସିବିଆଇ ଜେରା କରିଥିବାବେଳେ ଅନ୍ୟ ଅଧିକାରୀଙ୍କ ପାଳି କୌଣସି ମୁହୂର୍ତ୍ତରେ ମଧ୍ୟ ଆସିପାରେ। ଏଣୁ ସେମାନେ ପରୀକ୍ଷାକୁ ତ୍ୱରାନ୍ୱିତ କରିବାରେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏପରିକି ପରୀକ୍ଷା ତ୍ୱରାନ୍ୱିତ କରିବାକୁ ସରକାର ମଧ୍ୟ କୌଣସି ନିର୍ଦ୍ଦେଶନାମା ଜାରି କରୁ ନାହାନ୍ତି। ଫଳରେ ଅଧିକାରୀମାନେ ନିରବ ରହିବାକୁ ଶ୍ରେୟସ୍କର ମଣୁଛନ୍ତି। ଗତ ମାସରେ ଆଶାୟୀମାନେ ଓପିଆର୍‌ବି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତ୍ୱରିତ ପରୀକ୍ଷା କରିବାକୁ ଦାବି କରିଥିଲେ। ହେଲେ ମଧ୍ୟ ସରକାର ବା ଓପିଆର୍‌ବି କର୍ଣ୍ଣପାତ କରୁ ନ ଥିବାରୁ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବେ ବୋଲି ଯୋଜନା କରୁଛନ୍ତି। ପୁଣି ସମସ୍ତ ବର୍ଦ୍ଧିଧାରୀଙ୍କ ନିଯୁକ୍ତି ପାଇଁ ସରକାର ଓଡ଼ିଶା ୟୁନିଫର୍ମ କର୍ମଚାରୀ ଚୟନ ଆୟୋଗ (ଓୟୁଏସ୍‌ଏସ୍‌ସି) ଗଠନ କରିଥିବାରୁ ବିଜ୍ଞପ୍ତି ବାତିଲ୍ ହେଲେ ଓପିଆର୍‌ବି କିପରି ଏହି ପରୀକ୍ଷା ପରିଚାଳନା କରିବ ବୋଲି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ବସଷ୍ଟାଣ୍ଡ ପାଇଁ ଗଛ ବଳି

## ଏନ୍‌ଜିଟିରେ ଶୁଣାଣି ଆରମ୍ଭ

ବାରିପଦା, ୨୩।୧୨(ସମିସ): ପାଲବଣୀଠାରେ ପ୍ରସ୍ତାବିତ ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ୟାପକ ଗଛ କଟାଯିବା ଘଟଣାକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ରୁଜୁ ମାମଲାର ଆଜି ଶୁଣାଣି ହୋଇଛି। କୋଲକତାସ୍ଥିତ ଇଷ୍ଟର୍ଣ୍ଣ ବେଞ୍ଚର ଜୁଡିସିଆଲ ମେମ୍ବର ବିଚାରପତି ଅରୁଣ କୁମାର ତ୍ୟାଗୀ ଓ ଏକ୍ସପୋର୍ଟ ମେମ୍ବର ଈଶ୍ୱର ସିଂ ଆଜି ମାମଲାର ଶୁଣାଣି ଆରମ୍ଭ କରିଥିଲେ। ଆବେଦନକାରୀ ପ୍ରମୋଦ କୁମାର ହେମ୍ବ୍ରମଙ୍କ ଅଭିଯୋଗ ଓ ତାଙ୍କ ପକ୍ଷରୁ ଉପସ୍ଥାପିତ ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି ଏହି ମାମଲାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ବାରିପଦା ବନଖଣ୍ଡ ଅଧିକାରୀ, ରାଜ୍ୟ ସରକାରଙ୍କ ଜୈବବିବିଧତା ସଦସ୍ୟ ସଚିବ, ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟର ମୁଖ୍ୟ ଉପନିର୍ଦ୍ଦେଶକ, ରାଜ୍ୟ ରାସ୍ତା ଓ ପରିବହନ ବିଭାଗର ପରିଚାଳନା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ସରକାରୀ ଆଇନଜୀବୀ ଓ ପ୍ରମୋଦଙ୍କ ତରଫରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି। ପ୍ରତିପକ୍ଷ ସେମାନଙ୍କର ସମସ୍ତ ତଥ୍ୟ ଉପସ୍ଥାପନ ସହ ପରବର୍ତ୍ତୀ ଶୁଣାଣି ଜାନୁଆରୀ ୬ ତାରିଖରେ କରାଯିବ ବୋଲି କୋର୍ଟ ସିଦ୍ଧାନ୍ତ ନେଇଥିବା ନେଇ ଆଇନଜୀବୀ ଶ୍ରୀ ପାଣି କହିଛନ୍ତି।

# ବନ୍ଧୁକ ଛାଡ଼ି ଗୋଲାପ ଧରିଲେ ୨୨ ମାଓବାଦୀ



ମାଲକାନଗିରି, ୨୩।୧୨ (ସମିସ): ବନ୍ଧୁକ ଛାଡ଼ି ଗୋଲାପ ଧରିଲେ ମାଓବାଦୀ। ମାଲକାନଗିରି ଜିଲ୍ଲା ପୁଲିସ ନିକଟରେ ଆଜି ୨୨ଜଣ ଦୁର୍ଦ୍ଧର୍ଷ ମାଓବାଦୀ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତକୁ ଫେରିଛନ୍ତି। ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ଜଣେ ଡିଭିଜନାଲ କମିଟି ମେମ୍ବର (ଡିଭିସିଏମ୍) ରହିଥିବା ବେଳେ ୬ଜଣ ଏରିଆ କମିଟି ମେମ୍ବର (ଏସିଏମ୍) ଏବଂ ୧୫ଜଣ ପାର୍ଟି ମେମ୍ବର୍ ରହିଛନ୍ତି। ଆତ୍ମସମର୍ପଣ ବେଳେ ସେମାନେ ୧୪ଟି ଲ୍ୟାଣ୍ଡମାଇନ୍ ବୋମା ସହ ଗୋଟିଏ ଏକେ-୪୭, ଗୋଟିଏ ଏସ୍ଏଲ୍ଆର୍ ବନ୍ଧୁକ, ୨ଟି ଇନସାସ୍ ରାଇଫଲ୍, ୩ଟି ୩୦୩ ରାଇଫଲ୍, ଦୁଇଟି ସିଙ୍ଗଲ୍-ବୋର୍ ରାଇଫଲ୍, ୯ଟି ମାଗାଜିନ୍, ୧୫୦ଟି ଗୁଳି, ୨୦ କେଜି ବିସ୍ଫୋରକ, ୧୩ଟି ଉନ୍ନତ ବିସ୍ଫୋରକ, ଜିଲେଟିନ୍ ଷ୍ଟିକ୍, କୋଡେକ୍ସ ତାର ଏବଂ ମାଓବାଦୀ ପୁସ୍ତକ ପୁଲିସକୁ ହସ୍ତାନ୍ତର କରିଛନ୍ତି। ଅନେକ ବଡ଼ବଡ଼ ହିଂସାକାଣ୍ଡରେ ଜଡ଼ିତ ଥିବା ଏହି ମାଓବାଦୀମାନେ ପୁଲିସ୍ ଡିଜି ୱାଇ.ବି ଖୁରାନିଆଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି।

ସେମାନେ ହେଲେ, ଡିଭିସିଏମ ସଦସ୍ୟ ମୁୟେ ମାଡକମ ଓରଫ ଲିଙ୍ଗେ(୪୫), ଏସିଏମ କମାଣ୍ଡର ବାମନ ମାଡକାମି (୨୭), ମୁକ୍କା ମୁଚାକି(୨୨), ଆଇତୁ ଆଭଲାମି(୨୬), କୋସା କାବାସି(୨୫), ବାଟି ମାଡକାମ(୨୨), ଯୋଗୀ ମୁଚାକି(୧୯), ପାର୍ଟି ମେମ୍ବର ରୀତା ପଡିଆମି (୨୨), ଯୋଗୀ ସୋଡି (୧୮), ଭୀମେ କାଲମୁ (୨୦), ମଙ୍ଗଳି ବାଞ୍ଜାମି (୨୪), ଜଗା ମୁଚାକି (୨୩), ଆଡମେ ମୁଚାକି (୧୮), ମାଡଲି କୋସା (୨୨), କୁଞ୍ଜାମ କର୍ରା (୨୫), ମାଡା ମାଡଲି (୩୦), ମୁଚାକି ଆଡମା (୧୯), ଦେବା ମାଡଲି (୩୫), ଅର୍ଜୁନ ମାଡଲି (୩୫), ସାନ୍ନା ପୁନେମ (୨୫), ସୋମେୟ ମିଡିଆମ (୧୯) ଏବଂ ବୁଦ୍ରି ମିଡିଆମ (୨୫)। ଏମାନଙ୍କ ମୁଣ୍ଡ ଉପରେ ୧କୋଟି ୮୪ ଲକ୍ଷ ୨୫ ହଜାର ଟଙ୍କାର ପୁରସ୍କାର ରାଶି ରହିଥିଲା। ଏହି ପୁରସ୍କାର ରାଶି ସେମାନଙ୍କୁ ହସ୍ତାନ୍ତର କରାଯିବା ସହ ସମସ୍ତଙ୍କୁ ସରକାରଙ୍କ ତରଫରୁ ୨୫ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ଅନ୍ୟ ନକ୍ସଲମାନଙ୍କୁ ମଧ୍ୟ ହିଂସା ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଡିଜି ସଞ୍ଜୀବ ପଣ୍ଡା, ଡିଆଇଜି ଏସ୍ଆଇଡବ୍ଲୁ ଅଖିଲେଶ ସିଂ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ବି.କେ ସିଂ, ବିଏସଏଫ ଡିଆଇଜି ବିଜୟ ସିଂ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଏସ୍‌ପି ବିନୋଦ ପାଟିଲ ଏଚ୍, ଅତିରିକ୍ତ ଏସପି ଆର.କେ ଦାସ ଓ ପ୍ରମୋଦ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁର ଶବ ଧରି ଡାକ୍ତରଖାନା ବାରଣ୍ଡାରେ ୧୭ ଘଣ୍ଟା

ଟିଟିଲାଗଡ଼,୨୩।୧୨(ସମିସ): ଅଭିଯୋଗ କରିବାରୁ ନିର୍ଯାତନା। ଶିଶୁର ବ୍ୟବଚ୍ଛେଦ ଆଳରେ ଜଣେ ମା'କୁ ହାଡ଼ଭଙ୍ଗା ଶୀତରେ ୧୭ ଘଣ୍ଟା ଧରି ଡାକ୍ତରଖାନା ବାରଣ୍ଡାରେ ଅପେକ୍ଷା କରିବାକୁ ବାଧ୍ୟ କରାଯିବା ଭଳି ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ମାତୃ ଓ ଶିଶୁ ଡାକ୍ତରଖାନାରେ ଏଭଳି ଏକ ଘଟଣା ଘଟିଛି।

ସୂଚନାନୁଯାୟୀ, ସିନ୍ଧେକେଲା ଥାନା ଦେହେଲି ଗ୍ରାମର ପୂର୍ଣ୍ଣ ସାହୁ ଓ ତାଙ୍କ ସ୍ତ୍ରୀ ଜାହ୍ନବୀଙ୍କ ୨ବର୍ଷର ଶିଶୁପୁତ୍ର ଅବିନାଶ ଅସୁସ୍ଥ ହୋଇପଡ଼ିଥିଲା। ତାକୁ ଚିକିତ୍ସା ଲାଗି ପ୍ରଥମେ ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ ରହିବାରୁ ଅଧିକ ଚିକିତ୍ସା ଲାଗି ଟିଟିଲାଗଡ଼ ମାତୃ ଓ ଶିଶୁ(ଏମ୍‌ସିଏଚ୍) ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶିଶୁଟିର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଚିକିତ୍ସାରେ ଅବହେଳା ଯୋଗୁଁ ଶିଶୁର ମୃତ୍ୟୁ ହୋଇଛି ବୋଲି ପରିବାରଲୋକ ଅଭିଯୋଗ କରିବାରୁ ଡାକ୍ତରଖାନା କର୍ତ୍ତୃପକ୍ଷ ସେମାନଙ୍କ ଉପରେ ଦାଉ ସାଧିଥିଲେ ବୋଲି ଅଭିଯୋଗ ହୋଇଛି। ହସ୍ପିଟାଲ କର୍ତ୍ତୃପକ୍ଷ ସେମାନଙ୍କୁ ଘରକୁ ଯିବାକୁ ଅନୁମତି ଦେଇନଥିଲେ। ଶିଶୁର ବ୍ୟବଚ୍ଛେଦ ପରେ ଘରକୁ ଯିବାକୁ ଅନୁମତି ଦିଆଯିବ ବୋଲି କହି ଅହେତୁକ ବିଳମ୍ବ କରାଯାଇଥିଲା। ଏଥିଯୋଗୁଁ ଏହି ଦମ୍ପତି ସଂଧ୍ୟା ୭ଟାରୁ ମୃତ ଶିଶୁପୁତ୍ରକୁ ଧରି ଡାକ୍ତରଖାନା ବାରଣ୍ଡାରେ ଦୀର୍ଘ ୧୭ ଘଣ୍ଟା ପଡ଼ି



ରହିଥିଲେ। ଖବର ପାଇ ପୁଲିସ ଓ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିବା ପରେ ଘଟଣା ପ୍ରଘଟ ହୋଇଥିଲା। ଶେଷରେ ମୃତ ଶିଶୁର ବ୍ୟବଚ୍ଛେଦ କରାଯାଇ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# କଣିହାଁ ବିକାଶ ମଞ୍ଚର ଗଣ ଆନ୍ଦୋଳନ

କଣିହାଁ,୨୩।୧୨(ସମିସ)



ତାଳଚେର କଣିହାଁ ବିକାଶ ମଞ୍ଚ ପକ୍ଷରୁ ଦୁଇ ଦଫା ଦାବିରେ ଏନ୍‌ଟିପିସି ଆମ୍ରପାଲ ଲେଭେଲ କ୍ରସିଂ ପାଖରେ ଗଣ ଆନ୍ଦୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସକାଳ ୮ ଘଟିକା ସମୟରେ ବିକାଶ ମଞ୍ଚ ସଭାପତି ଡଃ ଦେବେନ୍ଦ୍ର କୁମାର ସିଂହଙ୍କ ନେତୃତ୍ୱରେ ଅଞ୍ଚଳର ପୁରୁଷ ମହିଳା ଆମ୍ରପାଲ ଛକ ଧାରଣାରେ ବସି ରହି ଆନ୍ଦୋଳନ କରିଥିଲେ। ତାଙ୍କର ଦାବି ମଧ୍ୟରେ କଣିହାଁ - ଗୋଡ଼ିବନ୍ଧ ରାସ୍ତା ସମ୍ପ୍ରସାରଣ କରିବା, ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ବୃକ୍ଷରୋପଣ କରିବା, ଆଲୋକୀକରଣ ବ୍ୟବସ୍ଥା କରିବା, ଏନ୍‌ଟିପିସି ଓଭରବ୍ରିଜ୍‌ଠାରୁ ବିଜିଗୋଳ ବାରଡାଙ୍ଗୁଆ ଗ୍ରାମଦେଇ ଯାଇଥିବା ପୁରୁଣା ବଲାଙ୍ଗି ରାସ୍ତାରେ ନୂତନ ବ୍ରିଜ ତିଆରି କରାଯାଇ ସମସ୍ତ ରାସ୍ତା ସହ ସଂଯୋଗ କରାଯିବା ଇତ୍ୟାଦି ଅନ୍ତର୍ଭୁକ୍ତ। ପରେ ଧାରଣାସ୍ଥଳରେ କଣିହାଁ ଭାରପ୍ରାପ୍ତ ତହସିଲଦାର ଆଇଏଏସ୍ କଲ୍ପନା ରାଓ, ତହସିଲଦାର ଚିନ୍ମୟ ଦାସ ପହଞ୍ଚି ଧାରଣାସ୍ଥଳରୁ ତାଙ୍କର ଦାବି ପତ୍ର ଗ୍ରହଣ କରିବା ସହ ସମସ୍ୟା ସମାଧାନ କରାଯିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ପ୍ରାୟ ୧ଘଟିକା ସମୟରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଉକ୍ତ ଆନ୍ଦୋଳନରେ ବିକାଶ ମଞ୍ଚର ଉପଦେଷ୍ଟା ମନୋଜ ଶତପଥୀ, ବରିଷ୍ଠ ସଦସ୍ୟ ହରମୋହନ ସାହୁ, ଉପସଭାପତି ସ୍ମୃତି ରଞ୍ଜନ ପାଣି, ସମ୍ପାଦିକା ସବିତା ରାଣୀ ସାହୁ, କଳାକାର ବେହେରା, ରାଜ କିଶୋର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇବାକୁ ସାତକୋଶିଆରେ ତତ୍ପରତା



ଜଗନ୍ନାଥପୁର,୨୩।୧୨(ସମିସ): ଆସନ୍ତା କାଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାତକୋଶିଆ ଅଭୟାରଣ୍ୟ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳକୁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏଥି ନିମନ୍ତେ ସାତକୋଶିଆ ଅଞ୍ଚଳରେ ଦଳର କର୍ମକର୍ତ୍ତାଙ୍କ ସମେତ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ସାତକୋଶିଆ ଅଞ୍ଚଳ କେନ୍ଦ୍ର ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ସମ୍ବଲପୁର ଲୋକସଭା କ୍ଷେତ୍ରର ଅଂଶବିଶେଷ। ଗତ ନିର୍ବାଚନରେ ଧର୍ମେନ୍ଦ୍ର ପ୍ରଧାନ ବହୁ ଭୋଟ ବ୍ୟବଧାନରେ ଜିତି ଥିଲେ। ନିର୍ବାଚନ ଜିତିବାପରେ କେନ୍ଦ୍ର ମନ୍ତ୍ରୀଙ୍କର ଏହା ପ୍ରଥମ ସାତକୋଶିଆ ଅଭୟାରଣ୍ୟ ଭିତରେ ଥିବା ଗ୍ରାମଗୁଡ଼ିକୁ ଗସ୍ତ। ତେଣୁ ସାତକୋଶିଆବାସୀ, ଦଳୀୟ କର୍ମକର୍ତ୍ତା ମନ୍ତ୍ରୀଙ୍କ ଏହି ଗସ୍ତ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଶ୍ରୀ ପ୍ରଧାନ ପୁରୁଣାଗଡ଼ ହୋଇ କରତପଟା, ଜଗନ୍ନାଥପୁର, ପୁରୁଣାକୋଟ ହୋଇ ଟିକରପଡ଼ାଠାରେ ଥିବା ଜଙ୍ଗଲ ବିଭାଗର ବଙ୍ଗଳାକୁ ଯିବାର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ସାତକୋଶିଆ କାର୍ଯ୍ୟକ୍ରମ ସାରି ସମ୍ବଲପୁର ଯିବେ ବୋଲି ଜଣାପଡ଼ିଛି। ମନ୍ତ୍ରୀଙ୍କ ଗସ୍ତ ପାଇଁ ପୁରୁଣାଗଡ଼ଠାରୁ ମଣିକାଯୋଡ଼ି ହୋଇ ବୁର୍ତ୍ତି, ଜଗନ୍ନାଥପୁର, ସାରୁଆଳି, କରତପଟା ହୋଇ ପମ୍ପାସର୍ ଓ ଟିକରପଡ଼ା ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ କାର୍ଯ୍ୟ ରାତାରାତି ଚାଲିଛି। ଟିକରପଡ଼ା ଛକଠାରୁ ପଞ୍ଚାୟତ କାର୍ଯ୍ୟାଳୟ ହୋଇ ଜଙ୍ଗଲ ବିଭାଗ ବଙ୍ଗଳା ପର୍ଯ୍ୟନ୍ତ, ବର୍ଷ ବର୍ଷ ଧରି ଥିବା ଖାଲଖମାରେ ଭର୍ତ୍ତି ରାସ୍ତା ତରବରିଆ ଭାବେ ରାତାରାତି ମରାମତି କରାଯାଉଥିବା ଜଣାପଡ଼ିଛି। ବିଭିନ୍ନ ବିଭାଗର ରାତିଅଧିଆ କାମ ଦେଖି ଧର୍ମେନ୍ଦ୍ର ପ୍ରଧାନ ବାରମ୍ବାର ଏହି ଅଞ୍ଚଳ ଗସ୍ତ କରନ୍ତୁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ମହିଷାମର୍ଦ୍ଦିନୀଙ୍କ ବାର୍ଷିକ ପୂଜା ଉଦ୍‌ଯାପିତ

ଛେଣ୍ଡିପଦା,୨୩।୧୨(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ସନ୍ତରାବନ୍ଧ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମହିଷାମର୍ଦ୍ଦିନୀଙ୍କ ବାର୍ଷିକ ପୂଜା ଉତ୍ସବ ଓ ଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା ପ୍ରତିବର୍ଷ ପୌଷ ଶୁକ୍ଳପକ୍ଷ ଦ୍ୱିତୀୟାରେ ଅନୁଷ୍ଠିତ ହୋଇଥାଏ। ଏହି ପୂଜାରେ ଅଞ୍ଚଳ



ସମେତ ବହୁ ଦୂରଦୂରାନ୍ତରୁ ପ୍ରାୟ ୪୦ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ବହୁ ଦୂରାରୋଗ୍ୟରୁ ଆରୋଗ୍ୟ ହେବାପାଇଁ ପ୍ରାୟ ୪୦ରୁ ଅଧିକ ମାନସିକଧାରୀ ମା'ଙ୍କ ଦୁଇ ପୀଠରେ ଅଧିଆ ପଡ଼ିଥିଲେ। ସେହିପରି ମନସ୍କାମନା ପୂର୍ଣ୍ଣ ପାଇଁ ପ୍ରାୟ ୨ଶହରୁ ଅଧିକ ଛୋଟ ପିଲାଙ୍କର ମୁଣ୍ଡନ କରାଯାଇଥିଲା। ସନ୍ତରାବନ୍ଧ ଗ୍ରାମ ସଭାପତି ସୁବାସ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ମା' ମହିଷାମର୍ଦ୍ଦିନୀଙ୍କର ଏକ ବିରାଟ ପଟୁଆରରେ ପ୍ରଥମେ ଗ୍ରାମର ଗ୍ରାମେଶ୍ୱରୀ ମନ୍ଦିରରୁ ବାହାର କରାଯାଇ ଗ୍ରାମ ପରିକ୍ରମା ପରେ ଉତ୍ତପସି ପୂଜା ମଣ୍ଡପକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟ ପୂଜକ ପର୍ଶୁରାମ ସାହୁ ଓ ସହଯୋଗୀ ଦିବାକର ଦେହୁରୀ ମା'ଙ୍କର ନୀତିକାନ୍ତି ଅନୁଯାୟୀ ସକାଳ ୭ଟାରୁ ରାତ୍ର ୯ଘଟିକା ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରିଥିଲେ। ଭକ୍ତମାନଙ୍କ ପାଇଁ ଗ୍ରାମ ପକ୍ଷରୁ ଅସ୍ଥାୟୀ ସୂଚନା କେନ୍ଦ୍ର କରାଯାଇଥିବା ବେଳେ ବହୁ ଅସ୍ଥାୟୀ ଦୋକାନମାନ ପଡ଼ିଆରେ ପଡ଼ିଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶକ୍ତିକ୍ଷେତ୍ର ଯୁବମଞ୍ଚର ସଭାପତିଙ୍କ ନେତୃତ୍ୱରେ ଅନ୍ୟାନ୍ୟ ସଦସ୍ୟ ଶାନ୍ତିଶୃଙ୍ଖଳା ରକ୍ଷା, ଅନ୍ନପ୍ରସାଦ ବଣ୍ଟନ ଓ ସୂଚନାକେନ୍ଦ୍ରରେ ସହଯୋଗ କରିଥିଲେ। ଛେଣ୍ଡିପଦା ପୁଲିସ ପକ୍ଷରୁ ଯାତ୍ରା ଶାନ୍ତିଶୃଙ୍ଖଳା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ବିଧାୟକ ଅଗସ୍ତି ବେହେରା ଠାକୁରାଣୀଙ୍କୁ ଦର୍ଶନ କରିଥିଲେ। ଗାଁ ସମ୍ପାଦକ ସାଜନ କୁମାର ସାହୁ, ଶକ୍ତି କ୍ଷେତ୍ର ଯୁବମଞ୍ଚର ସଭାପତି ରଞ୍ଜନ କୁମାର ସାହୁ, ଉତ୍କଳମଣି ସେବା ସଙ୍ଘର ସଭାପତି କ୍ଷୀରମୋହନ ପ୍ରଧାନ, ଗ୍ରାମର ବେହେରା ଭୀମସେନ ସାହୁ, ପଦିନ ସାହୁ, ସୁକାନ୍ତ ସାହୁ, ଜଳଧର ସାହୁ, ଭୁବନ ଗଡ଼ତିଆ, ଅନିରୁଦ୍ଧ ସାହୁ, ପଙ୍କଜ ସାହୁଙ୍କ ସମେତ ଗ୍ରାମର ନେତୃସ୍ଥାନୀୟ ଭଦ୍ରବ୍ୟକ୍ତିମାନେ ମା'ଙ୍କ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

## ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ସାଧାରଣ ପରିଷଦ ବୈଠକ




କଣିହାଁ,୨୩।୧୨(ସମିସ): କଣିହାଁ ବ୍ଲକ୍ ରେଙ୍ଗାଳି ପ୍ରକଳ୍ପ ଓଡ଼େଶା ଭବନଠାରେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ, ଚାଇଁପାଳ ଶାଖାର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ବୈଠକକୁ ଉଦ୍‌ଘାଟନ କରିଥିଲେ। ସମାଜସେବୀ ଭରତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକକୁ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ସହ ସାଧାରଣ ସମ୍ପାଦକ ପ୍ରିୟବ୍ରତ ନାୟକଙ୍କ ଉପସ୍ଥିତି ତଥା ଓଜସ୍ୱୀ ଭାଷଣ ବୈଠକକୁ ଋଦ୍ଧିମନ୍ତ କରିଥିଲା। ସେହିପରି ଉପର କୋଲାବର ସାଧାରଣ ସମ୍ପାଦକ ଅଭୟ କୁମାର ଧୀର, ବାଲିମେଳା ଜଳ ବିଦ୍ୟୁତ କର୍ପୋରେସନର କାଶୀନାଥ ମଲ୍ଲିକ, ଭୁବନେଶ୍ୱର ଡିଭିଜନ ର ସମ୍ପାଦକ ମଳୟ ଭାଇ,ଅନୁଗୋଳ ଡିଭିଜନର ସମ୍ପାଦକ ସୁରେନ୍ଦ୍ର ଦାଶ, ଢେଙ୍କାନାଳ ଡିଭିଜନ ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ୨୦୨୬ ପାଇଁ ବିକାଶ ସାହୁ ପୁନର୍ବାର ଚାଇଁପାଳ ଡିଭିଜନ ସମ୍ପାଦକ ଭାବେ ମନୋନୀତ ହୋଇଥିବା ବେଳେ ସହ -ସମ୍ପାଦକ ଭାବେ ରଞ୍ଜିତ କୁମାର ବେହେରା, କୋଷାଧ୍ୟକ୍ଷ ଭାବେ ଟିକନ ସାମଲ, ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ଶିବାଜୀ ରାଜ ପାଣି, ଉପଖଣ୍ଡ ସମ୍ପାଦକ ଭାବେ ରାଜେଶ ନାହାକ, ଦିଲ୍ଲୀପ ବିଶ୍ୱାଳ, ଗୁରୁଦେବ ବେହେରା, ଲଳିତ ନାରାୟଣ ସାହୁ, ଏମ୍‌ଏମ୍‌ଜି ସେକ୍ସନ ଅର୍ଗାନାଇଜର ଭାବେ ସୂର୍ଯ୍ୟକାନ୍ତ ସାହୁଙ୍କ ସମେତ ୧୪ଟି ସେକ୍ସନର ସେକ୍ସନ ଅର୍ଗାନାଇଜରଙ୍କୁ ମନୋନୀତ କରାଯାଇଥିଲା। ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ, ଚାଇଁପାଳ ଶାଖା ତରଫରୁ ନୂତନ ସଭ୍ୟଙ୍କୁ ସ୍ୱାଗତ କରାଯାଇଥିଲା

## ଯଶସ୍ୱିନୀ ଜିନ୍ଦଲ ବାଳିକା ଛାତ୍ରାବାସର ଭୂମି ପୂଜନ



ଅନୁଗୋଳ,୨୩।୧୨(ସମିସ): ସାମାଜିକ ଉନ୍ନତି ଏବଂ ଜନଜାତି ବାଳିକାମାନଙ୍କ ଶିକ୍ଷାକୁ ସମର୍ଥନ ଦେବା ଉଦ୍ଦେଶ୍ୟରେ ଜିନ୍ଦଲ୍ ଷ୍ଟିଲ୍‌ର ସାମାଜିକ ଶାଖା ଜିନ୍ଦଲ୍ ଫାଉଣ୍ଡେସନ୍ ପକ୍ଷରୁ ଅନୁଗୁଳ ଜିଲ୍ଲାର କିଶୋରନଗର ବ୍ଲକ୍ ଅନ୍ତର୍ଗତ ବବରୋହିଲା ଗାଁରେ ଥିବା ରାମକୃଷ୍ଣ ଆଶ୍ରମ ଏସ୍‌ଟି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ''ଯଶସ୍ୱିନୀ ଜିନ୍ଦଲ' ବାଳିକା ଛାତ୍ରାବାସ ନିର୍ମାଣ ପାଇଁ ଭୂମି ପୂଜନ ଆଧାରଶିଳା ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିନ୍ଦଲ୍ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ୍ ଜୀ ଭୂମିପୂଜନ କରି ଆଧାରଶିଳା ରଖିଥିଲେ। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଜନଜାତି ଓ ଦୂରଦୂରାନ୍ତ ଅଞ୍ଚଳର ବାଳିକାଙ୍କ ପାଇଁ ସୁରକ୍ଷିତ, ସହଯୋଗୀ ଓ ପୋଷକ ଆବାସିକ ସୁବିଧା ଯୋଗାଇ ଉତ୍ତମ ଶିକ୍ଷାର ସୁଯୋଗ ବୃଦ୍ଧି କରିବା। ଛାତ୍ରୀଙ୍କୁ ଓ ସ୍ଥାନୀୟ ସମୁଦାୟକୁ ଲକ୍ଷ୍ୟ କରି ଦିଆଯାଇଥିବା ପ୍ରେରଣାଦାୟୀ ଉଦ୍‌ବୋଧନରେ ଶାଲୁ ଜିନ୍ଦଲ୍ ଜୀ କହିଥିଲେ, ଝିଅମାନଙ୍କ ଶିକ୍ଷା ଓ ସଶକ୍ତୀକରଣ ଆମ ଦୃଷ୍ଟିକୋଣର କେନ୍ଦ୍ରବିନ୍ଦୁ। ରାମକୃଷ୍ଣ ଆଶ୍ରମର ସଂସ୍ଥାପକା ଅନନ୍ତ ଶାସିନୀ ସ୍ୱାଗତ ଭାଷଣ ଦେଇଥିଲେ। ଜିନ୍ଦଲ୍ ଷ୍ଟିଲର ସଭାପତି ପ୍ରଶାନ୍ତ ହୋତା ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପାରମ୍ପରିକ ପୂଜାର୍ଚ୍ଚନା, ଆଧାରଶିଳା ସ୍ଥାପନ ଓ ପୂର୍ଣ୍ଣାହୁତି ଆଦି ଅନୁଷ୍ଠିତ ହୋଇଥିଲା। ସମାରୋହରେ ସ୍ଥାନୀୟ ସମୁଦାୟ ନେତା, ସ୍ଥାନୀୟ ଅଂଶୀଦାର, ଗୁରୁଜୀ ଶ୍ରୀମଦ୍ ବଂଶୀଧର ବଳରାମ ଦାସ, ଜିନ୍ଦଲ୍ ଷ୍ଟିଲର ସିଏସଆର ମୁଖ୍ୟ ରିଶି ପଠାନିଆ, ଏଚ୍‌ଓଡି-ସିଏସ୍‌ଆର(ଅନୁଗୁଳ) ଜୟନ୍ତ କୁମାର ମହାନ୍ତି, ସ୍କୁଲର ସଂସ୍ଥାପକ ଶେଷଦେବ ଶାସିନୀ, ସହ-ସଂସ୍ଥାପକ ଅନନ୍ତ ଶାସିନୀ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ଶୁଣାଇଲେ କୋର୍ଟ

ଛେଣ୍ଡିପଦା,୨୩।୧୨(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ସଦର ମହାକୁମାରେ ଥିବା କନିଷ୍ଠ ବିଚାର ବିଭାଗୀୟ ଦେୱାନୀ ଅଦାଲତରେ ପ୍ରଥମ ଶ୍ରେଣୀ ବିଚାରପତି ଛେଣ୍ଡିପଦା ଥାନା କେସ ନଂ ୧୯୧/୧୮ ରେ ହୋଇଥିବା ମାମଲାର ବିଚାରକରି ଛେଣ୍ଡିପଦା କୁମ୍ଭାରସାହିର ସୁନୀଲ ସାହୁ, ଅନୀଲ ସାହୁ, ସନ୍ତୋଷ ସାହୁ ଓ ଗୁଣନିଧି ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରିଥିବାବେଳେ ପ୍ରତ୍ୟେକ ମୁଦାଲାଙ୍କୁ ୫ ଶହ ଲେଖାଏଁ ଜୋରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନା ଅନୁଯାୟୀ ୨୦୧୮ ମସିହା ଅଗଷ୍ଟ ୨ତାରିଖରେ ରେ ଛେଣ୍ଡିପଦା କଇଥସାହିର କପିଳେଶ୍ୱରର ଭୂତିଆ ଗାଁ ନାଳୀରେ ଥିବା ଜମିକୁ ପାଣି କାଟିବାକୁ ନେଇ କମ୍ଭାରସାହିର ସୁନୀଲ ସାହୁ, ଅନିଲ ସାହୁ, ସନ୍ତୋଷ ସାହୁ ଓ ଗୁଣନିଧି ସାହୁଙ୍କ ସହ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସୁନୀଲ ସାହୁ, ଅନିଲ ସାହୁ, ସନ୍ତୋଷ ସାହୁ ଓ ଗୁଣନିଧି ସାହୁ ପିଟିପିଟି କପିଳେଶ୍ୱରଙ୍କୁ ଆହତ କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ଛେଣ୍ଡିପଦା ଥାନା କେସ ନଂ ୧୯୧/୧୮ ରେ ପୁଲିସ ମାମଲା ରୁଜୁ କରିଥିଲା। ବିଚାରପତି ମୁଦାଲାଙ୍କୁ ମୁକ୍ତ କରିବା ସହିତ ପ୍ରତ୍ୟକଙ୍କୁ ୫ଶହ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବା ପାଇଁ ଆଦେଶ ଶୁଣାଇଥିଲେ। ଏହି ଅର୍ଥରାଶିକୁ ଅଭିଯୋଗକାରୀଙ୍କୁ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ମୋକଦମାକୁ ସରକାରୀ ଓକିଲ(କ୍ୟାଡର) ସର୍ବଜିତ ଶ୍ରୀଚନ୍ଦନ, ସହଯୋଗୀ ସରକାରୀ ଓକିଲ ଲକ୍ଷ୍ମୀଧର ପ୍ରଧାନ ଓ ଉତ୍କଳ ପ୍ରଧାନ ମାମଲା ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକକୋତ୍ସବ



ଅନୁଗୋଳ,୨୩।୧୨(ସମିସ): ସ୍ଥାନୀୟ ଗାନ୍ଧୀମାର୍ଗସ୍ଥିତ ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରଚାଳନା ସମିତି ସଭାପତି ଡା. ସୁଧାକର ପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ଉତ୍ସବରେ ଅନୁଗୋଳ ଜିନ୍ଦଲ ଷ୍ଟିଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମଦୋର ମିତ୍ତଲ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଶିଶୁ ମନ୍ଦିରର ଗୁଣାତ୍ମକ ଶିକ୍ଷାକୁ ପ୍ରଶଂସା କରିଥିଲେ। ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ 'ଶିକ୍ଷା ହିଁ ଜୀବନ, ଜୀବନ ହିଁ ଶିକ୍ଷା' ଏ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଅଶୋକ କୁମାର ମୋଦୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ବାର୍ଷିକ ବିବରଣୀ ପାଠ ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। +୨ ମହାବିଦ୍ୟାଳୟର ଅଧ୍ୟକ୍ଷ ସିଦ୍ଧାନାଥ ସାହୁ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଆଚାର୍ଯ୍ୟା କିରଣ କୁମାରୀ ପ୍ରଧାନ ଏବଂ କୃତୀ ପୁରାତନ ଛାତ୍ରୀ ସୋଫିଆ ପ୍ରଧାନ ଓ ଅନ୍ୟ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଟ୍ରକ୍ ଦୁର୍ଘଟଣାରେ ଚାଳକ ଗୁରୁତର



କାମାକ୍ଷାନଗର,୨୩।୧୨(ସମିସ): କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥର ମାଳପୁରା ଓଭରବ୍ରିଜ ନିକଟରେ ସଡ଼କ ଦୁର୍ଘଟଣା ଘଟି ଜଣେ ଚାଳକ ଗୁରୁତର ହୋଇଛନ୍ତି। ଏକ ପାଉଁଶ ବୋଝେଇ ଟ୍ରକ୍‌କୁ ପଛରୁ ଆଉ ଏକ ଟ୍ରକ୍ ଧକ୍କା ଦେବାରୁ ଏଭଳି ଦୁର୍ଘଟଣା ଘଟିଥିଲା। ସୂଚନା ଅନୁସାରେ ତାଳଚେରରୁ ପାଉଁଶବୋଝେଇ କରି ଏକ ଟ୍ରକ୍ ପାରାଦ୍ୱୀପ ଯାଉଥିବାବେଳେ ମାଳପୁରା ଓଭରବ୍ରିଜ ନିକଟରେ ଟ୍ରକ୍‌ର ଟାୟାର ପଙ୍କଚର୍ ହୋଇ ଯାଇଥିଲା। ଫଳରେ ଟ୍ରକ୍‌ର ଡ୍ରାଇଭର ରାସ୍ତା ଉପରେ ଗାଡ଼ି ରଖି ଟାୟାର ମରାମତି କରୁଥିବାବେଳେ ତାଳଚେରରୁ ପାଉଁଶ ବୋଝେଇ କରି ଯାଉଥିବା ଅନ୍ୟ ଏକ ଟ୍ରକ୍ ମରାମତି ହେଉଥିବା ଟ୍ରକ୍‌କୁ ପଛରୁ ପିଟିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ସାମ୍ନାରେ ଥିବା ଟ୍ରକ୍‌ଟି ପ୍ରାୟ କୋଡିଏ ଫୁଟ ଆଗକୁ ଘୁଞ୍ଚିଯାଇଥିବାବେଳେ ପଛ ଟ୍ରକ୍‌ର ସାମ୍ନାଭାଗ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଦୁର୍ଘଟଣା ଫଳରେ ପିଟିଥିବା ଟ୍ରକ୍‌ର ଡ୍ରାଇଭର ଦୁଇ ଟ୍ରକ ମଝିରେ ଚାପି ହୋଇଯାଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାବେଳେ ପରିଚୟ ଜଣାପଡ଼ିନାହିଁ।

## ଶିକ୍ଷାଦାନ ସମସ୍ୟା ସମାଧାନ କଲେ ବିଇଓ

କିଶୋରନଗର,୨୩।୧୨(ସମିସ): କିଶୋରନଗର ବ୍ଲକ୍ ରଣିଆକଟା ପଞ୍ଚାୟତର ଭରଥାପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ସମସ୍ୟା ବିଇଓଙ୍କ ଉଦ୍ୟମରେ ସମାଧାନ କରାଯାଇଥିବା ଜଣାପଡ଼ିଛି। ବିଇଓଙ୍କ ନିର୍ଦ୍ଦେଶରେ ସିଆର୍‌ସିସି ଶରତ ନାୟକ ବିଦ୍ୟାଳୟକୁ ଯାଇ ବିଦ୍ୟାଳୟ ପରିଚାଳନା କମିଟିଙ୍କ ଉପସ୍ଥିତିରେ ୨ ଶିକ୍ଷକ, ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ଉପରେ ବିଶେଷ ଧ୍ୟାନ ଦେଇ ନିଜ କର୍ତ୍ତବ୍ୟରେ ଅବହେଳା ନ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷାଦାନ ଠିକ୍‌ଠାକ୍ ଚାଲିଥିବା ସିଆର୍‌ସିସି କହିଛନ୍ତି।

## ଅସୁସ୍ଥ ଆଇନଜୀବୀଙ୍କୁ ହୁଇଲ ଚେୟାର ପ୍ରଦାନ



ଆଠମଲ୍ଲିକ,୨୩।୧୨(ସମିସ): ଆଠମଲ୍ଲିକ ଅଞ୍ଚଳର ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରଧାନ ଦୀର୍ଘଦିନ ହେଲା ମସ୍ତିଷ୍କ ରୋଗରେ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ସେ ଆଠମଲ୍ଲିକ ଓକିଲ ସଂଘର ଜଣେ ବରିଷ୍ଠ ସଭ୍ୟ। ଗତ ଶନିବାର ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ପାଇଁ ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ବରିଷ୍ଠ ଆଇନଜୀବୀ ଜିତେନ୍ କୁମାର ମିଶ୍ର, ବାମନ କୁମାର ମିଶ୍ର ଓ ଜିତେନ୍ଦ୍ର କୁମାର ମୁଖି ଯାଇଥିଲେ। ତାଙ୍କ ପତ୍ନୀ ସେମାନଙ୍କୁ ଏକ ହୁଇଲ ଚେୟାର ଦେବାପାଇଁ ଅନୁରୋଧ କରିଥିଲେ। ଓକିଲସଂଘ ସଭାପତି ଶ୍ରୀ ମହାପାତ୍ର ହୁଇଲ୍ ଚେୟାର ପ୍ରଦାନ ପାଇଁ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଏନ୍‌ଏସି କର୍ତ୍ତୃପକ୍ଷ ଓକିଲ ସଂଘର ଅନୁରୋଧ ରକ୍ଷାକରି ସୋମବାର ଏନଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ ଓ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରାଙ୍କ ସହ ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ପାଦକ ଅର୍ଜୁନ ରାଉଳ, ଆଇନଜୀବୀ ବାମନ କୁମାର ମିଶ୍ର, ଦୀନେଶ କୁମାର ସିଂହ, ଉଗ୍ରସେନ ସେଠୀ, ଜିତେନ୍ଦ୍ର କୁମାର ମୁଖି, ଆର୍ଯ୍ୟଭଟ୍ଟ ମହାନନ୍ଦିଆ ପ୍ରମୁଖ ତାଙ୍କ ଘରକୁ ଯାଇ ହୁଇଲ ଚେୟାର ପ୍ରଦାନ କରିଥିଲେ।

## ଅଲେଖ ମହିମା ଟୁଙ୍ଗୀରେ ପୁସ୍ତକ ଉନ୍ମୋଚିତ



ବଁଅରପାଳ,୨୩।୧୨(ସମିସ): ବଁଅରପାଳ ବ୍ଲକ୍ ବନ୍ଧା ଗ୍ରାମର ଅଲେଖ ମହିମା ଟୁଙ୍ଗୀ ପରିସରରେ ବନ୍ଧା ଗ୍ରାମର ବୈଦ୍ୟ ବିଶାରଦ ତଥା ମହିମା ଧର୍ମାବଲମ୍ବୀ ସ୍ୱର୍ଗତ ପ୍ରଧାନ ନରେନ୍ଦ୍ରନାଥ ସାହୁଙ୍କ ପ୍ରାୟ ଅଶି ବର୍ଷ ତଳେ ରଚିତ କବିତା, ଭଜନ ଇତ୍ୟାଦି ତାଙ୍କର ନାତୁଣୀ ଅବସରପ୍ରାପ୍ତ ଅଧ୍ୟାପିକା ଡକ୍ଟର ରମା ମଞ୍ଜରୀ ସାହୁଙ୍କ ଦ୍ୱାରା ସଂଗୃହୀତ ପରେ ''ଅନୁଗୋଳ ମାଟିର କବିରାଜ ନରେନ୍ଦ୍ରନାଥଙ୍କ ସୃଷ୍ଟି ସମ୍ଭାର' ନାମରେ ଏକ ପୁସ୍ତକ ସଂକଳନ ପ୍ରକାଶ କରାଯାଇଛି। ଯାହାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନ୍ଧା ଗ୍ରାମ ନିବାସୀ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ନରେଶ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଅକ୍ଷୟ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ହରମୋହନ ପଣ୍ଡା, ସଭାପତି ମହିମା ଟୁଙ୍ଗୀର ମୁଖ୍ୟ ପରିଚାଳକ ଅବସରପ୍ରାପ୍ତ ଶିକ୍ଷକ ଲୋକନାଥ ସାହୁ ଓ ବହିର ସଂକଳକ ଡକ୍ଟର ରମା ମଞ୍ଜରୀ ସାହୁ ଉପସ୍ଥିତ ଥିଲେ।

ଏହି ଅବସରରେ କବିରାଜ ନରେନ୍ଦ୍ରନାଥଙ୍କ ନାତୁଣୀ ଜ୍ୱାଇଁ ଅବସରପ୍ରାପ୍ତ ଡାକ୍ତର ସୋମନାଥ ଗଡ଼ନାୟକ, ଡାକ୍ତର ସୁଶାନ୍ତ ଗଡ଼ନାୟକ, ନାତି ସନ୍ତୋଷ କୁମାର ସାହୁ, ଦିଲ୍ଲୀପ କୁମାର ସାହୁ, ପ୍ରଦୀପ କୁମାର ସାହୁ, ଅଶୋକ କୁମାର ସାହୁଙ୍କ ସମେତ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଓ ମହିମା ଧର୍ମାବଲମ୍ବୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କବି ନରେନ୍ଦ୍ରନାଥଙ୍କ ନାତି ତଥା ବରିଷ୍ଠ ଓକିଲ ହେମନ୍ତ କୁମାର ସାହୁ ପରିଚାଳନା କରିଥିଲେ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ: ସେମିରେ ଭୁବନେଶ୍ୱର, ଝାରସୁଗୁଡ଼ା



କିଶୋରନଗର,୨୩।୧୨(ସମିସ): ଆଠମଲ୍ଲିକ ବ୍ଲକ୍ ପତାକାଠାରେ ଚାଲିଥିବା ୧୪ ତମ ରାଜ୍ୟସ୍ତରୀୟ ଅଷ୍ଟକୀଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ପୁରୀ ଏବଂ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝାରସୁଗୁଡ଼ା ୩-୦ ଗୋଲରେ ପୁରୀକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚର ପରିଚାଳନା ଦାୟିତ୍ୱରେ ଦିଲ୍ଲୀପ କୁମାର ରାଉତ ମୁଖ୍ୟ ରେଫରୀ ଭାବେ ଗରିବ ବେହେରା, ଲାଇନ୍ସ ମ୍ୟାନ ଭାବେ ଜିତେନ୍ଦ୍ର ପାତ୍ର, ପପୁନ ବେହେରା ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥି ଭାବେ ତହସିଲଦାର ପ୍ରସନ୍ନ ଟେଟେ, ବିଡିଓ ଟିଟସ ମହାନନ୍ଦିଆ, ସୁଶାନ୍ତ ଦେହୁରୀ, କୃଷ୍ଣଚନ୍ଦ୍ର ସାହୁ, ଉପସ୍ଥିତ ରହି ଉଭୟ ଦଳର ଖେଳାଳିଙ୍କ ସହ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଫୁଲ୍ଲ କୁମାର ସାହୁ। ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ ଭୁବନେଶ୍ୱର ଏବଂ ଝାରସୁଗୁଡ଼ା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ଘୋଷଣା କରାଯାଇଛି। ଅଷ୍ଟକୀଳା କ୍ଲବ୍‌ର ଉପଦେଷ୍ଟା ବୁଦ୍ଧିମାନ ମେହେର, ସଭାପତି ବସନ୍ତ ଷଣ୍ଢ, କମିଟିର ସଭ୍ୟ ସୌରଭ ଦେହୁରୀ, ଅମୂଲ୍ୟ ପ୍ରଧାନ, ରାଜା ଭୁକ୍ତା, ଦଶରଥ ପ୍ରଧାନ, ଆକାଶ ଦେହୁରୀ, ଅଜତ ଦେହୁରୀ, କୁନା ଷଣ୍ଢ, ଟୁନା ଷଣ୍ଢ, ଯୋଗେନ୍ଦ୍ର ମାହାର, ପପୁନ ଲହରା, ଚିନ୍ମୟ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଅନୁଗୋଳ ହେଲଥ୍ ପ୍ରିମିୟର୍ ଲିଗ୍: ଖମାର ସିଏଚ୍‌ସି ବିଜୟୀ



ଅନୁଗୋଳ,୨୩।୧୨(ସମିସ): ଅନୁଗୋଳ କଦମ୍ ପଡ଼ିଆଠାରେ ଅନୁଗୋଳ ହେଲଥ୍ ପ୍ରିମିୟର୍ ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ପଡ଼ିଆରେ ୭ଟି ସିଏଚ୍‌ସି ଏବଂ ଡିଏଚ୍‌ଏଚ୍‌କୁ ନେଇ ଅନୁଗୋଳ ହେଲଥ୍ ପ୍ରିମିୟର୍ ଲିଗ୍ ଅନୁଷ୍ଠିତ ହୋଇଥିଲା। ସମସ୍ତଙ୍କୁ ପଛରେ ପକାଇ କୋଶଳା ସିଏଚ୍‌ସି ଏବଂ ଖମାର ସିଏଚ୍‌ସି ଫାଇନାଲରେ ପହଞ୍ଚିଥିଲେ। ଅନୁଗୋଳ ହେଲଥ୍ ପ୍ରିମିୟର୍ ଲିଗ୍‌ରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗେ ଦେଇଥିଲେ। ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ବିଭାଗୀୟ କାର୍ଯ୍ୟକ୍ରମ ଗୁଡ଼ିକୁ ପ୍ରଦର୍ଶନ ଏବଂ କ୍ରିକେଟ୍ ମାଧ୍ୟମରେ ଉପସ୍ଥାପନ କରିବାରେ ଯେଉଁ ନୂତନତ୍ୱ ଦେଖାଯାଇଛି। ସେଥିରୁ ସଚେତନତା ସୃଷ୍ଟି ସହ ସମୂହ ଭାବନା ଓ ଦଳୀୟ ସମନ୍ୱୟକୁ ମଧ୍ୟ ପ୍ରେରଣା ମିଳିବ। ଅନୁଗୋଳ ଜିଲ୍ଲାର ୮ ଟି ବ୍ଲକ୍‌ରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଜିଲ୍ଲା ମୁଖ୍ୟାଳୟରୁ ଆସିଥିବା ଡାକ୍ତର, ପାରାମେଡିକାଲ କର୍ମଚାରୀ, ପ୍ରତିଷ୍ଠାନ ଶାଖାର କର୍ମଚାରୀ, ଟେକ୍ନିସିଆନ, କାର୍ଯ୍ୟକ୍ରମ ପରିଚାଳନା ବିଭାଗ ସମେତ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରକାରର କ୍ରୀଡ଼ା ଓ ସ୍ୱାସ୍ଥ୍ୟ ସଚେତନତାର ସମନ୍ୱୟ ଆଗାମୀ ଦିନରେ ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ବୋଲି ଅତିଥିମାନେ କହିଥିଲେ। ସମ୍ମାନିତ ଅତିଥି ଭାବେ ସିଡିଏମ୍‌ଓ ଡାକ୍ତର ମଦନ ମୋହନ ପ୍ରଧାନ, ଏଡିଏମ୍‌ଓ ଡାକ୍ତର ଦିଲ୍ଲୀପ ପଟ୍ଟନାୟକ, ଏଡିପିଏଚ୍‌ଓ ଡାକ୍ତର କୃଷ୍ଣଚନ୍ଦ୍ର ପାଲ୍, ଡିପିଏମ୍ ସୌମ୍ୟାରାଣୀ ଗଉଡ଼, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ, ପୌରାଧ୍ୟକ୍ଷ ଅକ୍ଷୟ ସାମନ୍ତ, ଡାକ୍ତର ସତ୍ୟପ୍ରିୟା ସମ୍ପିତ୍, ନିରୁପମା ଦାସ, ଅନୁଗୋଳ କ୍ରିକେଟ ଆସୋସିଏସନ ସମ୍ପାଦକ ସାଗର ନାଥ ମିଶ୍ର ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଏହି ଲିଗ୍‌ରେ ଖମାର ବିଜୟ ହାସଲ କରି ଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲା। ଟୁର୍ଣ୍ଣାମେଣ୍ଟକୁ ବ୍ରତିନ କୁମାର ପ୍ରଧାନ, ସତ୍ୟରଞ୍ଜନ ଚାନ୍ଦ, ସୁମିତ୍ କୁମାର ବିଶ୍ୱାଳ ପରିଚାଳନା କରିଥିଲେ।

# ବନ୍ଧୁକ ଦେଖାଇ ମହିଳା ପିଇଓଙ୍କୁ ଲୁଟିଲେ

କେନ୍ଦ୍ରାପଡ଼ା,୨୩।୧୨(ସମିସ):



ଜିଲ୍ଲାରେ ଅପରାଧିଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢୁଥିବାବେଳେ ଦିନଦ୍ୱିପହରେ ଘଟିଥିବା ଏକ ସଶସ୍ତ୍ର ଲୁଟ୍ ଘଟଣା ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି କରିଛି। ନିଛାଟିଆ ରାସ୍ତାର ସୁଯୋଗ ନେଇ ଦୁଇଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଜଣେ ମହିଳା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ହାତରୁ ସୁନା, ଟଙ୍କା ସହ ଦାମୀ ସାମଗ୍ରୀ ଝାମ୍ପି ନେଇ ଫେରାର ହୋଇଯାଇଛନ୍ତି। ସୂଚନା ମୁତାବକ, କେନ୍ଦ୍ରାପଡ଼ା ବ୍ଲକ ଅଧୀନ ପଳସିଂହା ପଞ୍ଚାୟତର ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଐଶ୍ୱର୍ଯ୍ୟ ନାଥଶର୍ମା ମଙ୍ଗଳବାର ଅପରାହ୍ନରେ ଖାଇବା ପାଇଁ ବଜାରକୁ ଯାଉଥିବା ସମୟରେ ଇନ୍ଦୁପୁର ଆଡୁ ଏକ କଳା ପଲସର ବାଇକ୍‌ରେ ଆସିଥିବା ଦୁଇ ଯୁବକ ତାଙ୍କୁ ରାସ୍ତା ମଝିରେ ଅଟକାଇଥିଲେ। ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଧମକ ଦେଇ ସୁନା ମୁଦି, ଦୁଇଟି ଦାମୀ ମୋବାଇଲ ଫୋନ, ଅଫିସ ଚାବି ଓ ଜରୁରୀ କାଗଜପତ୍ର ଥିବା ଭ୍ୟାନିଟି ବ୍ୟାଗକୁ ଝାମ୍ପି ନେଇଥିଲେ। ଏକୁଟିଆ ଥିବା ମହିଳା ଅଧିକାରୀ ଜଣକ ଜୀବନ ସୁରକ୍ଷା ଦୃଷ୍ଟିରୁ ଦୁର୍ବୃତ୍ତଙ୍କୁ ପ୍ରତିରୋଧ ନ କରି ସମସ୍ତ ସାମଗ୍ରୀ ଦେଇଦେଇଥିଲେ। ଘଟଣା ସ୍ଥଳରୁ ନିକିରାଇ ଥାନା ମାତ୍ର ଦୁଇ କିଲୋମିଟର ଦୂରରେ ଥିବା ସତ୍ତ୍ୱେ ଦୁର୍ବୃତ୍ତମାନେ ଖୁଲମଖୁଲା ଲୁଟ୍ କରି ଫେରାର ହୋଇଯିବା ପୁଲିସ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ସେହି ସମୟରେ ରାସ୍ତା ଦେଇ କିଛି ଯୁବକ ଆସୁଥିବା ଦେଖି ଦୁର୍ବୃତ୍ତମାନେ ମହିଳାଙ୍କୁ ବିଲ ଆଡ଼କୁ ଠେଲିଦେଇ ଗାଡ଼ି ନେଇ ଫେରାର ହୋଇଯାଇଥିଲେ। ପରେ ସେହି ଯୁବକମାନେ ମହିଳା ଅଧିକାରୀଙ୍କୁ ଉଦ୍ଧାର କରିଥିଲେ। ଘଟଣା ସମ୍ପର୍କରେ ମହିଳା ଅଧିକାରୀ ନିକିରାଇ ଥାନାରେ ଏତଲା ଦାଖଲ କରିଥିବାବେଳେ, ଥାନାଧିକାରିଣୀ କହିଛନ୍ତି, ଘଟଣାର ଗୁରୁତର ତଦନ୍ତ ଚାଲିଛି। ଶୀଘ୍ର ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୁଲିସ ପ୍ରୟାସ ଜାରି ରହିଛି।

## ■ ପ୍ରଶାସନର ଅବହେଳା
# ଘର ପାଇଁ ବିପଦ ସୃଷ୍ଟି କରୁଛି ମଲା ଗଛ



ପଞ୍ଚୁପାଣ୍ଡବ,୨୩।୧୨(ସମିସ): ଡେରାବିଶ ତହସିଲ ଅଧୀନରେ ଥିବା ବେଣୀପୁର ପଞ୍ଚାୟତର ସଦାନନ୍ଦପୁର ଗ୍ରାମର ଏକ କେନାଲ ବନ୍ଧରେ ଘରକୁ ଲାଗି ମଲା ଚାକୁଣ୍ଡା ଗଛ ଥିବାରୁ ଘରକୁ ବିପଦଥିବା ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇ କେନାଲ ୮ ନମ୍ବର (କ) କେନାଲ ବନ୍ଧ ଦଳିତ ସାହିର ଏକ ଘର ନିକଟରେ ଥିବାରୁ ଘରକୁ ବିପଦ ଥିବା ଡେରାବିଶ ତହସିଲରେ ପ୍ରାୟ ଛଅ ମାସ ତଳେ ଅଭିଯୋଗ ହୋଇଥିଲେ ସୁଦ୍ଧା କେହି ସମସ୍ୟାକୁ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି। ଏ ବିଷୟରେ ସ୍ଥାନୀୟ ଗ୍ରାମର ଅଶୋକ ଜେନା ତହସିଲଦାର ସରୋଜ କାନ୍ତ ନାୟକଙ୍କୁ ଭେଟି ଜଣାଇଥିଲେ। ତହସିଲଦାର ରାଜନଗର ଆର୍‌ଆଇ ସାରଦା ପ୍ରସାଦ ପ୍ରଧାନଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ କହିଥିଲେ। ଆର୍‌ଆଇ ତଦନ୍ତ କରି ରିପୋର୍ଟ ଦେବାକୁ ପ୍ରାୟ ତିନି ମାସ ଲାଗିଲା। ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଏ ପର୍ଯ୍ୟନ୍ତ ମଲା ଚାକୁଣ୍ଡା ଗଛ ନିଲାମ କରାଯାଉନି କି ପ୍ରଶାସନ ପକ୍ଷରୁ ଗଛକୁ କଟାଯାଉନାହିଁ। ଏ ସମ୍ପର୍କରେ ଆର୍‌ଆଇ ସାରଦା ପ୍ରସାଦ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, କେନାଲ ବନ୍ଧକୁ ଲାଗି ରହିଥିବାରୁ ଜଳ ସମ୍ପଦ ବିଭାଗକୁ ଜଣାନ୍ତୁ। ଆମର ଏଥିରେ କିଛି ଭୂମିକା ନାହିଁ। ଏହାର ତଦନ୍ତ କରାଯାଇ ଯେତେ ଶୀଘ୍ର ମଲା ଗଛକୁ କାଟିବା ପାଇଁ ଘରକୁ ଲାଗିଥିବା ଘର ପରିବାର ଲୋକେ ଦାବି କରିଛନ୍ତି।

# ରାସ୍ତା ଖୋଳି ବାଡ଼ ବସାଇଲେଦେଲେ, ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ

ଡେରାବିଶ,୨୩।୧୨(ସମିସ): ଡେରାବିଶ ବ୍ଲକ୍ ଯଁଅରାବାରିମୂଳ ପଞ୍ଚାୟତ ଭିତରବମ୍ପୁ ଗ୍ରାମର ଏକ ସାହି ମଧ୍ୟକୁ ଯାଇଥିବା ରାସ୍ତା ଜଣେ ଖୋଳିଦେବା ସହ ବାଡ଼ ବସାଇଛନ୍ତି। ଫଳରେ ଶତାଧିକ ଲୋକ ଘରୁ ବାହାରିପାରୁନାହାନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହୋଇଛନ୍ତି ଲୋକେ। ଏହି ରାସ୍ତାକୁ ଜଣେ ବ୍ୟକ୍ତି ନିଜର ବୋଲି ଦାବି କରିବା ସହିତ ଏଭଳି ବାଡ଼ ପକାଇଥିବା ଜଣାପଡ଼ିଛି। ଏଥିଯୋଗୁଁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ପରିବାର ଦୁଇଦିନ ହେବ ଏକ ପ୍ରକାର ଗୃହବନ୍ଦୀ ହୋଇଛନ୍ତି। ଏପରିକି ସ୍କୁଲ କଲେଜ ଛାତ୍ରଛାତ୍ରୀ ପାଠପଢ଼ିବାକୁ ଯାଇ ପାରୁନାହାନ୍ତି। ଏ ସମ୍ପର୍କରେ ଗ୍ରାମର ମନୋରଞ୍ଜନ ପଟ୍ଟନାୟକ ଗତକାଲି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଏହାର ତ୍ୱରିତ ସମାଧାନ ପାଇଁ ଦାବି କରିଛନ୍ତି। ଏଥିସହିତ ସେ ଏହି ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଆଜି ଅଭିଯୋଗ କରିଥିବା ଜଣାଯାଇଛି। ଶ୍ରୀ ପଟ୍ଟନାୟକଙ୍କ ଅଭିଯୋଗ ଅନୁଯାୟୀ ଗତ ୭୦ ବର୍ଷ ହେବ ଏହି ରାସ୍ତା ଦେଇ ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ପରିବାର ଯାତାୟତ କରୁଥିଲେ। ହେଲେ ଦୁଇଦିନ ତଳେ ଜଣେ ବ୍ୟକ୍ତି ରାସ୍ତା ତାଙ୍କ ଜମିରେ ହୋଇଥିବା ଦାବି କରି ଖୋଳି ଦେଇଛନ୍ତି। ରାସ୍ତା ଖୋଳି ସାରିବା ପରେ ସେଥିରେ ବାଡ଼ ବସାଇ ଚଳପ୍ରଚଳକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ଫଳରେ ଅବସରପ୍ରାପ୍ତ ଅଧ୍ୟାପକ କଳ୍ପତରୁ ପଟ୍ଟନାୟକ, ଯୋଗେନ୍ଦ୍ର ନାୟକ, ରବୀନ୍ଦ୍ର ନାୟକ, କ୍ଷୀରୋଦ ମହାରଣା, ମନୋରଞ୍ଜନ ପରିଡ଼ା, ଭାଗୀରଥି ପରିଡ଼ା, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, କ୍ଷୀରୋଦ ରାଉତ ଓ ନିକଟସ୍ଥ ଦଳିତ ବସ୍ତିର ଅନେକ ଲୋକ ଘରୁ ବାହାରିପାରୁନାହାନ୍ତି ବୋଲି ଦର୍ଶାଇଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ରେକର୍ଡରେ ୨୦ କଡ଼ି ରାସ୍ତା ଅଛି। ପୂର୍ବରୁ ଏ ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯାଇଛି, ମାପଚୁପ ବି ହୋଇଛି। ତେବେ ଆଜି ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ଓ ଯଁଅରାବାରିମୂଳ ରାଜସ୍ୱ ନିରୀକ୍ଷିକା ଇପ୍‌ସିତା ପରିଜା ଘଟଣା ସ୍ଥଳରେ ପହଞ୍ଚି ସମାଧାନ ପାଇଁ ଉଦ୍ୟମ କରିଥିବା ବେଳେ ତୁରନ୍ତ ତହସିଲ ପକ୍ଷରୁ ମାପ କରାଯାଇ ରାସ୍ତାକୁ ଚିହ୍ନଟ କରାଯିବ ବୋଲି କହିଥିଲେ।

## ■ ବଳଦେବଜିଉ ମନ୍ଦିରରେ ଅଣହିନ୍ଦୁ ପ୍ରବେଶ
# ମହାପ୍ରଭୁଙ୍କ ମହାସ୍ନାନ ପରେ ନୀତିକାନ୍ତି ଆରମ୍ଭ



କେନ୍ଦ୍ରାପଡ଼ା,୨୩।୧୨(ସମିସ): କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ମନ୍ଦିରରେ ମଙ୍ଗଳବାର ସକାଳେ ଅଣହିନ୍ଦୁ ପ୍ରବେଶ ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ମନ୍ଦିର ସତ୍ତ୍ୱଲିପି ଅନୁଯାୟୀ ଅଣହିନ୍ଦୁ ପ୍ରବେଶ ଉପରେ କଟକଣା ରହିଥିବାବେଳେ ଏହି ଘଟଣା ମନ୍ଦିର ପରମ୍ପରା ଓ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇଥିବା ନେଇ ସେବାୟତ ଓ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ମହାପ୍ରଭୁଙ୍କ ମହାସ୍ନାନ ଓ ମନ୍ଦିର ଶୋଧନ ହେବା ପରେ ନୀତି ଆରମ୍ଭ ହୋଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଆଜି ସକାଳ ପ୍ରାୟ ୯ଟା ସମୟରେ ଏକ ନିର୍ଦ୍ଦିଷ୍ଟ ସଂସ୍ଥା ସହ ଜଡ଼ିତ ପ୍ରାୟ ୪୦ ଜଣ ବ୍ୟକ୍ତି ଦର୍ଶନ ନିମନ୍ତେ ବଳଦେବଜୀଉ ମନ୍ଦିରକୁ ଆସିଥିଲେ। ଏହି ସମୟରେ ସ୍ଥାନୀୟ ସେବାୟତ ଓ ଜନସାଧାରଣ ସନ୍ଦେହ ପ୍ରକାଶ କରି ସେମାନଙ୍କୁ ପଚରାଉଚରା କରିଥିଲେ। ପରେ ଉକ୍ତ ଗୋଷ୍ଠୀରୁ ଜଣେ ପୁରୁଷ ଓ ଜଣେ ମହିଳା ଅଣହିନ୍ଦୁ ବୋଲି ଜଣାପଡ଼ିଥିଲା। ଦୁହେଁ ଦୀର୍ଘବର୍ଷ ଧରି ଉକ୍ତ ସଂସ୍ଥା ସହ ଜଡ଼ିତ ଥିବା ଜଣାଯାଇଛି। ଖବର ପାଇ ପୁଲିସ ପ୍ରଶାସନ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ସମ୍ପୃକ୍ତ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ସହ ଆଇନଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ଅଣହିନ୍ଦୁ ପ୍ରବେଶ ଘଟଣା ପରେ ମନ୍ଦିର ପରମ୍ପରା ଅନୁଯାୟୀ ପ୍ରଭୁ ବଳଦେବଜୀଉଙ୍କ ମହାସ୍ନାନ କରାଯାଇଥିଲା। ପରେ ପୂଜାପଣ୍ଡା ଓ ରାଜପୁରୋହିତଙ୍କ ଦ୍ୱାରା ମନ୍ଦିର ଶୋଧନ କାର୍ଯ୍ୟ ସମ୍ପନ୍ନ କରାଯାଇ ନୀତିକାନ୍ତି ପୁନର୍ବାର ଆରମ୍ଭ ହୋଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାକୁ ନେଇ ଭକ୍ତଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଥିବାବେଳେ ଭବିଷ୍ୟତରେ ଏପରି ଘଟଣା ନ ଘଟିବା ପାଇଁ ମନ୍ଦିର ପ୍ରଶାସନ ଓ ପୁଲିସ ପକ୍ଷରୁ କଠୋର ବ୍ୟବସ୍ଥା ନେବାକୁ ଦାବି ଉଠିଛି।

# ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ




କେନ୍ଦ୍ରାପଡ଼ା,୨୩।୧୨(ସମିସ): ଇଚ୍ଛାପୁର ସରକାରୀ ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ଆଜି ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଆୟୋଜିତ ସଭାରେ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ ବିଜ୍ଞାନ ଶିକ୍ଷା ଓ ନବଚେତନା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା ବିକାଶରେ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ଶିବାଶିଷ ଗିରି, ସମ୍ମାନିତ ଅତିଥି ଭାବେ ସହନିର୍ଦ୍ଦେଶିକା ଡିପିଏମୟୁ ଆରତୀ ନାୟକ, କେନ୍ଦ୍ରାପଡ଼ା ମଣ୍ଡଳ ଶିକ୍ଷା ଅଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ମହାକାଳପଡ଼ା ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଦଲାଇ, ଇଚ୍ଛାପୁର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ନିରଞ୍ଜନ ବେହେରା ଓ ଶିକ୍ଷୟିତ୍ରୀ ଏଲିନା ସାହୁ ସଭା ସଂଯୋଜନା କରିଥିବାବେଳେ ବିଜ୍ଞାନ ଶିକ୍ଷକ ଆଦିକନ୍ଦ ସାହୁ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମହାକାଳପଡ଼ା ନୋଡାଲ ପ୍ରଧାନ ଶିକ୍ଷକ ରଘୁନାଥ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ମନୋଜ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ପ୍ରକାଶ ଚନ୍ଦ୍ର ପରିଡାଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ୧୩୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।

# ସରସ୍ୱତୀ ଶିଶୁମନ୍ଦିରରେ ଜାତୀୟ ଗଣିତ ଦିବସ




ପଟ୍ଟାମୁଣ୍ଡାଇ,୨୩।୧୨(ସମିସ): ପ୍ରଖ୍ୟାତ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ପୁଣ୍ୟ ଜନ୍ମତିଥିରେ ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟମନ୍ଦିରରେ ଜାତୀୟ ଗଣିତ ଦିବସ ପାଳିତ ହୋଇଛି। ଏହି ଉତ୍ସବକୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଚିନନ୍ଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସଭାପତି ତଥା ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରମୋଦ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସହକାରୀ ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ସାହୁ ସଭାପତିତ୍ୱ କରିବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଗଣିତ ପ୍ରମୁଖ କ୍ଷୀରୋଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଗଣିତ ଆଧାରିତ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରାୟ ୪୫୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଗଣିତ ହାଟ ଓ ଦୋକନ। ପ୍ରଧାନଆଚାର୍ଯ୍ୟ ପ୍ରଭାତ କିଶୋର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅତିଥି ଭାବେ ସାମ୍ବାଦିକ ଓ ବିଦ୍ୟାଳୟର ବିଦ୍ୱତ ପରିଷଦର ସଂପାଦକ ଡା. ଅଲେଖ ଶର୍ମା, ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଶ୍ରୀଧର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ହରିହରାନନ୍ଦ ବାଳାଶ୍ରମର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ,୨୩।୧୨(ସମିସ): ପଟ୍ଟାମୁଣ୍ଡାଇ ନିକଟ ଅରୁଆ ହରିହରାନନ୍ଦ ବାଳାଶ୍ରମର ୨୧ତମ ବାର୍ଷିକ ଉତ୍ସବ 'ସ୍ପନ୍ଦନ' ଅନୁଷ୍ଠିତ ହୋଇଯାଇଛି। ବାଳାଶ୍ରମ ପ୍ରତିଷ୍ଠାତା ମହାନ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବାଳାଶ୍ରମ ଅଧକ୍ଷ ଡ. ମଳୟ ନନ୍ଦ ପୌରୋହିତ୍ୟ କରିଥିଲେ। ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସିଏମ୍‌ଡି ଓଡ଼ିଶା ରାଜ୍ୟ ପୁଲିସ, ଗୃହ ଏବଂ ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟ ଦର୍ଶୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସମାଜର ଅବହେଳିତ ଗରିବ ଅନାଥ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣାରେ ଆବାସିକ ଉଚ୍ଚଶିକ୍ଷା ଯୋଗାଇ ଦେଇଥିବା ହରିହରାନନ୍ଦ ବାଳାଶ୍ରମ ଅନନ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଭୁବନେଶ୍ୱର ପୂର୍ବତଟ ରେଳ ବିଭାଗ ମୁଖ୍ୟ କାର୍ମିକ ଅଧିକାରୀ ସାଗରିକା ପଟନାୟକ, ସଲାମ ଜୀବନ ପରିଚାଳନା ନିର୍ଦ୍ଦେଶକ ଡ. ଇମ୍ରାନ ଅଲ୍ଲୀ, ଅକ୍ଷମତା ଅନ୍ତର୍ଭୁକ୍ତୀ ବିଶେଷଜ୍ଞ ଡ ସ୍ମୃତି ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଓ "ପରମହଂସ ପ୍ରଜ୍ଞାନାନନ୍ଦ ଓ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦଘାଟନ କରିଥିଲେ ଓ ପରମହଂସ ପ୍ରଜ୍ଞାନାନନ୍ଦ ଛାତ୍ର ଛାତ୍ରୀ ମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ ଓ ଏଇ ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ କଳା ଓ ବିଜ୍ଞାନ ପ୍ରଦର୍ଶନୀକୁ ଅତିଥିମାନେ ପରିଦର୍ଶନ କରିଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱାମୀ ସୁଗୀତାନନ୍ଦ ଗିରି, ପ୍ରଜ୍ଞାନ ମିଶନର ସମ୍ପାଦକ ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ଗିରିଙ୍କ ସମେତ ବହୁ ସନ୍ୟାସୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।




# ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଜୟନ୍ତୀରେ ଗଡମେକର୍ ସଙ୍ଗୀତାଞ୍ଜଳି



ପଟ୍ଟାମୁଣ୍ଡାଇ,୨୩।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ମୂଳବସନ୍ତ/ନଶିପୁରସ୍ଥ ଗୀତ-ବାଦ୍ୟ-ନୃତ୍ୟ-ନାଟ୍ୟ-ଚିତ୍ର ସମ୍ବଳିତ ଓଡ଼ିଶାର ସର୍ବବୃହତ ପଞ୍ଚକଳା କେନ୍ଦ୍ର ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡ଼ ମେକର) ପକ୍ଷରୁ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜୟଦେବ ଭବନଠାରେ ଆୟୋଜିତ ଉତ୍ସବରେ ସଙ୍ଗୀତାଞ୍ଜଳି ପରିବେଷଣ କରାଯାଇଥିଲା। ଗଡମେକର୍ ପ୍ରତିଷ୍ଠାତା-ନିର୍ଦ୍ଦେଶକ ଗୀତିକବି ସୁଶାନ୍ତ ପାଣିଙ୍କ ନିର୍ଦ୍ଦେଶନା ଓ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆକାଶବାଣୀ/ଦୂରଦର୍ଶନ କଣ୍ଠଶିଳ୍ପୀ ସୁପ୍ରିୟା ଦାଶ, ସାଇ ସମୀକ୍ଷା ସାହୁ, ସୁଶ୍ରୀ ସମନ୍ୱିତା ଦାଶ, ଆଦ୍ୟାଶା ଦାସ, ଶୁଭଲକ୍ଷ୍ମୀ ସାହୁ, ତନୁଜା ଦାଶ ଓ ସୁପ୍ରିୟା ସେନ, ବାଦ୍ୟାଞ୍ଜଳିରେ ସଞ୍ଜୟ ଦେବ, ବିଶ୍ୱଜିତ ଦାସ, ସରୋଜ ପଣ୍ଡା ଓ ଜଗନ୍ନାଥ ମଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ସୁଶାନ୍ତ ପାଣିଙ୍କ କଣ୍ଠରେ ଭଜନ ସମ୍ରାଟ ଭିକାରୀ ବଳଙ୍କ ଉଚ୍ଚାରିତ ଜଗନ୍ନାଥ ଜଣାଣ "ମନ ପାରାରେ, ଶ୍ରୀକ୍ଷେତ୍ରେ ଯିବୁ ଉଡ଼ି ଉଡ଼ି' ବେଶ ମନମୁଗ୍ଧକର ହୋଇଥିଲା। ଗଡମେକର୍ କଣ୍ଠଶିଳ୍ପୀ ସୁପ୍ରିୟା ଦାଶ "ବେଦନା ଭରା ଜୀବନ ମୋର କରୁଣାରେ ଦିଅ ଭରି' ପରିବେଷଣ କରିଥିଲେ। ଗୀତିକବି ସୁଶାନ୍ତ ପାଣିଙ୍କ ରଚିତ "ଏଦେଶ ମାଟିର କୋଣେ ଅନୁକୋଣେ' ଦେଶାତ୍ମବୋଧକ ବୃନ୍ଦଗାନ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

# ବିଏନଏନଆର ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା



ପଟ୍ଟାମୁଣ୍ଡାଇ,୨୩।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ମାଳିପୁରଠାରେ ଅବସ୍ଥିତ ବିଏନଏନଆର ପବ୍ଲିକ ସ୍କୁଲରେ ଗତ ତିନିଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉଦଯାପିତ ହୋଇଛି। ଏହି ଉତ୍ସବରେ ବିଦ୍ୟାଳୟର ଚେୟାରମ୍ୟାନ ନିରୁପମା ପାତ୍ର ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଶଶିକାନ୍ତଙ୍କ ସାହୁ ଅଧ୍ୟକ୍ଷତାରେ ଶିକ୍ଷକ,ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଭାଇସ ପ୍ରିନ୍ସିପାଲ ସ୍ନେହଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ଦେସାହି ସମିତିରେ ଋଣ ପ୍ରଦାନରେ ଅନିୟମିତତା
# ସମିତି ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ

ଗୋବିନ୍ଦପୁର,୨୩।୧୨(ସମିସ): ଆଳି ବ୍ଲକ ଅନ୍ତର୍ଗତ ଦେସାହି କୃଷି ସେବା ସମବାୟ ସମିତିରେ କୃଷି ଋଣ ପ୍ରଦାନରେ ଅନିୟମିତତା, ପାତରଅନ୍ତର କରାଯାଇଥିବା ଚାଷୀ ଅଭିଯୋଗ କରି ସମିତି ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ଦେସାହି ସମିତିରେ ଚାଷୀଙ୍କୁ



ଋଣ ମିଳୁନି। ଋଣ ପ୍ରଦାନରେ ଅନିୟମିତତା, ସମ୍ପାଦକ ଋଣ ଦେବାରେ ପାତରଅନ୍ତର କରୁଛନ୍ତି। ସମିତି କାର୍ଯ୍ୟାଳୟ ଏରଡଙ୍ଗରୁ ଦେସାହିକୁ ସ୍ଥାନାନ୍ତର ପ୍ରମୁଖ ଦାବି ନେଇ ଚାଷୀ ବିଷ୍ଣୁଚରଣ ମଲ୍ଲିକ, ଅଭି ମଲିକ, ଶ୍ରୀକାନ୍ତ ମଲିକ, ସରୋଜ ଦାସ, କୃଷ୍ଣ ସେଠୀ, ମହେଶ୍ୱର ମଲିକ, ଉମାକାନ୍ତ ମଲିକ, ନନ୍ଦକିଶୋର ସାହୁ, ସୁରେଶ ମଲିକ, ସୁଶାନ୍ତ ରାଉତ, ପ୍ରକାଶ ମଲିକ, କରୁଣାକର ସେଠୀ, ସରପଞ୍ଚଙ୍କ ପ୍ରତିନିଧି ମନୋଜ ଦାସ, ସମିତି ସଭ୍ୟ ସନ୍ତୋଷ ବେହୁରିଆଙ୍କ ସମେତ ବହୁ ଚାଷୀ ବିକ୍ଷୋଭ କରିଥିଲେ। ତୁରନ୍ତ ଏହାର ତଦନ୍ତ କରିବା ସହିତ ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନ କରାଯିବ ବୋଲି ଚାଷୀ ଚେତାବନୀ ଦେଇଛନ୍ତି।

# ରାସ୍ତା ଖୋଳି ବାଡ଼ ବସାଇଦେଲେ, ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ

ଡେରାବିଶ,୨୩।୧୨(ସମିସ):



ଡେରାବିଶ ବ୍ଲକ୍ ଯଁଅରାବାରିମୂଳ ପଞ୍ଚାୟତ ଭିତରବମ୍ପୁ ଗ୍ରାମର ଏକ ସାହି ମଧ୍ୟକୁ ଯାଇଥିବା ରାସ୍ତା ଜଣେ ଖୋଳିଦେବା ସହ ବାଡ଼ ବସାଇଛନ୍ତି। ଫଳରେ ଶତାଧିକ ଲୋକ ଘରୁ ବାହାରିପାରୁନାହାନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହୋଇଛନ୍ତି ଲୋକେ। ଏହି ରାସ୍ତାକୁ ଜଣେ ବ୍ୟକ୍ତି ନିଜର ବୋଲି ଦାବି କରିବା ସହିତ ଏଭଳି ବାଡ଼ ପକାଇଥିବା ଜଣାପଡ଼ିଛି। ଏଥିଯୋଗୁଁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ପରିବାର ଦୁଇଦିନ ହେବ ଏକ ପ୍ରକାର ଗୃହବନ୍ଦୀ ହୋଇଛନ୍ତି। ଏପରିକି ସ୍କୁଲ କଲେଜ ଛାତ୍ରଛାତ୍ରୀ ପାଠପଢ଼ିବାକୁ ଯାଇ ପାରୁନାହାନ୍ତି। ଏ ସମ୍ପର୍କରେ ଗ୍ରାମର ମନୋରଞ୍ଜନ ପଟ୍ଟନାୟକ ଗତକାଲି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଏହାର ତ୍ୱରିତ ସମାଧାନ ପାଇଁ ଦାବି କରିଛନ୍ତି। ଏଥିସହିତ ସେ ଏହି ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଆଜି ଅଭିଯୋଗ କରିଥିବା ଜଣାଯାଇଛି। ଶ୍ରୀ ପଟ୍ଟନାୟକଙ୍କ ଅଭିଯୋଗ ଅନୁଯାୟୀ ଗତ ୭୦ ବର୍ଷ ହେବ ଏହି ରାସ୍ତା ଦେଇ ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ପରିବାର ଯାତାୟତ କରୁଥିଲେ। ହେଲେ ଦୁଇଦିନ ତଳେ ଜଣେ ବ୍ୟକ୍ତି ରାସ୍ତା ତାଙ୍କ ଜମିରେ ହୋଇଥିବା ଦାବି କରି ଖୋଳି ଦେଇଛନ୍ତି। ରାସ୍ତା ଖୋଳି ସାରିବା ପରେ ସେଥିରେ ବାଡ଼ ବସାଇ ଚଳପ୍ରଚଳକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ଫଳରେ ଅବସରପ୍ରାପ୍ତ ଅଧ୍ୟାପକ କଳ୍ପତରୁ ପଟ୍ଟନାୟକ, ଯୋଗେନ୍ଦ୍ର ନାୟକ, ରବୀନ୍ଦ୍ର ନାୟକ, କ୍ଷୀରୋଦ ମହାରଣା, ମନୋରଞ୍ଜନ ପରିଡ଼ା, ଭାଗୀରଥି ପରିଡ଼ା, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, କ୍ଷୀରୋଦ ରାଉତ ଓ ନିକଟସ୍ଥ ଦଳିତ ବସ୍ତିର ଅନେକ ଲୋକ ଘରୁ ବାହାରିପାରୁନାହାନ୍ତି ବୋଲି ଦର୍ଶାଇଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ରେକଡର୍‌ରେ ୨୦ କଡ଼ି ରାସ୍ତା ଅଛି। ପୂର୍ବରୁ ଏ ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯାଇଛି, ମାପଚୁପ ବି ହୋଇଛି। ତେବେ ଆଜି ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ଓ ଯଁଅରାବାରିମୂଳ ରାଜସ୍ୱ ନିରୀକ୍ଷିକା ଇପ୍‌ସିତା ପରିଜା ଘଟଣା ସ୍ଥଳରେ ପହଞ୍ଚି ସମାଧାନ ପାଇଁ ଉଦ୍ୟମ କରିଥିବା ବେଳେ ତୁରନ୍ତ ତହସିଲ ପକ୍ଷରୁ ମାପ କରାଯାଇ ରାସ୍ତାକୁ ଚିହ୍ନଟ କରାଯିବ ବୋଲି କହିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ମା' ପରି ମାତୃଭୂମି ମଧ୍ୟ ତୁମକୁ ଜନ୍ମ ଦେଇଛି। ତେଣୁ ମାତୃଭୂମି ପାଇଁ ତୁମେ ଗର୍ବ ଅନୁଭବ କରିବା ଆବଶ୍ୟକ।
-ସତ୍ୟ ସାଇବାବା

## ଆରାବଳି ପରେ ମହେନ୍ଦ୍ରଗିରି!

ଉତ୍ତର-ପଶ୍ଚିମ ଭାରତର ଦିଲ୍ଲୀଠାରୁ ଗୁଜରାଟ୍ ପର୍ଯ୍ୟନ୍ତ ୬୭୦ କିମି ବ୍ୟାପ୍ତ ଆରାବଳୀ ପର୍ବତମାଳାର ସଂଜ୍ଞା ପରିବର୍ତ୍ତନ ହୋଇଥିବା ଅଭିଯୋଗ ସହିତ ବିରୋଧାଭାସ ତୀବ୍ର ହେବାରେ ଲାଗିଛି। ଜୈବବିବିଧତା ଓ ପରିବେଶ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି ପାର୍ବତ୍ୟାଞ୍ଚଳରେ ଖଣି ଖନନ ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟକ୍ରମ ଆରମ୍ଭ ହୋଇସାରିଥିବାରୁ ପରିବେଶବିତ୍‌ମାନେ ବିରୋଧ କରିଆସୁଛନ୍ତି। ଏପରିକି ଗତ ପ୍ରାୟ ୭ ବର୍ଷ ମଧ୍ୟରେ ଅଦାଲତ ୧୦ ଥର କେନ୍ଦ୍ର ସମେତ ବିଭିନ୍ନ ରାଜ୍ୟ ସରକାରମାନଙ୍କୁ ତାଗିଦ କରି ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଏହି ନିର୍ମାଣ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଆଇନଗତ ପ୍ରତିବନ୍ଧକ ହଟାଇବାକୁ ଚତୁରତାର ସହିତ ଆରାବଳୀର ସଂଜ୍ଞାରେ ପରିବର୍ତ୍ତନ କରିଦିଆଯାଇଥିବା ଅଭିଯୋଗ ହୋଇଛି। ଏପରିକି ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏହି ପରିବର୍ତ୍ତିତ ସଂଜ୍ଞାକୁ ଗ୍ରହଣ କରିନେଇଥିବାରୁ ଆଗାମୀ ଦିନରେ ସେଠାରେ ଖଣି ଖନନ ଓ ଅନ୍ୟାନ୍ୟ ପରିବେଶ ପ୍ରତିକୂଳ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ, ଯାହାଫଳରେ ରାଜଧାନୀ ଦିଲ୍ଲୀର ପରିବେଶ ସମସ୍ୟା ଆହୁରି ଉତ୍କଟ ହେବ ବୋଲି ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅପରପକ୍ଷରେ ସଂଜ୍ଞାକୁ ଭୁଲ୍ ତର୍ଜମା କରାଯାଇଥିବା ଏବଂ ଆରାବଳୀର ୧.୪୪ ଲକ୍ଷ ବର୍ଗକିମି ଅଞ୍ଚଳରୁ ମାତ୍ର ୦.୧୯% ଖଣିଜ କାର୍ଯ୍ୟକଳାପ ପାଇଁ ଅନୁମତି ଦିଆଯାଇଥିବା କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ସ୍ପଷ୍ଟୀକରଣ ଦେଇଛନ୍ତି। କିନ୍ତୁ ହଠାତ୍ ସଂଜ୍ଞା ପରିବର୍ତ୍ତନର ଆବଶ୍ୟକତା କାହିଁକି ସୃଷ୍ଟି ହେଲା ତାହାକୁ ନେଇ ଆଉ ଏକ ଗୁରୁତର ପ୍ରଶ୍ନ ଉଠିଛି।

ପରିବେଶ-ସମ୍ବେଦନଶୀଳ ଅଞ୍ଚଳରେ ବିକାଶ ଆଧାରିତ ନିର୍ମାଣ ମାର୍ଗଦର୍ଶିକା ଏବଂ ବିଭିନ୍ନ ବିଶେଷଜ୍ଞ କମିଟିର ପରାମର୍ଶ ଓ ସୁପାରିସକୁ ଉପେକ୍ଷା କରିବାର ପରିଣତି ଆମେ ପଶ୍ଚିମଘାଟ ପର୍ବତମାଳା ଅଧୀନ କେରଳର ୱାଇନାଡ଼ ଓ ହିମାଳୟ ପାର୍ବତ୍ୟାଞ୍ଚଳର ଉତ୍ତରାଖଣ୍ଡରେ ଘଟିଥିବା ବିଭୀଷିକା ଅଙ୍ଗେ ନିଭାଇଛେ। ତଥାପି ଅର୍ଥନୀତିକୁ ଅଗ୍ରାଧିକାର ଦେଇ ପରିବେଶକୁ ଉପେକ୍ଷା କରିବାର ବେପରୁଆ ମନୋବୃତ୍ତିକୁ ପରିହାର କରିପାରୁନେ। ତେଣୁ ଏବେ ଏହି ଧାରାରେ ଆରାବଳୀ ସାମିଲ୍ ହେବା ଆଶ୍ଚର୍ଯ୍ୟଜନକ ନୁହେଁ। ଏହି ପାର୍ବତ୍ୟାଞ୍ଚଳରେ ଅନେକ ଅଭୟାରଣ୍ୟ, ସଂରକ୍ଷିତ ଜୈବମଣ୍ଡଳ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଆଦି ରହିଛି। ଖଣିଜ କାର୍ଯ୍ୟକଳାପ ଦ୍ୱାରା ସେଗୁଡ଼ିକ ପ୍ରଭାବିତ ହେବା ନିଶ୍ଚିତ। କିନ୍ତୁ ଯାହାକୁ ନେଇ ସବୁଠାରୁ ବିବାଦ ଉଠିଛି ତାହା ହେଲା ଆରାବଳୀର ଉଚ୍ଚତାକୁ ଯେପରି ୧୦୦ ମିଟର ପର୍ଯ୍ୟନ୍ତ ଅବାଧରେ ହ୍ରାସ କରାଯାଇପାରିବ ତାହାକୁ ଦୃଷ୍ଟିରେ ରଖି ନୀତି ନିୟମକୁ ମୋଡ଼ିମକଚି ଦିଆଯାଇଛି। ସଂଜ୍ଞାର ବ୍ୟୁତ୍ପତ୍ତି କରିବାର ଅଧିକାର ଆମର ନାହିଁ। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ସବୁଜସଂକେତ ଦେଇସାରିଥିବାରୁ ଏବେ କେବଳ ଆଞ୍ଚଳିକ ବିରୋଧ ହିଁ ଆରାବଳୀକୁ ସୁରକ୍ଷା ଦେଇପାରିବ ବୋଲି ମତ ପ୍ରକାଶ ପାଇଛି।

ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥାର ଆଭ୍ୟନ୍ତରୀଣ ସର୍ବେକ୍ଷଣ ରିପୋର୍ଟକୁ ଉଦ୍ଧାର କରି ପରିବେଶବିତ୍ ଓ ଭୂବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି ଯେ ନୂତନ ସଂଜ୍ଞା ବଳରେ ଆରାବଳୀ ପାର୍ବତ୍ୟାଞ୍ଚଳର ପ୍ରାୟ ୯୦% ଅଞ୍ଚଳ 'ନିଷିଦ୍ଧାଞ୍ଚଳ' ମାନ୍ୟତା ହରାଇବ ଏବଂ ବ୍ୟବସାୟିକ କାର୍ଯ୍ୟକଳାପ ପାଇଁ କଟକଣାମୁକ୍ତ ହୋଇଯିବ। ଏହି ରିପୋର୍ଟ ଅନୁଯାୟୀ ଆରାବଳୀ ପାର୍ବତ୍ୟାଞ୍ଚଳରେ ଥିବା ୧୨, ୦୮୧ ପର୍ବତ ଓ ମାଳଭୂମି ମଧ୍ୟରୁ ମାତ୍ର ୧, ୪୦୮ ଟି ୧୦୦ ମିଟର ଉଚ୍ଚତାର ସଂଜ୍ଞା ପୂରଣ କରୁଛି। ଏହାଛଡ଼ା କେନ୍ଦ୍ର ସରକାରଙ୍କ ସଂଶୋଧନ ପରେ ଆରାବଳୀର ନିଷିଦ୍ଧ ଅଞ୍ଚଳ ତାଲିକାରେ ରାଜସ୍ଥାନର ସାୱାଇ ମାଧୋପୁର ଜିଲ୍ଲାର ରାଣ୍ଟମ୍ଭୋର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ, ଚିତ୍ତୋରଗଡ଼ ଆଦି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ସ୍ଥାନ ପାଇନାହିଁ। ଅର୍ଥାତ୍ ସେଠାରେ ନିର୍ମାଣ କାର୍ଯ୍ୟ ଅବାଧରେ ଚାଲିବ ଏବଂ ସେହିସବୁ ଐତିହ୍ୟ ଓ ସ୍ମାରକୀ ପ୍ରତି ବିପଦ ଅବଶ୍ୟମ୍ଭାବୀ।

ଏହି ପୃଷ୍ଠଭୂମିରେ ଓଡ଼ିଶାର ମହେନ୍ଦ୍ରଗିରି ବିଷୟରେ କିଞ୍ଚିତ ଆଲୋଚନା କରିବା ପ୍ରାସଙ୍ଗିକ ହେବ। ବିରଳ ଜୈବବିବିଧତାରେ ପରିପୂର୍ଣ୍ଣ ଏବଂ ଐତିହାସିକ-ପୌରାଣିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ଗଜପତି ଜିଲ୍ଲାର ପ୍ରସିଦ୍ଧ ମହେନ୍ଦ୍ରଗିରିକୁ ସଂରକ୍ଷିତ ଜୈବ ମଣ୍ଡଳ ମାନ୍ୟତା ପାଇଁ ବହୁଦିନରୁ ଦାବି ହୋଇ ଆସୁଛି। ସମସ୍ତ ଐତିହାସିକ, ବୈଜ୍ଞାନିକ ଓ ଭୌଗୋଳିକ ତଥ୍ୟ ପ୍ରମାଣ ସତ୍ତ୍ୱେ ଏହି ମାନ୍ୟତା ପାଇବାରେ ଓଡ଼ିଶା ଗତାନୁଗତିକ ଐତିହାସିକ ଅବହେଳାର ଶିକାର ହୋଇଛି। ମାନ୍ୟତା ଦୂରେ ଥାଉ ଏବେ ମହେନ୍ଦ୍ରଗିରିକୁ ପର୍ଯ୍ୟଟନ ଅର୍ଥନୀତିର ଏକ ଅଂଶ କରିବା ପାଇଁ ବିଧିବଦ୍ଧ ଉଦ୍ୟମ ଆରମ୍ଭ ହୋଇସାରିଛି। ସେଠାରେ 'ମହେନ୍ଦ୍ରଗିରି ପରିକ୍ରମା ପ୍ରକଳ୍ପ' ପାଇଁ ସଂରକ୍ଷିତ ଜଙ୍ଗଲର ୦.୯ ହେକ୍ଟର ଜମିର କିସମ ପରିବର୍ତ୍ତନ କରି ଜିଲ୍ଲା ରାଜସ୍ୱ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ତେଣୁ ଆରାବଳୀ ଧାରାରେ ମହେନ୍ଦ୍ରଗିରି ଜୈବମଣ୍ଡଳର ସଂଜ୍ଞା ମଧ୍ୟ ବଳି ପଡ଼ିବା ଅସମ୍ଭବ ନୁହେଁ। ଏଠାରେ ସୂଚାଇ ଦେବା ଉଚିତ ହେବ ଯେ ଇକୋ ଟୁରିଜିମ୍‌କୁ ପ୍ରୋତ୍ସାହନ ଦେବା ପାଇଁ ଖନନ କାର୍ଯ୍ୟ ଯୋଗୁଁ ନିକଟରେ ମହେନ୍ଦ୍ରଗିରି ପର୍ବତ ଅଞ୍ଚଳରେ ଭୂସ୍ଖଳନ ଘଟି ଜୀବନହାନି ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି।

ଦିଲ୍ଲୀର ପରିବେଶକୁ ଆରାବଳୀ ସୁରକ୍ଷା ଦେବା ଭଳି ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଜଳବାୟୁ ନିୟନ୍ତ୍ରଣରେ ମହେନ୍ଦ୍ରଗିରି ପର୍ବତମାଳାର ବଳିଷ୍ଠ ଭୂମିକା ଥିଲେ ହେଁ ଏହା ସରକାରୀ ସ୍ତରରେ ସେଭଳି ଗୁରୁତ୍ୱ ପାଇନାହିଁ। ଏହି ପୃଷ୍ଠଭୂମିରେ ଯଦି ସେଠାରେ ଭବ୍ୟମନ୍ଦିର ନିର୍ମାଣ ଆଳରେ ପରିବେଶ-ପ୍ରତିକୂଳ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେବ ତେବେ ସ୍ଥିତି ଆହୁରି ବିଗିଡ଼ି ଯିବାର ଆଶଙ୍କା ରହିଛି। ମହେନ୍ଦ୍ରଗିରି ପୂର୍ବ-ଘାଟ ପର୍ବତମାଳାର ଅଂଶଭାବେ ଗଣ୍ଡୱାନା ଅଞ୍ଚଳାଧୀନ ଏବଂ ଏହାର ମୃତ୍ତିକା ପୃଥିବୀର ସର୍ବପୁରାତନ। ମହେନ୍ଦ୍ରଗିରିର କେନ୍ଦ୍ରୀୟ ଅଞ୍ଚଳ ପର୍ଯ୍ୟଟନ ଅର୍ଥନୀତିରେ ପ୍ରମୁଖତା ହାସଲ କରିବା ପରେ ତାହାର ଦୁର୍ଲ୍ଲଭ ଜୈବବିବିଧତା ଧୀରେଧୀରେ ହିମାଳୟ ପାର୍ବତ୍ୟାଞ୍ଚଳ ଅନୁରୂପ ବିଭିନ୍ନ ବହୁଦେଶୀୟ ଓ ଦେଶୀୟ ଔଷଧ କମ୍ପାନୀ, ସୌଖୀନ କାଠ ଓ ଖେଳନା କମ୍ପାନୀର ପଞ୍ଝାକୁ ଚାଲିଯିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା କରୁଛନ୍ତି। ପରିଶେଷରେ ପୁଣି ଏକ 'ଚିପ୍‌କୋ ଆନ୍ଦୋଳନ' କିମ୍ବା 'ହିମାଳୟ ପରିବେଶ ବଞ୍ଚାଅ ଆନ୍ଦୋଳନ' ଭଳି 'ଆରାବଳୀ ବଞ୍ଚାଅ ଆନ୍ଦୋଳନ' କିମ୍ବା 'ମହେନ୍ଦ୍ରଗିରି ବଞ୍ଚାଅ ଆନ୍ଦୋଳନ' ହୁଏତ ଜନ୍ମ ନେଇପାରେ। କିନ୍ତୁ ସେଥିପାଇଁ ଜନସଚେତନତା ସୃଷ୍ଟି, ଏକତା ଓ ସ୍ୱର ଉତ୍ତୋଳନ ପୂର୍ବରୁ କେତେବେଳେ ଯେ ପ୍ରତିପତ୍ତିଶାଳୀ ଶିଳ୍ପୋଦ୍ୟୋଗୀଙ୍କ ହାତକୁ ଓଡ଼ିଶାର ଏହି ବିଶ୍ୱପ୍ରସିଦ୍ଧ ବିରଳ ଜୈବମଣ୍ଡଳ ଚାଲି ନ ଯିବ କିଏ କହିବ?

# ସନ୍ତ୍ରାନ୍ତ ସନ୍ତ୍ରାସବାଦ ଓ ଆମ ବିଶ୍ୱବିଦ୍ୟାଳୟ

ନାଥ କପିଳେନ୍ଦ୍ର ଦେବ



ହରିୟାଣା ସ୍ଥିତ ଅଲ ଫଲହା ବିଶ୍ୱବିଦ୍ୟାଳୟର ଡାକ୍ତରୀ ଶିକ୍ଷା ପ୍ରଧ୍ୟାପକମାନଙ୍କର ଲାଲକିଲ୍ଲା ବିସ୍ଫୋରଣ ସହ ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଥିବାର ପ୍ରାରମ୍ଭିକ ପ୍ରମାଣ ହସ୍ତଗତ ହେବା ପରେ ସାରା ଦେଶରେ ଏବେ ବିଶ୍ୱବିଦ୍ୟାଳୟମାନଙ୍କ କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନଚିହ୍ନ ଲାଗିଛି। ଏହା ପୂର୍ବରୁ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ବିଚ୍ଛିନ୍ନତାବାଦୀ ସ୍ୱର, ଦେଶର ପ୍ରସିଦ୍ଧ ଶିକ୍ଷାୟତନର ଗରିମା ନଷ୍ଟ କରିଥିଲା। ୨୦୦୮ ମସିହାରେ ମୁମ୍ବାଇ ଆକ୍ରମଣ ସହ ସମ୍ପୃକ୍ତ ହାଫିଜ ମହମ୍ମଦ ସୟିଦ ଜଣେ ପ୍ରଫେସର ଭାବେ କାର୍ଯ୍ୟରତ ଥିବା ସହିତ ପାକିସ୍ତାନର ଆତଙ୍କବାଦୀ ସଂଗଠନ 'ଲସ୍କର-ଇ-ତୋଇବା' ର ଜଣେ ସେନାପତି ମଧ୍ୟ ଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଆରବ ଭାଷା ଅଧ୍ୟାପକ ସୟିଦ ଅବଦୁଲ ଗିଲାନୀ ୨୦୦୧ ମସିହା ସଂସଦ ଆକ୍ରମଣ ସହ ଜଡ଼ିତ ଥିବାର ଅଭିଯୋଗ ହୁଏ, ଯଦିଓ ସେ ସମୟରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ସେ ଦୋଷମୁକ୍ତ ହୋଇଥିଲେ। କାଶ୍ମୀର ବିଶ୍ୱବିଦ୍ୟାଳୟର ସମାଜଶାସ୍ତ୍ରୀ ମହମ୍ମଦ ରଫି ଭଟ୍ଟ ହିଜବୁଲ ମୁଜାହିଦିନ ଓ ରସାୟନ ବିଭାଗ ପ୍ରାଧ୍ୟାପକ ଅଲତାଫ ହୁସେନ ଜାମୁ କାଶ୍ମୀର ମୁକ୍ତି ସାମୁଖ୍ୟ ସହ ରହି ଦେଶବିରୋଧୀ କାର୍ଯ୍ୟରେ ଜଡ଼ିତ ଥିଲେ। ଭାରତରେ କିଛି ବିଶ୍ୱବିଦ୍ୟାଳୟ ଅଧ୍ୟାପକ ନକ୍ସଲମାନଙ୍କୁ ପ୍ରୋତ୍ସାହିତ କରୁଥିବାର ଖବର ଆଗରୁ ଗଣମାଧ୍ୟମର ଶିରୋନାମା ହୋଇଥିଲା। ଏ ସବୁ ଅନୁଧ୍ୟାନ କଲେ ମନରେ ବିଶ୍ୱବିଦ୍ୟାଳୟଗୁଡ଼ିକର ଶିକ୍ଷାପଦ୍ଧତି, ଶୈକ୍ଷିକ ବାତାବରଣ, ପରିଚାଳନାଗତ ଶୃଙ୍ଖଳା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ।

ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରତିଦାନ ସାରା ବିଶ୍ୱର ସମୃଦ୍ଧି ପାଇଁ ଉଦ୍ଦିଷ୍ଟ। ପଞ୍ଚମରୁ ସପ୍ତମ ଶତାବ୍ଦୀ ବେଳର ପ୍ରାଚୀନ ଭାରତରେ ଗଢ଼ି ଉଠିଥିବା ନାଳନ୍ଦା, ତକ୍ଷଶୀଳା, ବିକ୍ରମଶିଳା ବିଶ୍ୱବିଦ୍ୟାଳୟଗୁଡ଼ିକରେ ହଜାର ହଜାର ଛାତ୍ର ଶିକ୍ଷା ଗ୍ରହଣ କରି ମାନବ ସଭ୍ୟତାକୁ ଆଲୋକ ଦେଖାଇଛନ୍ତି। ହିନ୍ଦୁ ସଂସ୍କୃତିରେ ଏଗୁଡ଼ିକ କେବଳ ଶିକ୍ଷାୟତନ ନୁହନ୍ତି, ବରଂ ବିଦ୍ୟାଦାତ୍ରୀ ମାଆ ସରସ୍ୱତୀଙ୍କର ମନ୍ଦିର। ସେଠାରେ ସେତେବେଳେ ବେଦ, ଉପନିଷଦ, ଭାଷା, ସଂସ୍କୃତି ସହ ସାମାଜିକ ବିଜ୍ଞାନ, ଭେଷଜ ବିଜ୍ଞାନ, ଶରୀର ବିଜ୍ଞାନ, କୃଷି ବିଜ୍ଞାନ ଆଦି ଉପରେ ଶିକ୍ଷାଦାନ କରାଯାଉଥିଲା। ବିଦେଶୀ ପରିବ୍ରାଜକମାନେ ଏ ବିଷୟରେ ସେମାନଙ୍କ ବିବରଣୀରେ ଯଥେଷ୍ଟ ଆଲୋଚନା କରିଛନ୍ତି।

ଏବେ ମଧ୍ୟ ପୃଥିବୀର ଅନେକ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନ ଓ ଗବେଷଣା ଦ୍ୱାରା ସୃଷ୍ଟିକୁ ବହୁ ଚମତ୍କାର ଉପହାର ଦେଇ ଚାଲିଛନ୍ତି। ସର୍ବପୁରାତନ ୟୁରୋପୀୟ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନରେ ମାସାଚୁସେଟସ ବୈଷୟିକ ଅନୁଷ୍ଠାନ, ବୈଷୟିକ ଶିକ୍ଷା ଓ ନବଉନ୍ମେଷରେ, ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଆଇନ ଓ ନାଟକରେ, ଷ୍ଟାନ୍‌ଫୋର୍ଡ ବ୍ୟବସାୟ ଓ ଉଦ୍ୟୋଗ କ୍ଷେତ୍ରରେ, କେମ୍ବ୍ରିଜ କଳା ଓ ଗଣିତ ଶାସ୍ତ୍ରରେ ଉଚ୍ଚକୋଟୀର ଗବେଷଣା କରି ବିଶ୍ୱର ସର୍ବଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ପରିଗଣିତ ହେଉଛନ୍ତି। ବିଶ୍ୱର ସମୁଦାୟ ନୋବେଲ ବିଜେତାମାନଙ୍କ ମଧ୍ୟରୁ କେବଳ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ରୁ ୧୬୦ ଜଣ ଅଛନ୍ତି। ଅତଏବ ବିଶ୍ୱବିଦ୍ୟାଳୟ ହିଁ ସୃଜନଶୀଳତା, ଆତ୍ମମନ୍ଥନ, ନୂତନ ଆଲୋକ ସନ୍ଧାନକାରୀଙ୍କ ବାସସ୍ଥଳୀ। ଏହାର ଶିକ୍ଷାନବିସମାନେ ନୂତନ ବିଶ୍ୱର ପଥପ୍ରଦର୍ଶକ, ଏଥିରେ ଅନ୍ୟଥା ନାହିଁ।

ନିକଟ ଅତୀତରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଆମିଟି ବିଶ୍ୱବିଦ୍ୟାଳୟର ଜନୈକ ଛାତ୍ରୀ ଆୟେଶା ଜୈନଙ୍କର ମାମଲା ଗ୍ରହଣ କରି ଦେଶର ବେସରକାରୀ ବିଶ୍ୱବିଦ୍ୟାଳୟମାନଙ୍କର ସ୍ଥିତି, ପରିଚାଳନା ଓ ନିୟନ୍ତ୍ରଣବିଧି ଉପରେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ସବିଶେଷ ତଥ୍ୟ ମାଗିଥିଲେ। ସ୍ୱାଧୀନ ହେଲା ବେଳକୁ ଦେଶରେ ୧୭ ଟି ବିଶ୍ୱବିଦ୍ୟାଳୟ ଥିବା ସମୟରେ ଏହାର ସଂଖ୍ୟା ୨୦୨୫ ମଇ ମାସ ସୁଦ୍ଧା ୧୩୩୮ ହେଲାଣି। ଏଥିରେ କୃଷି ବିଶ୍ୱବିଦ୍ୟାଳୟ ପରି ବୃତ୍ତି ଉପରେ ନିବେଶିତ ବିଶ୍ୱବିଦ୍ୟାଳୟ ସାମିଲ ନୁହନ୍ତି। ଏବେ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରାୟ ୩.୨୫ କୋଟି ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୧୯୪୮-୪୯ ମସିହାର ରାଧାକୃଷ୍ଣନ କମିଟିଠାରୁ ଜାତୀୟ ଶିକ୍ଷା ନୀତି ୨୦୨୦ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ଓ ଗବେଷଣା ପାଇଁ ପଦକ୍ଷେପ ନିଆଯାଇଛି। କିନ୍ତୁ ବିଶ୍ୱବିଦ୍ୟାଳୟଗୁଡ଼ିକର ମୌଳିକ କର୍ତ୍ତବ୍ୟକୁ କିଏ କିପରି ନିୟନ୍ତ୍ରଣ କରୁଛି, ତାହା ହିଁ ପ୍ରଶ୍ନ। ରାଜ୍ୟସରକାରମାନଙ୍କର ଖାମଖିଆଲି ମନୋଭାବ ଯୋଗୁଁ ଘରୋଇ ବିଶ୍ୱବିଦ୍ୟାଳୟ ସଂଖ୍ୟା ଲଗାମଛଡ଼ା ପରି ବଢ଼ି ଚାଲିଛି। ପୁଞ୍ଜିପତିମାନେ ଏହାର ଫାଇଦା ନେଇ ନିଜସ୍ୱ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରୁଛନ୍ତି। ସରକାରୀ ତଥ୍ୟ ଅନୁସାରେ ୨୦୧୧-୧୨ ରୁ ୨୦୨୧-୨୨ ମଧ୍ୟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା ୨୬ ପ୍ରତିଶତ, ରାଜ୍ୟ ବିଶ୍ୱବିଦ୍ୟାଳୟରେ ୨୨ ପ୍ରତିଶତ ବଢ଼ିଥିଲା ବେଳେ ଘରୋଇ ବିଶ୍ୱବିଦ୍ୟାଳୟରେ ୪୯୭ ପ୍ରତିଶତ ବଢ଼ିଛି। ସରକାରୀ ବିଶ୍ୱବିଦ୍ୟାଳୟରେ ବିଶୃଙ୍ଖଳା, ଅଧ୍ୟାପକ ଅଭାବ, ଅଧ୍ୟାପନାର ପକ୍ଷପାତିତା, ଶୈକ୍ଷିକ ବାତାବରଣର ଅଭାବ ଯୋଗୁଁ ଘରୋଇ ବିଶ୍ୱବିଦ୍ୟାଳୟମାନେ ନିଜର ପ୍ରଭୁତ୍ୱ ବିସ୍ତାର କରିଚାଲିଛନ୍ତି ଏବଂ ଶିକ୍ଷାକୁ ବ୍ୟବସାୟ କରିସାରିଛନ୍ତି। ସେହି ଅନୁଷ୍ଠାନମାନଙ୍କର ଆର୍ଥିକ ପରିଚାଳନା, ନିୟନ୍ତ୍ରଣ ଆଦି ବ୍ୟକ୍ତିଗତ ମାଲିକାନାରେ ଥିବାରୁ ଏବଂ ସରକାରୀ ନିୟନ୍ତ୍ରଣ ବାହାରେ ଥିବାରୁ ବହୁ କ୍ଷେତ୍ରରେ ଅନିୟମିତତା ପରିଲକ୍ଷିତ ହୁଏ। ଅଲ ଫଲହା ବିଶ୍ୱବିଦ୍ୟାଳୟ ଏହାର ଏକ ଉଦାହରଣ।

ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ଶିକ୍ଷା ଆହୁରି ଦୁର୍ଦ୍ଦିନ ଦେଇ ଗତି କରୁଛି। ରାଜ୍ୟର ସର୍ବପୁରାତନ, ସର୍ବୋତ୍ତମ ତଥା ବହୁ ଜ୍ଞାନୀ, ଗୁଣୀ ବ୍ୟକ୍ତିବିଶେଷ, ପ୍ରଶାସକ, ବୈଜ୍ଞାନିକଙ୍କ ଏନ୍ତୁଡ଼ିଶାଳ ଉତ୍କଳ ବିଶ୍ୱବିଦ୍ୟାଳୟର ପରିସର ଏବେ ବହୁ ଅସାମାଜିକ ବ୍ୟକ୍ତିଙ୍କ ଆଡାସ୍ଥଳୀ। ଅଣଛାତ୍ର, ମାଦକଦ୍ରବ୍ୟ ଓ ମାରଣାସ୍ତ୍ରରେ ଛାତ୍ରାବାସ ଭରପୂର, ଏ ସବୁ ଗଣମାଧ୍ୟମର ସମ୍ବାଦ। 'ଯା ବିଦ୍ୟା ସେ ବିମୁକ୍ତୟେ', ଆପ୍ତ ବାକ୍ୟରେ ପ୍ରତିଷ୍ଠିତ ଏ ଅନୁଷ୍ଠାନର ସ୍ଥାନ ଏବେ କେଉଁଠି? ରାଜ୍ୟର ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ମୁରବିଶୂନ୍ୟ। ସବୁଠି ଏବେ ବିଶୃଙ୍ଖଳା, ସ୍ୱେଚ୍ଛାଚାରିତା, ଅରାଜକତା।

ଯଦି ଶିକ୍ଷା ପୁଞ୍ଜିପତିଙ୍କର ରୋଜଗାରପନ୍ଥା ହୁଏ, ଛାତ୍ରଛାତ୍ରୀମାନେ ପଥ ଭ୍ରଷ୍ଟ ହୁଅନ୍ତି, ଅଧ୍ୟାପକମାନେ ବି ଗିଲାନୀ, ଭଟ, ଡ ସାହିନଙ୍କ ପରି ଅସାମାଜିକ କାମ କରନ୍ତି। ସନ୍ତ୍ରାସବାଦ, ନକ୍ସଲବାଦ ଆଦି ଦେଶ ବିରୋଧୀ ଶକ୍ତି ସହ ଯୋଡ଼ି ହୁଅନ୍ତି ଏବଂ ସାରା ମାନବ ସମାଜ ପ୍ରତି ଶତ୍ରୁ ହୁଅନ୍ତି। ଶିକ୍ଷାର ମନ୍ଦିର ଯେତେବେଳେ ସମାଜ ଗଠନ ବଦଳରେ ସମାଜକୁ ଧ୍ୱଂସ ଆଡ଼କୁ ନେବାକୁ ପ୍ରସ୍ତୁତ, ମାକ୍‌ଲେଙ୍କ ଭୁଲ ଶିକ୍ଷାଦାନ ପଦ୍ଧତି ଯୋଗୁଁ ଭାରତର ନିଜସ୍ୱ ଶିକ୍ଷା ପ୍ରଣାଳୀ ପାଶ୍ଚାତ୍ୟ ଶିକ୍ଷାପ୍ରଣାଳୀ ଦ୍ୱାରା ଅପହୃତ, ସେତେବେଳେ ଏ ବ୍ୟବସାୟିକ ଶିକ୍ଷା ଭାରତକୁ ଆହୁରି ଅନ୍ଧାର ଗହ୍ୱରକୁ ଯେ ଠେଲି ନ ଦେବ, କିଏ କହିବ? ସନ୍ତ୍ରାନ୍ତ ସନ୍ତ୍ରାସବାଦକୁ ରୋକିବାକୁ ଏବେଠୁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ବିଶ୍ୱବିଦ୍ୟାଳୟମାନେ ପୁଣି ଜ୍ଞାନର ପ୍ରଦୀପ ଜଳାନ୍ତୁ, ମାନବ ସଭ୍ୟତାକୁ ସମୃଦ୍ଧ କରନ୍ତୁ, ଏହା ହିଁ କାମନା।

ଭୁବନେଶ୍ୱର, ମୋ: ୮୨୮୦୮୧୩୮୪୨

# ନକଲି ଦକ୍ଷତା ଓ ଶୈକ୍ଷିକ-ଦିବ୍ୟାଙ୍ଗ

ଚିନ୍ତାମଣି ପଣ୍ଡା

ଅଳ୍ପରେ ସନ୍ତୁଷ୍ଟ ହୋଇଯିବା ଯେହେତୁ ଆମର ସହଜାତ ପ୍ରବୃତ୍ତି, ତେଣୁ ଉଚ୍ଚାକାଂକ୍ଷୀ ହୋଇ ସୁନେଲି ଭବିଷ୍ୟତର ସ୍ୱପ୍ନ ଦେଖିବା କ୍ୱଚିତ ଲୋକଙ୍କ ମାନସିକତାରେ ପ୍ରତିଫଳିତ ହୁଏ। ଯଦି କୌଣସି ବର୍ଷ ଓଡ଼ିଶାରୁ କେହି ଜଣେ ଶିକ୍ଷାନବିସ ଭାରତୀୟ ପ୍ରଶାସନିକ ସେବା କିମ୍ବା ସମତୁଲ ପରୀକ୍ଷାରେ କୃତକାର୍ଯ୍ୟ ହୋଇଗଲେ, ସେ ମେଧା ତାଲିକାର ନିମ୍ନଆଡ଼କୁ ରହିଲେ ବି ଆମେ ବାଜା ବଜାଇ, ନାଚି କୁଦି, ଘରେ ଘରେ ପିଠା ପଣା କରି ପ୍ରବଳ ଖୁସି ପାଳନ କରୁ। ତେଣିକି ସେ ଓଡ଼ିଆ ହୁଅନ୍ତୁ କି ଅଣଓଡ଼ିଆ ବାସିନ୍ଦା। ଏହା ନିଶ୍ଚିତ ଭାବରେ ଆମ ଅସ୍ମିତାର ପ୍ରତୀକ। କିନ୍ତୁ ନିଜ ଦୋଷଦୁର୍ବଳତାକୁ ସମୀକ୍ଷା କରି ପରବର୍ତ୍ତୀ ବର୍ଷମାନଙ୍କରେ ଶୀର୍ଷସ୍ଥାନ ଅଧିକାର କରିବାକୁ ଉଦ୍ୟମ କରିବା ଆମ ଜାତକରେ ନଥାଏ।

ଯେତିକି ମିଳିଲା, ତାହା ଆମ ଭାଗ୍ୟ ବୋଲି ଭାବି ସନ୍ତୋଷ ବ୍ୟକ୍ତ କରୁ। କାଁ ଭାଁ ଯଦି କେହି ଆନ୍ତର୍ଜାତିକ କ୍ଷେତ୍ରରେ ଅନ୍ତରୀକ୍ଷ ଗବେଷଣା, ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା, ପ୍ରତିରକ୍ଷା, ଗବେଷଣା କିମ୍ବା ବ୍ୟବସାୟର ଉଚ୍ଚତମ ସୋପାନରେ ପହଞ୍ଚିଗଲେ ତେବେ ତାଙ୍କର ପ୍ରଦର୍ଶନ ଏ ଜାତି ପାଇଁ ଯେତିକି ଗର୍ବ ଓ ଗୌରବର ବିଷୟ, ପରବର୍ତ୍ତୀ ପିଢ଼ି ପାଇଁ ସେତିକି ପ୍ରେରଣାର ଉତ୍ସ ପାଲଟିଥାଏ। ଏ ଦିଗରେ ଉତ୍ତରଦାୟାଦମାନେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଉଦ୍ୟମ କରିବା କଥା। ମାତ୍ର ନିଜର ଶିକ୍ଷା ବ୍ୟବସ୍ଥାର ବିକାଶ ଘଟାଇ ଆମେ ବିଦ୍ୟାର୍ଥୀ ଜୀବନରୁ ଏ ଦିଗରେ ଆଗେଇ ପାରୁନା।

ଅନେକ ବର୍ଷ ତଳେ ଓଡ଼ିଶା ଶିକ୍ଷାର୍ଥୀମାନଙ୍କର ସର୍ବଭାରତୀୟ ପରୀକ୍ଷାରେ ନୈରାଶ୍ୟଜନକ ପ୍ରଦର୍ଶନ ଉପରେ ତର୍ଜମା କରି ପ୍ରାଥମିକ ସ୍ତରରୁ ଶିକ୍ଷାଦାନ ବ୍ୟବସ୍ଥାକୁ ଉନ୍ନତ ତଥା ଅତ୍ୟାଧୁନିକ କରାଯିବାର ମନ୍ତବ୍ୟ ଦିଆଯାଇଥିଲା। ତଦନୁଯାୟୀ ଏକ ଶୃଙ୍ଖଳିତ ତଥା ସୁବ୍ୟବସ୍ଥିତ ଢଙ୍ଗରେ ଶିକ୍ଷାଦାନ ପ୍ରଣାଳୀର ଉନ୍ନତି କଳ୍ପେ ଦୀର୍ଘମିଆଦୀ କାର୍ଯ୍ୟକ୍ରମମାନ ସଂରଚନା କରାଗଲା, ଯହିଁରେ ଯୋଗ୍ୟ ଶିକ୍ଷକ ନିଯୁକ୍ତି ଓ ନିଯୁକ୍ତ ଶିକ୍ଷକମାନଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଗଲା। ଏହାର ପ୍ରାରମ୍ଭିକ ପଦକ୍ଷେପ ସ୍ୱରୂପ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଚୟନରେ 'ଓଡ଼ିଶା ଶିକ୍ଷକ ସାମର୍ଥ୍ୟ ପରୀକ୍ଷା'କୁ ସର୍ବନିମ୍ନ ଯୋଗ୍ୟତା ମାପଦଣ୍ଡ ହିସାବରେ ଧରାଗଲା। ତତ୍‌ସହିତ ପୂର୍ବ ନିଯୁକ୍ତ ଶିକ୍ଷକମାନଙ୍କୁ ମଧ୍ୟ ପଦୋନ୍ନତି ନିମନ୍ତେ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ନିୟମ ନିର୍ଦ୍ଧାରଣ କରାଗଲା। ମହାବିଦ୍ୟାଳୟ ସ୍ତରରେ ଅଧ୍ୟାପକ ନିଯୁକ୍ତି ସମୟରେ ମଧ୍ୟ ଜାତୀୟ ସାମର୍ଥ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରମାଣପତ୍ର ସର୍ବନିମ୍ନ ଯୋଗ୍ୟତାର ମାପକାଠି ହେଲା। ତେବେ ପୁରାତନ ଶିକ୍ଷକମାନଙ୍କ ପାଇଁ ଏହି ପରୀକ୍ଷାର ପ୍ରଶ୍ନପତ୍ରଗୁଡ଼ିକ ଅତି ସରଳ, ସହଜ ଓ ସୁଗମ, ଯାହାକି ଜଣେ ସାଧାରଣ ଶିକ୍ଷକ ଅନାୟାସରେ ଉତ୍ତର କରିପାରିବେ। ଶିକ୍ଷକମାନଙ୍କ ସୁପ୍ତଜ୍ଞାନକୁ ଜାଗ୍ରତ କରାଇବା ତଥା ପରିବର୍ତ୍ତିତ ପରିସ୍ଥିତି ସହିତ ନିଜର ମେଧାଶକ୍ତିକୁ ଖାପ ଖୁଆଇବା ପାଇଁ ଏହା ଏକ ପ୍ରକୃଷ୍ଟ ସୁଯୋଗ। କିନ୍ତୁ ଏ ପରୀକ୍ଷାରେ ଅକୃତକାର୍ଯ୍ୟ ହେବା ନିଶ୍ଚିତ ଭାବରେ ଆମର ବୁଦ୍ଧିମତ୍ତା ତଥା ପ୍ରତ୍ୟୁତ୍ପନ୍ନ ନିଷ୍ପତ୍ତିର ସ୍ତରକୁ ନିର୍ଦ୍ଧାରଣ କରେ।

ଘଟଣାଟି ଏତିକିରେ ନରହି ଯଦି ଆମେ ଅସାଧୁ ଉପାୟ ଅବଲମ୍ବନରେ ସାମର୍ଥ୍ୟ ପରୀକ୍ଷାରେ କୃତକାର୍ଯ୍ୟ ହେବାକୁ ଚେଷ୍ଟା କରୁ ତାହା ନିଶ୍ଚିତ ଭାବରେ ଏକ ଶୈକ୍ଷିକ ଅଧୋଗତିର ଆଭାସ ଦିଏ। ଉଦ୍‌ବେଗର ବିଷୟ ଯେ, ମଣିଷ ତିଆରି କାରଖାନାର କୁଶଳୀ କାରିଗରଗଣ ଯଦି କଳାବଜାରରୁ ପରୀକ୍ଷା ଆଗରୁ ଉତ୍ତରପତ୍ର କିଣି ସଫଳତା ପାଇବେ, ତେବେ ଶୈକ୍ଷିକ-ଦିବ୍ୟାଙ୍ଗଗୁଡ଼ିଏ ହିଁ ସୃଷ୍ଟି ହେବା ଅବଶ୍ୟମ୍ଭାବୀ ହେବ। ଏମାନେ ଦେଶର ବେକାରି ସମସ୍ୟାକୁ ବହୁଗୁଣିତ କରିବା ସହିତ ଦାଦନ ଖଟିବାକୁ ଯାଇ ବିଦେଶରେ ନିର୍ଯାତିତ ହେବେ। ଆଉ ଥୋକାଏ ହତାଶ ହୋଇ ପେଟପାଟଣା ପାଇଁ ଅପରାଧ ଜଗତରେ ପ୍ରବେଶ କରିଯିବେ। ତେଣୁ ଶିକ୍ଷାର କର୍ଣ୍ଣଧାର ବୋଲାଉଥିବା ବ୍ୟକ୍ତିତ୍ୱମାନଙ୍କ ସାମାନ୍ୟତମ ତ୍ରୁଟିବିଚ୍ୟୁତି ପାଇଁ ଦେଶର ଭବିଷ୍ୟତ ଗଠନରେ କେତେବଡ଼ ଅଧୋପତନ ଯେ ନ ଘଟିବ, ତାହା ଜଳଜଳ ଦିଶେ।

ବିଡ଼ମ୍ବନାର ବିଷୟ, ପ୍ରଶ୍ନପତ୍ରକୁ ପ୍ରଘଟ କରି ତହିଁରୁ ଆର୍ଥିକ ଫାଇଦା ହାସଲ କରିବାରେ ଯଦି ସଂଗ୍ରାମୀ ଶିକ୍ଷକ ନେତାଗଣ ଲିପ୍ତ ରୁହନ୍ତି, ତା'ହେଲେ ନିଜ ଜାତିଭାଇଙ୍କୁ ଉଦ୍ଧାର କରିବାକୁ ଯାଇ ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାକୁ ତଳିତଳାନ୍ତ କରୁନାହାନ୍ତି କି? ମନେରଖନ୍ତୁ, ଏହାଦ୍ୱାରା କତିପୟ ମେଧାହୀନ ଶିକ୍ଷକଙ୍କର ତ୍ରାଣକର୍ତ୍ତା ସାଜି ଆପଣ ନିଜର ଆର୍ଥିକ ତଥା ରାଜନୈତିକ ଅଭୀପ୍ସା ପୂରଣ କରିପାରନ୍ତି, କିନ୍ତୁ ଅନେକ ବର୍ଷ ପର୍ଯ୍ୟନ୍ତ ଏହାର କୁପ୍ରଭାବ ଶୈକ୍ଷିକ ବାତାବରଣରେ ପରିଲକ୍ଷିତ ହେବ।

ନକଲି କଳା-କୁଶଳତାର ପ୍ରମାଣପତ୍ର କେବଳ କ୍ଷଣିକ ଆତ୍ମସନ୍ତୁଷ୍ଟି ଦେଇପାରେ। କିନ୍ତୁ ଆପଣଙ୍କ କାରଖାନାର ଉତ୍ପାଦ ଏତେ ନିମ୍ନମାନର ହେବ ଯେ ତାହା ମୋଟ ଗଛକୁ ଘାସସମ ଛୋଟ ତୁଲ୍ୟ। ନା ଏମାନେ ନିଜ ମେଧାବଳରେ ନିଯୁକ୍ତି ପାଇପାରିବେ ନା ନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରିବେ। ଏମାନଙ୍କୁ ନେଇ ଆତ୍ମନିର୍ଭର ଭାରତର ସ୍ୱପ୍ନ ଦେଖିହେବ ତ? ନୋବେଲ ବିଜେତା ନେଲସନ୍ ମାଣ୍ଡେଲାଙ୍କ ଉକ୍ତିର ଅନୁବାଦରେ - 'ଯଦି ତୁମେ କୌଣସି ଏକ ଦେଶକୁ ନଷ୍ଟ କରିବାକୁ ଚାହୁଁଛ, ତା'ହେଲେ ତା'ର ଶିକ୍ଷା ବ୍ୟବସ୍ଥାକୁ ନିମ୍ନମାନର କରିଦିଅ।' ତେଣୁ ଖାଲି ଆଦର୍ଶ ବିଦ୍ୟାଳୟ ଖୋଲିଦେଲେ ଶିକ୍ଷାବ୍ୟବସ୍ଥା ଯେ ସୁଧୁରିଯିବ ତା' ନୁହେଁ, ବରଂ ଶୈକ୍ଷିକ ଢାଞ୍ଚାରେ ଆଦର୍ଶଗତ ପରିବର୍ତ୍ତନ କରା ନ ଗଲେ ଆଉ ଏହିପରି ଶୈକ୍ଷିକ-ଦିବ୍ୟାଙ୍ଗମାନଙ୍କ ହାତରେ ଶିକ୍ଷାର ବିକାଶକୁ ଟେକିଦେଲେ ଓଡ଼ିଆ ଜାତିର ଉଚ୍ଚାକାଂକ୍ଷା ପୂର୍ତ୍ତି ସୁଦୂର ପରାହତ ହେବ।

(ପ୍ରାକ୍ତନ ଅଧ୍ୟକ୍ଷ, କୃଷି ମହାବିଦ୍ୟାଳୟ)
ଭବାନୀପାଟଣା, ମୋ: ୮୧୪୪୦୬୬୦୧୬

# ଜଟିଆ ବାବା ମଠ

## ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଜଟିଆ ବାବା ମଠର ପ୍ରତିଷ୍ଠାତା ଜଟିଆ ବାବାଙ୍କର ପ୍ରକୃତ ନାମ ଥିଲା ବିଜୟକୃଷ୍ଣ ଗୋସ୍ୱାମୀ। ସେ ବଙ୍ଗପ୍ରଦେଶର ନଦିଆ ଜିଲ୍ଲାର ଶାନ୍ତିପୁରର ମୂଳ ବାସିନ୍ଦା ଥିଲେ। ତାଙ୍କର ବାପା ଆନନ୍ଦ ଚନ୍ଦ୍ର ଗୋସ୍ୱାମୀ ଚୈତନ୍ୟ ମହାପ୍ରଭୁଙ୍କ ପ୍ରମୁଖ ଶିଷ୍ୟ ଅଦ୍ୱୈତଙ୍କ ବଂଶଧର ଥିଲେ। ବିଜୟକୃଷ୍ଣଙ୍କ ଜନ୍ମ ବିଷୟରେ ଏକ ରୋଚକ କିମ୍ବଦନ୍ତୀ ଶୁଣିବାକୁ ମିଳେ। କୁହାଯାଏ ଯେ ବିବାହର ଅନେକ ବର୍ଷ ପର୍ଯ୍ୟନ୍ତ ଆନନ୍ଦ ଚନ୍ଦ୍ର ଅପୁତ୍ରିକ ଥିଲେ। ଗୋଟିଏ ପୁତ୍ର କାମନା କରି ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶରଣାପନ୍ନ ହେଲେ। ମହାପ୍ରଭୁଙ୍କ ଦର୍ଶନ ପାଇଁ ସେ ଗାଆଁରୁ ଦଣ୍ଡ ମାରି ମାରି ଶ୍ରୀକ୍ଷେତ୍ର ଆଗମନ କରି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ତାଙ୍କ ଭକ୍ତି ଓ ନିଷ୍ଠାରେ ସନ୍ତୁଷ୍ଟ ହୋଇ ମହାପ୍ରଭୁ ତାଙ୍କୁ ଗୋଟିଏ ପୁତ୍ର ସନ୍ତାନ ପ୍ରାପ୍ତି ପାଇଁ ବରଦାନ କରିଥିଲେ। ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ୧୨୪୮ ମସିହା ଝୁଲଣ ପୂର୍ଣ୍ଣିମା ଦିନ ବିଜୟକୃଷ୍ଣ ଜନ୍ମ ଗ୍ରହଣ କରିଥିଲେ।

ବିଜୟକୃଷ୍ଣ ଜୀବନର ପ୍ରଥମ ଭାଗରେ ଗୃହୀ ଥିଲେ ଏବଂ ଶିଷ୍ୟମାନଙ୍କୁ ବୈଷ୍ଣବ ଦୀକ୍ଷା ଦେଇ ସେମାନଙ୍କଠାରୁ ପାଉଥିବା ଦାନଦକ୍ଷିଣାରେ ପରିବାର ପ୍ରତିପୋଷଣ କରୁଥିଲେ। ଥରେ ତାଙ୍କର ଜଣେ ଶିଷ୍ୟ ଭବସାଗରରୁ ପାରହେବା ପାଇଁ ଉପାୟ ନିର୍ଦ୍ଦେଶ କରିବାକୁ ଅନୁରୋଧ କଲେ। କିନ୍ତୁ ଶିଷ୍ୟଙ୍କର ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଗୁରୁଙ୍କ ପାଖରେ ନ ଥିଲା। ଉତ୍ତର ଅନ୍ୱେଷଣରେ ବିଜୟକୃଷ୍ଣ ଆଚାର୍ଯ୍ୟ ବେଦାନ୍ତ ଦର୍ଶନ ଅଧ୍ୟୟନ କଲେ। ବେଦାନ୍ତ ଦର୍ଶନର 'ଅହଂ ବ୍ରହ୍ମୋସ୍ମି' ବାକ୍ୟଖଣ୍ଡ ତାଙ୍କ ମନକୁ ଆନ୍ଦୋଳିତ କରିବାରୁ ସେ ବ୍ରାହ୍ମ ସମାଜରେ ଯୋଗ ଦେଲେ। କିଛିବର୍ଷ ପରେ ବ୍ରାହ୍ମ ସମାଜର ନୀତି ତାଙ୍କୁ ଭଲ ନ ଲାଗିବାରୁ ପୁଣି ସନ୍ନ୍ୟାସ ଗ୍ରହଣ କଲେ। ଏହାପରେ ସଦ୍‌ଗୁରୁ ସନ୍ଧାନରେ ବିଜୟକୃଷ୍ଣ ସାରା ଭାରତ ଭ୍ରମଣ କଲେ। ଶେଷରେ ଗୟା ତୀର୍ଥବାସ ସମୟରେ ସିଦ୍ଧ ସାଧକ ବ୍ରହ୍ମାନନ୍ଦ ପରମହଂସଙ୍କୁ ଗୁରୁ ପଦରେ ବରଣ କରି ତାଙ୍କଠାରୁ ଦୀକ୍ଷା ଗ୍ରହଣ କଲେ। ସମୟକ୍ରମେ ଗୁରୁଙ୍କ ନିର୍ଦ୍ଦେଶକ୍ରମେ ବିଜୟକୃଷ୍ଣ ବୈଷ୍ଣବ ଦୀକ୍ଷା ଦେବା ଆରମ୍ଭ କରିବାରୁ ଅଳ୍ପଦିନ ଭିତରେ ହଜାର ହଜାର ଶିଷ୍ୟ ତାଙ୍କଠାରୁ ଦୀକ୍ଷା ଗ୍ରହଣ କଲେ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ବିଜୟକୃଷ୍ଣଙ୍କୁ ପୁତ୍ର ରୂପେ ପାଇ ଥିବାରୁ ମାଆ ତାଙ୍କୁ ଶ୍ରୀକ୍ଷେତ୍ର ଯିବା ପାଇଁ ବାରଣ କରିଥିଲେ। କାରଣ ସେ ବୋଧହୁଏ ବିଶ୍ୱାସ କରୁଥିଲେ ଯେ ପୁଅ ଥରେ ଜଗନ୍ନାଥ ଧାମକୁ ଗଲେ ମହାପ୍ରଭୁଙ୍କ ମହିମା ଓ ମାହାତ୍ମ୍ୟରେ ପ୍ରଭାବିତ ହୋଇ ଆଉ ଘରକୁ ଫେରିବ ନାହିଁ। କିନ୍ତୁ ସନ୍ନ୍ୟାସୀ ବିଜୟକୃଷ୍ଣ ମାଆଙ୍କ ବାରଣ ସତ୍ତ୍ୱେ ମହାପ୍ରଭୁଙ୍କ ଆକର୍ଷଣରେ ଟାଣି ହୋଇ ନୀଳାଚଳରେ ଆସି ପହଞ୍ଚିଲେ। ସେ ପରିଣତ ବୟସରେ ଶ୍ରୀକ୍ଷେତ୍ର ଆସିଥିବାରୁ ମାଆଙ୍କ ଦେହାନ୍ତ ପରେ ସେ ନୀଳାଚଳ ଆସିଥିବା ପରି ମନେହୁଏ। ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ବାକି ଜୀବନ ମହାପ୍ରଭୁଙ୍କ ସେବାରେ ଅତିବାହିତ କରିବା ପାଇଁ ନିଷ୍ପତ୍ତି ନେଇ ପ୍ରଥମେ ବଡ଼ଦାଣ୍ଡରେ ଏକ ଘର ଭଡ଼ାନେଇ ରହିଲେ। କ୍ଷେତ୍ରରେ ଅନେକ ଜନହିତକର ଓ ସଂସ୍କାରମୂଳକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ସେ ପ୍ରଭୂତ ଲୋକପ୍ରିୟତା ଅର୍ଜନ କଲେ। ତାଙ୍କ ମୁଣ୍ଡରେ ଅନେକ ଲମ୍ବା ଜଟ ଥିଲା। ତେଣୁ ଶିଷ୍ୟ, ସେବକ ଓ କ୍ଷେତ୍ରବାସୀମାନେ ତାଙ୍କୁ ଶ୍ରଦ୍ଧାରେ 'ଜଟିଆ ବାବା' ବୋଲି ସମ୍ବୋଧନ କରିବାକୁ ଲାଗିଲେ। ପରବର୍ତ୍ତୀ ସମୟରେ ତାଙ୍କର ମୂଳ ନାଆଁ ଜନ ସାଧାରଣଙ୍କ ମନରୁ ହଜିଗଲା।

ଅନ୍ୟ ଏକ କିମ୍ବଦନ୍ତୀ ଅନୁସାରେ ପୁରୀରେ ତାଙ୍କର ଲୋକପ୍ରିୟତା ଏତେ ବଢ଼ିଗଲା ଯେ ଅନେକ ଲୋକ ତାଙ୍କୁ ଈର୍ଷା କରିବାକୁ ଲାଗିଲେ। କ୍ରମଶଃ ଏହି ଈର୍ଷା ଘୃଣାରେ ପରିଣତ ହେଲା ଏବଂ ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା କରାଗଲା। ଥରେ ବାବା ସେବା କରିବାକୁ ଥିବା ମହାପ୍ରସାଦରେ ଷଡ଼ଯନ୍ତ୍ରକାରୀମାନେ ବିଷ ମିଶେଇ ଦେଲେ। ବାବା ସେ କଥା ଜାଣି ପାରିଥିଲେ ମଧ୍ୟ ମହାପ୍ରସାଦର ପବିତ୍ରତାରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ଥିଲା। ତେଣୁ ସେ ବିଷମିଶା ମହାପ୍ରସାଦ ଆନନ୍ଦରେ ସେବନ କଲେ। ମହାପ୍ରଭୁଙ୍କ କରୁଣାରୁ ବିଷ ତାଙ୍କ ଶରୀରରେ କୌଣସି ପ୍ରଭାବ ପକେଇ ପାରି ନ ଥିଲା।

ସେତେବେଳେ ନରେନ୍ଦ୍ର ସରୋବରର ଉତ୍ତର ଦିଗରେ ଥିବା ନିଘଞ୍ଚ ଅରଣ୍ୟରେ ବାବା ଆଶ୍ରମ ନିର୍ମାଣ କରି ବାସ କରିବାକୁ ଲାଗିଲେ। ଶିଷ୍ୟମାନେ ଏହି ସୂଚନା ପାଇବା ପରେ ବହୁ ଅର୍ଥ ଦାନ ଓ ଦକ୍ଷିଣା ସ୍ୱରୂପ ପଠାଇଲେ। ସେ ଅର୍ଥର ବିନିଯୋଗ କରି ବାବାଙ୍କ ଆଶ୍ରମ ଏକ ବିରାଟ ଅନୁଷ୍ଠାନରେ ପରିଣତ ହେଲା ଏବଂ ଭକ୍ତମହଲରେ 'ଜଟିଆ ବାବା ମଠ' ରୂପେ ଖ୍ୟାତିଲାଭ କଲା।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ବୀରେନ୍ଦ୍ର କୁମାରଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

# ଓଡ଼ିଶାର ୧୦୮ ଟି ଏସଇବିସି ସମ୍ପ୍ରଦାୟକୁ କେନ୍ଦ୍ରୀୟ ଓବିସି ତାଲିକାରେ ସାମିଲ କରାଯାଉ

■ ରାଜ୍ୟ ସରକାରଙ୍କ ଏସଇବିସି ତାଲିକାରେ ମାନ୍ୟତା ପାଇଥିଲେ ମଧ୍ୟ କେନ୍ଦ୍ରୀୟ ତାଲିକାରେ ମିଳିନି ସ୍ଥାନ
■ କେନ୍ଦ୍ର ସରକାରଙ୍କ ଚାକିରି, ଶିକ୍ଷାନୁଷ୍ଠାନରେ ନାମଲେଖାରୁ ସେମାନେ ବଞ୍ଚିତ

ଭୁବନେଶ୍ୱର,୨୩।୧୨(ସମିସ): ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟ ଏସଇବିସି ତାଲିକାରେ ସ୍ୱୀକୃତିପ୍ରାପ୍ତ ୧୦୮ ଟି ସମ୍ପ୍ରଦାୟକୁ କେନ୍ଦ୍ରୀୟ ଓବିସି ତାଲିକାରେ ସାମିଲ କରାଯାଉ। କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ବୀରେନ୍ଦ୍ର କୁମାରଙ୍କୁ ଚିଠି ଲେଖି ଏନେଇ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ନିଜ ପତ୍ରରେ ଦର୍ଶାଇଛନ୍ତି ଯେ ଏହି ସମ୍ପ୍ରଦାୟଗୁଡ଼ିକ ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟ ଏସଇବିସି ତାଲିକାରେ ମାନ୍ୟତା ପାଇଥିଲେ ମଧ୍ୟ କେନ୍ଦ୍ରୀୟ ତାଲିକାରେ ସ୍ଥାନ ପାଇନାହାନ୍ତି। ଏହି ଅସଙ୍ଗତି କାରଣରୁ ଏହି ବର୍ଗର ଲୋକମାନେ କେନ୍ଦ୍ର ସରକାରଙ୍କ ଚାକିରି, ଶିକ୍ଷାନୁଷ୍ଠାନରେ ନାମଲେଖା ତଥା ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଓଡ଼ିଶାର ଜନସଂଖ୍ୟା ଅନୁସାରେ ଏସଇବିସି ବର୍ଗର ଲୋକମାନଙ୍କ ସଂଖ୍ୟା ଅଧିକ। ଏହି ସମ୍ପ୍ରଦାୟର ଜାତି/ଉପଜାତି/ବର୍ଗର ଲୋକମାନଙ୍କୁ କେନ୍ଦ୍ରୀୟ ତାଲିକାରେ ଅନ୍ତର୍ଭୁକ୍ତ କରାଗଲେ ସେମାନଙ୍କୁ ସମାନ ଭାବେ ସର୍ବଭାରତୀୟ ସ୍ତରରେ ସ୍ଥାନ ସଂରକ୍ଷଣ ଓ କଲ୍ୟାଣକାରୀ ଯୋଜନାର ସୁବିଧା ମିଳିପାରିବ, ଯାହା ସେମାନଙ୍କର ଆର୍ଥିକ ଓ ଶିକ୍ଷାଗତ ଅଭିବୃଦ୍ଧିରେ ସହାୟକ ହେବ। ଶ୍ରୀ ପ୍ରଧାନ ତାଙ୍କ ପତ୍ର ସହ ସଂଲଗ୍ନ ୧୦୮ ଟି ସମ୍ପ୍ରଦାୟର ଏକ ସବିଶେଷ ତାଲିକା ପ୍ରଦାନ କରିଛନ୍ତି। ଏଥିରେ ଖଣ୍ଡାୟତ, ପ୍ରଧାନ, ଚଷା ପାଇକ, ମହାନ୍ତି, ଗଉଡ଼, ବଣିଆ, ଏବଂ ତେଲି ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ଅଛନ୍ତି। ଏହି ସମ୍ପ୍ରଦାୟଗୁଡ଼ିକର ଶିକ୍ଷାଗତ ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ସେ କେନ୍ଦ୍ର ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ ସୋମବାର ଶ୍ରୀ ପ୍ରଧାନ ଏ ସଂକ୍ରାନ୍ତରେ ତଥା ଏସଇବିସି ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖି ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ଓଏସସିବିସି) ର ତୁରନ୍ତ ପୁନର୍ଗଠନ ପାଇଁ ଅନୁରୋଧ କରିଥିଲେ।

# ସ୍କୁଲ ପାଚେରି ଭାଙ୍ଗିଲେ ହାତୀ



କାମାକ୍ଷାନଗର, ୨୩।୧୨(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ୍ ଭଏରପୁର ଗ୍ରାମପଞ୍ଚାୟତରେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ଗତକାଲି ବିଳମ୍ବିତ ରାତିରେ ଗୁନେଇବିଲ୍ ହାଇସ୍କୁଲରେ ୧୪ ଟିକିଆ ହାତୀ ପଲରୁ ଏକ ଦନ୍ତାହାତୀ ଖସି ଆସି ସ୍କୁଲ ପାଚେରି ଭାଙ୍ଗିଥିବା ଜଣାପଡ଼ିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଦନ୍ତାହାତୀଟି ୧୪ ଟିକିଆ ଦଳରୁ ଅଲଗା ହୋଇ ଯାଇଥିଲେ ମଧ୍ୟ ଦଳ ନିକଟରେ ରହୁଥିଲା। ଗତକାଲି ସେହି ହାତୀଟି ପାଚେରି ଭାଙ୍ଗିବା ସହିତ ତରଭୁଜ କ୍ଷେତରେ ପଶି ଫସଲ ନଷ୍ଟ କରିଛି। ଖବରପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିବା ସହିତ ହାତୀଦଳ ଉପରେ ନଜର ରଖିଛି।

■ ୧୯ ବର୍ଷ ପରେ ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ହାଇକୋର୍ଟଙ୍କ ରାୟ

# ଅଭିଯୁକ୍ତକୁ ଆଜୀବନ ଜେଲ

କଟକ,୨୩।୧୨(ସମିସ): ଜନୈକା ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ନିମ୍ନ ଅଦାଲତ ପ୍ରଦାନ କରିଥିବା ରାୟକୁ ଚାଲେଞ୍ଜ କରି ଦୁଇ ଅଭିଯୁକ୍ତଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଦୀର୍ଘ ୧୯ ବର୍ଷ ପରେ ରାୟ ପ୍ରକାଶ କରିଛନ୍ତି ହାଇକୋର୍ଟ। କାଠୁ କାରୁଆ ଓ ରମେଶ ଆପଟଙ୍କ ତରଫରୁ ଗତ ୨୦୦୫ରେ ରୁଜୁ ଆବେଦନର ଏକତ୍ର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ପ୍ରକାଶ କରିଛନ୍ତି । ଚମ୍ପୁଆ ଆଡହକ ଅତିରିକ୍ତ ଦୌରା ଅଦାଲତ ଗତ ୨୦୦୫ ଅକ୍ଟୋବର୬ରେ ଅଭିଯୁକ୍ତ କାଠୁ କାରୁଆକୁ ପ୍ରଦାନ କରିଥିବା ଆଜୀବନ ଜେଲ ଦଣ୍ଡାଦେଶକୁ କାଏମ ରଖିଛନ୍ତି ହାଇକୋର୍ଟ। ଅନ୍ୟପଟରେ ଅଭିଯୁକ୍ତ ରମେଶକୁ ପ୍ରଦାନ କରାଯାଇଥିବା ଆଜୀବନ ଜେଲ ଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ସାକ୍ଷୀ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଛନ୍ତି । ମାମଲାରୁ ପ୍ରକାଶ ଯେ, ଗତ ୨୦୦୨ ଅଗଷ୍ଟ୨୩ରେ ଯୋଡା ଥାନା ଅନ୍ତର୍ଗତ କମରଯୋଡା ପୋଖରୀ ନିକଟରେ ଜଣେ ମହିଳାଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା କରାଯାଇଥିବା ନେଇ ଯୋଡା ଥାନାରେ ମୃତକଙ୍କ ଭିଣୋଇ ପବିତ୍ର ନାୟକ ଏକ ଏତଲା ଦେଇଥିଲେ । ୨୦୦୨ ଅଗଷ୍ଟ୨୨ରେ ମୃତକ ମହିଳା ଜଣଙ୍କ ଦୁଇ ପିଲାଙ୍କୁ ଘରେ ଛାଡି ତାଙ୍କର ଜନୈକ ଭାଇଙ୍କୁ ରାଖୀ ବାନ୍ଧିବା ପାଇଁ କମାରଜୋଡା ଯାଇଥିଲେ। କିନ୍ତୁ ସେ ଘରକୁ ଫେରି ନଥିଲେ। ପର ଦିନ କମାରଜୋଡା ଜଳାଶୟ ଧାର ତଳେ ତାଙ୍କର କ୍ଷତାକ୍ତ ମୃତଦେହ ମିଳିଥିଲା। ପୁଲିସ ଏହି ଘଟଣାରେ ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲା। ଗତ ୨୦୦୫ ଅକ୍ଟୋବର୬ରେ ଚମ୍ପୁଆ ଆଡହକ ଅତିରିକ୍ତ ଦୌରା ଅଦାଲତ ଦୁଇ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ପ୍ରଦାନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତରେ 'ବାଂଲା'...

ଶାନ୍ତି ଓ ସହିଷ୍ଣୁତା ହେଉଛି ଦ୍ୱିପାକ୍ଷିକ ସଂପର୍କର ମୂଳଦୁଆ। ଏହା ବଜାୟ ରହିବା ଉଚିତ। ଭାରତ ଓ ବାଂଲାଦେଶ ମଧ୍ୟରେ ସଂପର୍କ ବିଗୁଡ଼ିଥିବାରୁ ରୁଷିଆ ଉଦବେଗ ପ୍ରକାଶ କରିଛି। ଭାରତ ସହିତ ସଂପର୍କ ସୁଧାରିବା ଲାଗି ବାଂଲାଦେଶ ପଦକ୍ଷେପ ନେଉ ବୋଲି ରୁଷ ପରାମର୍ଶ ଦେଇଛି। ଢାକାରେ ରୁଷ ରାଷ୍ଟ୍ରଦୂତ ଆଲେକଜାଣ୍ଡର ଖୋଜିନ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ସଂପର୍କ ଯେତେଶୀଘ୍ର ଶାନ୍ତ ପଡ଼ିବ, ସଂପୃକ୍ତ ଅଞ୍ଚଳ ପାଇଁ ସେତିକି ଭଲ। ୧୯୭୧ କଥା ମନେ ପକାଇ ସେ କହିଛନ୍ତି ଯେ ବାଂଲାଦେଶର ସ୍ୱାଧୀନତା ସଂଗ୍ରାମରେ ଭାରତ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। ଭାରତ ଯୋଗୁଁ ଆଜି ବାଂଲାଦେଶ ସ୍ୱାଧୀନ ହୋଇପାରିଛି। ତେଣୁ ଭାରତ ସହିତ ବାଂଲାଦେଶ ମିତ୍ରତା ପ୍ରତିଷ୍ଠା କରୁ ବୋଲି ସେ କହିଛନ୍ତି। ବାଂଲାଦେଶରେ ହିଂସା ବୃଦ୍ଧି ପାଉଥିବାରୁ ଜାତିସଂଘ ମଧ୍ୟ ଉଦବେଗ ପ୍ରକାଶ କରିଛି। ଜାତିସଂଘ ମହାସଚିବଙ୍କ ମୁଖପାତ୍ର କହିଛନ୍ତି ଯେ ସେଠାରେ ଜଣେ ହିନ୍ଦୁ ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣା ମଧ୍ୟ ନିନ୍ଦନୀୟ। ଦେଶରେ ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରୁ ବାଂଲାଦେଶ କସରକାର। ଇତିମଧ୍ୟରେ ପାକିସ୍ତାନ।।ରେ ଶାସକ ଦଳର ଜଣେ ନେତା ଧମକ ଦେଇଛନ୍ତି ଯେ ବାଂଲାଦେଶ ପ୍ରତି ଭାରତ ବିପଦ ସୃଷ୍ଟି କଲେ ତାଙ୍କ ଦେଶର ସେନା ଏବଂ ଲୋକେ ଏହାର ମୁକାବିଲା ପାଇଁ ପ୍ରସ୍ତୁତ ଅଛନ୍ତି। ପ୍ରଧାନମନ୍ତ୍ରୀ ସେହବାଜ ସରିଫଙ୍କ ଦଳର ଜଣେ ନେତା କହିଛନ୍ତି ଯେ ବାଂଲାଦେଶ ଉପରେ ଭାରତ ଆକ୍ରମଣ କଲେ ଭାରତ ଉପରେ ପାକିସ୍ତାନ ଆକ୍ରମଣ କରିବାକୁ ପଛାଇବ ନାହିଁ।

### ୭ ରାଜ୍ୟରୁ...

୧୯, ୧୩, ୫୪୦ ଜଣ ଅନ୍ୟତ୍ର ସ୍ଥାନାନ୍ତର ହୋଇସାରିଛନ୍ତି। ସେହିପରି ୧,୭୯, ୦୪୩ ଜଣ ଏକରୁ ଅଧିକ ସ୍ଥାନରେ ପଞ୍ଜିକରଣ କରିଛନ୍ତି। ଏବେ ଏହି ସବୁ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଏସଆଇଆର ଆରମ୍ଭ ହେବ। ଭୋଟର ନିଜ ଦାବି ଉପସ୍ଥାପନ କରି ତାଲିକାରେ ସାମିଲ ହୋଇପାରିବେ। ଏହା ପୂର୍ବରୁ ଇସି ୭ ରାଜ୍ୟ ପଶ୍ଚିମବଙ୍ଗ, ରାଜସ୍ଥାନ, ତାମିଲନାଡୁ, ଗୁଜରାଟ, ଗୋଆ, ଲାକ୍ଷାଦ୍ୱୀପ ଏବଂ ପୁଡୁଚେରୀର ଚିଠା ଭୋଟର ତାଲିକା ଜାରି କରିସାରିଛନ୍ତି। ବିଭିନ୍ନ କାରଣରୁ ଏହି ରାଜ୍ୟଗୁଡ଼ିକରୁ ୨ କୋଟି ୭୦ ଲକ୍ଷ ଭୋଟରଙ୍କୁ ହଟାଇ ଦିଆଯାଇଛି। ଏମାନଙ୍କ ମଧ୍ୟରେ ତାମିଲନାଡୁରୁ ସର୍ବାଧିକ ୯୭ ଲକ୍ଷ, ଗୁଜରାଟରୁ ୭୩ ଲକ୍ଷ, ପଶ୍ଚିମବଙ୍ଗର ୫୮ ଲକ୍ଷ ନାମ ବାଦ ଦିଆଯାଇଛି। ୨୦୨୫ର ସ୍ଥାନୀୟ ନିର୍ବାଚନ ପାଇଁ ପ୍ରସ୍ତୁତ ଭୋଟର ତାଲିକା ଅନୁଯାୟୀ, କେରଳରେ ୨.୮୬ କୋଟିରୁ ଅଧିକ ପଞ୍ଜିକୃତ ଭୋଟର ଅଛନ୍ତି। କେରଳରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏସଆଇଆର ତାଲିକା ଇସିଙ୍କ ୱେବସାଇଟରେ ଉପଲବ୍ଧ ରହିଛି। ଏହାକୁ ରାଜନୈତିକ ଦଳଙ୍କୁ ପ୍ରଦାନ କରାଯିବ। ଇଆରଓ ନିଷ୍ପତ୍ତି ବିରୋଧରେ ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ସିଇଓଙ୍କ ପାଖରେ ଆବେଦନ କରିବାର ନିୟମ ରହିଛି। ତେବେ ତାମିଲନାଡୁରେ ସର୍ବାଧିକ ୯୫ ଲକ୍ଷ ଭୋଟରଙ୍କ ନାମ କଟିଛି।

### ରାଜ୍ୟ ସ୍ୱାର୍ଥ ସହ...

ସେହିପରି ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ଆନ୍ତରାଜ୍ୟ ନଦୀ ଜଳ ବିବାଦକୁ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ଆପୋଷ ସମାଧାନ ହୋଇ ନାହିଁ। ଯାହା ସମାଧାନ ହୋଇଛି ତାହା କୋର୍ଟରେ ଆଇନଗତ ଲଢ଼େଇ ଦ୍ୱାରା ସମ୍ଭବପର ହୋଇପାରିଛି। ସେଥିପାଇଁ ଗତ ସରକାରରେ ମାମଲା ଟ୍ରିବ୍ୟୁନାଲକୁ ନେବା ସହ ଆମେ ଏନେଇ ଲଢ଼େଇ କରିଥିଲୁ। ତେବେ ବର୍ତ୍ତମାନ ଛତିଶଗଡ ସହ ଚାଲିଥିବା ଆଲୋଚନାର ବିଷୟ ବସ୍ତୁ ରାଜ୍ୟବାସୀଙ୍କୁ ଜଣାଯାଉ। ରାଜ୍ୟ ସରକାର ସର୍ବଦଳୀୟ ବୈଠକ ଡାକନ୍ତୁ। ଏହାସହ ବିଶେଷଜ୍ଞମାନଙ୍କ ପରାମର୍ଶ ମଧ୍ୟ ନିଆଯାଉ ବୋଲି ଶ୍ରୀ ପୂଜାରୀ ପ୍ରସ୍ତାବ ଦେଇଛନ୍ତି । କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି ଯେ ମହାନଦୀର ସ୍ୱାର୍ଥ ଓ ସୁରକ୍ଷା ପାଇଁ ସମସ୍ତେ ମିଳି ମିଶି ଲଢ଼ିବା । ଦୁଇରାଜ୍ୟର ସ୍ୱାର୍ଥ ପୂରଣ ନହେଲେ ଏହାର ସମାଧାନ କରିବା ବହୁ କଷ୍ଟକର ହୋଇପଡ଼ିବ। ତେଣୁ ଏହି ମାମଲାକୁ ଅଧିକ ଲମ୍ବିତ ନ କରି ଆପୋଷ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରିବା ଜରୁରୀ ଅଟେ। ମହାନଦୀ କୁ ନେଇ ଲଢେଇ କରୁଥିବା ସମସ୍ତ ସଂଗଠନକୁ ଏଥିରେ ସାମିଲ କରାଯାଉ। ଆଲୋଚନାର ସମସ୍ତ ପ୍ରସଙ୍ଗ ରାଜ୍ୟବାସୀଙ୍କୁ ଅବଗତ କରାଯାଉ ବୋଲି ସେ ଦାବି କରିଛନ୍ତି। ବୈଠକରେ ହୀରାକୁଦ ପ୍ରକଳ୍ପ, ମହାନଦୀ ଜଳ ବିବାଦର ଐତିହାସିକ ପୃଷ୍ଠଭୂମି, ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ସମ୍ମୁଖରେ କାର୍ଯ୍ୟ ବର୍ତ୍ତମାନର ସ୍ଥିତି, ମହାନଦୀ-ସମ୍ବନ୍ଧୀୟ ସମସ୍ୟାର ସୌହାର୍ଦ୍ଦପୂର୍ଣ୍ଣ ସମାଧାନ ପ୍ରକ୍ରିୟା ଏବଂ ମହାନଦୀ ଅବବାହିକା ସମ୍ବନ୍ଧୀୟ ବିଷୟଗୁଡ଼ିକର ସାମଗ୍ରିକ ସ୍ଥିତି ଉପରେ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ବୈଠକରେ ମନ୍ତ୍ରୀ ସୁରେଶ ପୂଜାରୀ, ପୃଥ୍ୱୀରାଜ ହରିଚନ୍ଦନ, ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ସରୋଜ କୁମାର ପ୍ରଧାନ, ନିରଞ୍ଜନ ପୂଜାରୀ ଏବଂ ସୋଫିଆ ଫିର୍ଦ୍ଦୋସ ଯୋଗ ଦେଇଥିଲେ। ବିଧାୟକ ଜୟନାରାୟଣ ମିଶ୍ର ଆଭାସୀ ମାଧ୍ୟମରେ ବୈଠକରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ସହିତ ବିଭାଗୀୟ ଅଧିକାରୀ ଏବଂ ଜଳ ସମ୍ପଦ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନେ ମଧ୍ୟ କମିଟିକୁ ଆବଶ୍ୟକୀୟ ସୂଚନା ଦେବା ପାଇଁ ବୈଠକରେ ଉପସ୍ଥିତ ଥିଲେ।

## ଅଦାଲତ ନିର୍ଦ୍ଦେଶ ଅନୁପାଳନରେ ପ୍ରଶାସନିକ ଅବହେଳା ନେଇ କଠୋର ଆଭିମୁଖ୍ୟ

# ପ୍ରତିସ୍ତରରେ ସରକାରୀ କଳର ଜବାବଦେହୀ ରହୁ: ହାଇକୋର୍ଟ

■ ଛାପା ଓ ପ୍ରକାଶନ ନିର୍ଦ୍ଦେଶାଳୟର ଆବେଦନ ଖାରଜ
■ ରାୟର ୪ ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ

କଟକ,୨୩।୧୨(ସମିସ): ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ସରକାରୀ ବିଭାଗର କାର୍ଯ୍ୟଶୈଳୀ ଏବଂ ଅଦାଲତଙ୍କ ନିର୍ଦ୍ଦେଶ ପାଳନରେ ହେଉଥିବା ବିଳମ୍ବକୁ ନେଇ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବିଚାରପତି ଜଷ୍ଟିସ ଭି. ନରସିଂହ ଏହି ମାମଲାର ଶୁଣାଣି କରି ଓଡ଼ିଶା ସରକାରଙ୍କ ଛାପା, ଷ୍ଟେସନାରୀ ଏବଂ ପ୍ରକାଶନ ନିର୍ଦ୍ଦେଶାଳୟ ପକ୍ଷରୁ ଦାୟର ରିଟ୍ ପିଟିସନକୁ ଖାରଜ କରିବା ସହ ପ୍ରଶାସନିକ ସ୍ଥାଣୁତା ଉପରେ ପ୍ରଶ୍ନ ଉଠାଇଛନ୍ତି। ସରକାରୀ କଳ ମଧ୍ୟରେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରାଯିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଅଦାଲତ କହିଛନ୍ତି ଯେ ଯଦି ପ୍ରତିସ୍ତରରେ ଜବାବଦେହୀ ସୃଷ୍ଟି କରାନଯାଏ, ତେବେ ପ୍ରଶାସନିକ ଅବହେଳା ଯୋଗୁଁ ରାଜ୍ୟ ସରକାରଙ୍କୁ କ୍ଷତି ସହିବାକୁ ପଡ଼ିବ।

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ) ବାବଦରେ ଧାର୍ଯ୍ୟ ହୋଇଥିବା ପାଖାପାଖି ୩୯.୧୦ ଲକ୍ଷ ଟଙ୍କାର ବକେୟା ଏବଂ ପ୍ରାୟ ୪୫.୯୨ ଲକ୍ଷ ଟଙ୍କାର ସୁଧ ପୈଠ କରିବାକୁ ନେଇ ଆସିଷ୍ଟାଣ୍ଟ ପ୍ରୋଭିଡେଣ୍ଟ ଫଣ୍ଡ କମିସନରଙ୍କ ନିର୍ଦ୍ଦେଶ ବିରୋଧରେ ନିର୍ଦ୍ଦେଶାଳୟ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ଉଚ୍ଚ ନ୍ୟାୟାଳୟ ପୂର୍ବରୁ ନିର୍ଦ୍ଦେଶାଳୟକୁ ୧୫ଦିନ ମଧ୍ୟରେ ଟ୍ରିବ୍ୟୁନାଲରେ ଅପିଲ୍ କରିବାକୁ ସୁଯୋଗ ଦେଇଥିଲେ ମଧ୍ୟ ସରକାରୀ କର୍ତ୍ତୃପକ୍ଷ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପଦକ୍ଷେପ ନେବାରେ ବିଫଳ ହୋଇଥିଲେ। ଏପରିକି, ସମୟସୀମା ବୃଦ୍ଧି ପାଇଁ ମଧ୍ୟ କୌଣସି ଆବେଦନ କରିନଥିଲେ।

ନ୍ୟାୟାଳୟ ନିଜ ରାୟରେ ସ୍ପଷ୍ଟ କରିଛନ୍ତି ଯେ କର୍ମଚାରୀ ଭବିଷ୍ୟନିଧି ଏବଂ ବିବିଧ ବ୍ୟବସ୍ଥା ଅଧିନିୟମ, ୧୯୫୨ ଏକ ଜନମଙ୍ଗଳକାରୀ ଆଇନ ହୋଇଥିବାରୁ ଏହାର ନିୟମାବଳୀକୁ କଠୋର୍ ଭାବେ ଅନୁପାଳନ କରାଯିବା ଆବଶ୍ୟକ। ସରକାରୀ ବିଭାଗ ପକ୍ଷରୁ ହୋଇଥିବା ୨୮୯ଦିନର ଅହେତୁକ ବିଳମ୍ବକୁ କ୍ଷମା କରାଯାଇପାରିବ ନାହିଁ ବୋଲି ଦର୍ଶାଇ ଅଦାଲତ ଟ୍ରିବ୍ୟୁନାଲଙ୍କ ପୂର୍ବ ନିଷ୍ପତ୍ତିକୁ କାଏମ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ, ୧୭.୦୯.୨୦୧୫ର ମୂଳ ନିର୍ଦ୍ଦେଶକୁ ଆସନ୍ତା ୪ ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟ ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦେଇଛନ୍ତି।

■ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ପଦ ଖାଲି ପଡ଼ିବା ପ୍ରସଙ୍ଗ

# କେତେ ଶିକ୍ଷକଙ୍କୁ ସିଆରସିସି ନିଯୁକ୍ତ କରାଯାଇଛି ଜଣାଅ: ହାଇକୋର୍ଟ

କଟକ,୨୩।୧୨(ସମିସ): ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସଂକଟ ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଆଜି ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଛନ୍ତି। ଶିକ୍ଷା ଅଧିକାର ଆଇନ ଅନୁସାରେ ସ୍କୁଲରେ ଶିକ୍ଷକ ଛାତ୍ର ଅନୁପାତ ରହୁ ନଥିବା ଓ ଶିକ୍ଷକମାନଙ୍କୁ ସିଆରସିସି ନିଯୁକ୍ତ କରାଯାଉଥିବା ଯୋଗୁଁ ଶିକ୍ଷାଦାନ ପ୍ରଭାବିତ ହେଉଥିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ଜବାବ ତଲବ କରିଛନ୍ତି। ରାଜ୍ୟରେ କେତେ ପ୍ରାଥମିକ ଶିକ୍ଷକଙ୍କୁ ସିଆରସିସି ଭାବେ ନିୟୋଜିତ କରାଯାଇଛି ଓ ସେମାନେ ଶିକ୍ଷାଦାନ କରୁନାହାନ୍ତି; ସେ ସମ୍ପର୍କରେ ସତ୍ୟପାଠ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଧାନମଣ୍ଡଳ ଗ୍ରାମଦ୍ୟୋଗ ସଂଗଠନ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ କଟକ ଜିଲ୍ଲା ଧାନମଣ୍ଡଳ ନୋଡାଲ ୟୁପି ସ୍କୁଲରେ ବାଲ୍ ବାଟିକା ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୨ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଏଠାରେ ପ୍ରଧାନ ଶିକ୍ଷକଙ୍କ ସମେତ ମାତ୍ର ୩ଜଣ ଶିକ୍ଷକ ଅଛନ୍ତି। ଏଭଳି ସ୍ଥିତିରେ ଶିକ୍ଷାଦାନ ଗଭୀର ପ୍ରଭାବିତ ହେଉଛି। ନିର୍ଦ୍ଦିଷ୍ଟ ବିଷୟ ପାଇଁ ଶିକ୍ଷକ ନାହାନ୍ତି। ଏଥିସହ ଶିକ୍ଷକଙ୍କୁ ସିଆରସିସି ଦାୟିତ୍ୱ ଦିଆଯାଉଛି ଓ ସେମାନେ ପାଠ ପଢ଼ାଉନଥିବାରୁ ଶିକ୍ଷାଦାନ ପ୍ରଭାବିତ ହୋଇଛି। ଶିକ୍ଷା ଅଧିକାର ଆଇନ ଅନୁସାରେ ଏହା ଉଚିତ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ରାଜ୍ୟରେ ଏଭଳି ୧ହଜାର ଶିକ୍ଷକ ସିଆରସିସି ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି, ଯାହାଦ୍ୱାରା ଶିକ୍ଷାଦାନ ପ୍ରଭାବିତ ହେଉଛି ବୋଲି ଆବେଦନରେ ଦର୍ଶାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

# ଚାଷୀଙ୍କୁ ନ୍ୟାୟ ନମିଳିଲେ ରାଜରାସ୍ତାକୁ ଓହ୍ଲାଇବ ବିଜେଡି

ଭୁବନେଶ୍ୱର, ୨୩।୧୨ (ସମିସ): ଧାନକିଣାକୁ ନେଇ ରାଜ୍ୟର ଚାଷୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଇନପୁଟ୍ ସବ୍‌ସିଡି ବାବଦକୁ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଦେଉଛୁ କହି ବାହାଦୂରୀ ମାରୁଥିବା ଡବଲ ଇଞ୍ଜିନ ସରକାର ବାସ୍ତବରେ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ତେବେ କୃଷକଙ୍କୁ ନ୍ୟାୟ ନଦେଲେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ବିଜେଡି। ମଙ୍ଗଳବାର ଶଙ୍ଖଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ, ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ପ୍ରମୁଖ ଧାନକିଣା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ମଙ୍ଗଳବାର କୃଷକ ଦିବସ ଉପଲକ୍ଷେ ରାଜ୍ୟର କୃଷକମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଚାଷୀଙ୍କ ସ୍ୱାର୍ଥ ପାଇଁ ଦଳ ସବୁବେଳେ ଆଗରେ ରହିବ ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଶ୍ରୀ ଦାସବର୍ମା କହିଥିଲେ ଯେ ଇନପୁଟ୍ ସବ୍‌ସିଡି ୮୦୦ ଟଙ୍କା ଦେଉଛୁ କହି ନିଜ ପିଠି ଥାପୁଡ଼ାଉଥିବା ରାଜ୍ୟ ବିଜେପି ସରକାର ବାସ୍ତବରେ ଚାଷୀଙ୍କୁ ଉପଯୁକ୍ତ ପ୍ରାପ୍ୟ ଦେବାରେ ଫେଲ ମାରିଛନ୍ତି। ୨୦୨୪-୨୫ ବର୍ଷରେ ୨୦ ପ୍ରତିଶତ ଧାନ ସଂଗ୍ରହ ହୋଇପାରି ନଥିଲା। ଏବର୍ଷ ଖରିଫ ଧାନ ସଂଗ୍ରହ ପାଇଁ ସମୟ ଉପନୀତ ହୋଇସାରିଥିଲେ ମଧ୍ୟ ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇନାହିଁ। ରାଜ୍ୟର ୧୧ଟି ଜିଲ୍ଲାରେ ଧାନ ମଣ୍ଡି ଖୋଲା ହେଲା ବୋଲି ସରକାର ଘୋଷଣା କରିଥିଲେ ମଧ୍ୟ କୌଣସି ଜାଗାରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ୧୧ଟି ଜିଲ୍ଲାର ଚାଷୀ ଆଜି ରାସ୍ତାରେ। ଟୋକନ୍ ପିଛା କେତେ ଧାନ ସରକାର କିଣିବେ ବୋଲି ସନ୍ଦେହ ସୃଷ୍ଟି ହେଲାଣି। କୁହାଯାଉଛି, ଟୋକନ୍ ପିଛା ୧୦୦ କୁଇଣ୍ଟାଲ ଧାନ କିଣା ହେବ। ଧାନକିଣାକୁ ନେଇ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରୀମାନଙ୍କ ମନ୍ତବ୍ୟ ଚିନ୍ତାଜନକ ଥିବା ବେଳେ ମନ୍ତ୍ରୀମାନଙ୍କ ମନ୍ତବ୍ୟରେ ତାଳ ମେଳ ରହୁନାହିଁ। ଯୋଗାଣ ମନ୍ତ୍ରୀ ଚଳିତ ବର୍ଷ ସ୍ଥିରୀକୃତ ହୋଇଥିବା ପରିମାଣରୁ ଅଧିକ ଧାନ କିଣାଯିବ ନାହିଁ ବୋଲି କହିଥିଲା ବେଳେ ସମବାୟ ମନ୍ତ୍ରୀ ଟୋକନ୍ ପିଛା ୧୫୦ କୁଇଣ୍ଟାଲ ଧାନ କିଣାଯିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ କ୍ୟାବିନେଟ୍ ବୈଠକରେ ସମସ୍ତ ବଳକା ଧାନକୁ କିଣାଯିବ ବୋଲି ସୂଚନା ଦେଇଥିଲେ। ଏଥିରୁ କେଉଁଟା ଠିକ୍ ବୋଲି ଆମେ ବୁଝିବା ବୋଲି ସେ ପ୍ରଶ୍ନ କରିଥିଲେ।




■ ୧୧ଟି ଜିଲ୍ଲାରେ ମଣ୍ଡି ଖୋଲିଥିଲେ ମଧ୍ୟ ଧାନ ଉଠିନାହିଁ
■ ଅଧାରୁ ଅଧିକ ଚାଷୀଙ୍କୁ ଟୋକନ୍ ମିଳୁନାହିଁ
■ ମନ୍ତ୍ରୀମାନଙ୍କ ମନ୍ତବ୍ୟରେ ରହୁନାହିଁ ସମନ୍ୱୟ
■ ଏଫଏକ୍ୟୁ ନାମରେ କଟନୀ ଛଟନୀ ଜାରି ରହିଛି

ଶ୍ରୀମତୀ ମଲ୍ଲିକ କହିଥିଲେ ଯେ ମିଲ୍ ମାଲିକ ଓ ରାଜ୍ୟ ସରକାରଙ୍କ ଭିତରେ ମଧୁଚନ୍ଦ୍ରିକା ଚାଲିଥିବାରୁ ରାଜ୍ୟର ଚାଷୀ ହତାଶ ହୋଇ ପଡ଼ିଛନ୍ତି। ଏଫଏକ୍ୟୁ ନାମରେ କଟନୀଛଟନୀ ଚାଲିଛି। ଚାଷୀମାନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

ଶ୍ରୀ ବକ୍ସିପାତ୍ର କହିଥିଲେ ଯେ ଚାଷୀମାନେ ଟୋକନ୍‌କୁ ଚାହିଁ ବସିଛନ୍ତି। ଟୋକନ୍ ବିତରଣ ନେଇ କୌଣସି ସ୍ୱଚ୍ଛତା ନାହିଁ। ଅଧାରୁ ଅଧିକ ଚାଷୀଙ୍କୁ ଟୋକନ ମିଳୁନାହିଁ। ସରକାର ଧାନକିଣା ନେଇ ବଡ଼ବଡ଼ କଥା କହୁଛନ୍ତି, କିନ୍ତୁ ବାସ୍ତବ ଚିତ୍ର ଅଲଗା। ୨୦୨୪-୨୫ ବର୍ଷରେ ୧୯ ଡିସେମ୍ବର ସୁଦ୍ଧା ୯୮,୬୭୦ ଜଣ ଚାଷୀଙ୍କଠାରୁ ୪,୬୨,୬୭୫ ମେଟ୍ରିକ୍ ଟନ୍ ଧାନ କିଣା ହୋଇସାରିଥିଲା ବେଳେ ଚଳିତ ବର୍ଷ ୧୯ ଡିସେମ୍ବର ସୁଦ୍ଧା ୫୮,୨୦୬ ଜଣ ଚାଷୀଙ୍କଠାରୁ ୨,୬୫,୯୦୬ ମେଟ୍ରିକ ଟନ ଧାନ କିଣାଯାଇଛି। ଏହି ତଥ୍ୟରୁ ରାଜ୍ୟରେ ଧାନ କିଣା ସ୍ଥିତି କିପରି ମାନ୍ଦା ରହିଛି, ତାହା ସ୍ପଷ୍ଟ ହେଉଛି। ଏହାଛଡ଼ା ଧାନକିଣା ପ୍ରକ୍ରିୟା ଶେଷ ହେବାର ୨୪ଘଣ୍ଟା ଭିତରେ ଧାନର ମୂଲ୍ୟ କୃଷକମାନଙ୍କୁ ମିଳିବା ନିୟମ ରହିଥିଲେ ମଧ୍ୟ ଏହା ୨୪ ଦିନ ପର୍ଯ୍ୟନ୍ତ ମିଳୁନାହିଁ। ବିଲରୁ ମଣ୍ଡିକୁ ପହଞ୍ଚାଇବା ପାଇଁ ଲାଗୁଥିବା ପରିବହନ ଖର୍ଚ୍ଚ ସହିତ ଏବେ ମଣ୍ଡିରୁ ମିଲରଙ୍କ ଗୋଦାମ ପର୍ଯ୍ୟନ୍ତ ଖର୍ଚ୍ଚ ମଧ୍ୟ ଚାଷୀଙ୍କୁ ବହନ କରିବାକୁ ପଡୁଛି ବୋଲି ଶ୍ରୀ ବକ୍ସିପାତ୍ର କହିଥିଲେ।

## ମହୁମାଛି ଦଂଶନରେ ଜଣେ ମୃତ

କାମାକ୍ଷାନଗର,୨୩।୧୨(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା କାଦୁଆ ଗ୍ରାମର ସର୍ବେଶ୍ୱର ସାହୁ (୯୦)ଙ୍କର ମଙ୍ଗଳବାର ମହୁମାଛି ଆକ୍ରମଣରେରେ ମୃତ୍ୟୁ ହୋଇଛି। ସୋମବାର ଗ୍ରାମର ଜଟାଧାରୀ ସାହୁ ଓ ସର୍ବେଶ୍ୱର ସାହୁ ମହୁମାଛି ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। କଟକରେ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ସର୍ବେଶ୍ୱରଙ୍କର ମୃତ୍ୟୁ ହୋଇଥିବା ବେଳେ ଜଟାଧାରୀ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

**AFFIDAVIT**

By virtue of an Affidavit before Notary Public, Malkangiri, **I, Bhimsen Sondhi,** aged about 31 Years, S/o: Singa Sondhi, resident of village: Lugel, P.O.: Lachipeta, P.S.: M.V-79, Dist.: Malkangiri, Odisha, declare by this Affidavit No.:2086/2025, Dated:23/12/2025 that I have changed my name from Sondhi Bhimsen to Bhimsen Sondhi . Henceforth I shall be known as **Bhimsen Sondhi** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, **I, Kausalya Kabasi,** aged about 22 Years, D/o: Sambaru Kabasi, resident of village: Telimeta, PO.: Jharapalli, P.S./Dist.: Malkangiri, Odisha, declare by this Affidavit No.:2087/2025, Dated:23/12/2025 that I have changed my name from Koushalya Kabasi to Kausalya Kabasi. Henceforth I shall be known as **Kausalya Kabasi** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Dhenkanal dated 10.10.2025, I **MAMATAMANJARI ROUT**, At KENDUDHIPA, P.O.– DIGI, P.S.- KAMAKHYANAGAR, Dist.- DHENKANAL- 759023 declare that I have changed my name from MAMATA MANJARI JENA to MAMATAMANJARI ROUT. Henceforth I shall be known as **MAMATAMANJARI ROUT** for all purposes.

**AFFIDAVIT**

**I, Faruque Razvi Shaikh,** S/o: Abdul Quddus Shaikh, resident of Mojahitnagar, Dhamnagar, Bhadrak, Odisha, Pin-756117, declare by this affidavit No.: 1693, dated: 22.12.2025, that now onwards I shall be known as **Sk Faruque Razvi** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha, dtd-10/07/2025. Affidavit No-2109, I **Upendra Prusty,** resident of At/Post- Tirimal, Ps- Jatni, Dist- Khordha, Pin-752050, Odisha declare that my Minor daughter name from **Priya Prusty to Priyanka Prusty.** Henceforth, she shall be known as **Priyanka Prusty** for all purposes.

**AFFIDAVIT**

By virtue of an affidavit before the Notary Public, Sonepur, dtd.23.12.2025, I, Priyabrata Padhan, S/o Sanatan Padhan, Vill/Po- Lupursingha, Lachhipur, Subarnapur (Odisha), declare that my correct name is Priyabrata Padhan but in my Aadhaar its wrongly mentioned as Priyabat Padhan. That both the names belong to the same person i.e. myself.
**Sd/- Priyabrata Padhan**

**AFFIDAVIT**

By virtue of an affidavit sworn before the Executive Magistrate, Sohela vide no.3 dtd. 12/12/2025, I Jarasingh Suna, S/o- Minketan Suna, R/o- Vill.- Arjunda, Po.- Pandakipali, Ps.- Sohela, Dist.- Bargarh state that, my actual name is **Jarasingh Suna**, S/o- Minketan Suna but in my Aadhaar card bearing no. 590446626491 my name has been wrongly mentioned as Darasingh Suna, S/o- Minketan Suna. Hence **Jarasingh Suna** & **Darasingh Suna** is one and same person.

**AFFIDAVIT**

By virtue of an affidavit no- 4501, dated-15/12/2025 sworn before the Executive Magistrate, Banpur, declare that I, **Saraswati Sahoo,** DOB: 01/01/1978, W/o- Satrughna Sahoo of Address: At- Ranipada, Po- Kumaranga Sasan, Ps- Banpur, Dist- Khordha, Odisha, Pin-752031, declare that I have changed my name from **Chanchala Sahoo to Saraswati Sahoo.** Henceforth, now onwards I shall be known as **Saraswati Sahoo** for all future purposes.
**Saraswati Sahoo**

**AFFIDAVIT**

I, Rokiya Bibi, W/o: Sk Faruque Razvi, resident of Jayanagar, Dhamnagar, Bhadrak, Odisha, Pin-756117, declare by this Affidavit No.: 1694, dated: 22.12.2025, that now onwards I shall be known as Rokiya Tabashom Bibi for all future purposes.

**AFFIDAVIT**

By virtue of an affidavit sworn before Executive Magistrate Bhubaneswar, dated- 22.12.2025, I **Reshmi Parbin,** permanent Qtr No.-S/I9, NAC Colony, Unit-3, Kharvel Nagar, BBSR-751001, Odisha declare that I have changed my name from **Reshmi Begum to Reshmi Parbin.** Heneceforth, I shall be known as **Reshmi Parbin** for all purpose.
**Reshmi Parbin**

**LOST**

I **Mr. Diwakar Kumar Chaurasia,** aged about 69 years, S/o.: Late Kishorilal Chaurasia, Caste: Barai, Occupation: Business, R/o: village 215/c, Ashok Nagar, P.O: Basharatpur, P.S/District: Gorakhpur, State: Uttarapradesh. That I have purchased the lands situated at Mouza: Arjunpur, P.S: Sonepur, P.S. No.: 17, Tahasil: Sonepur, Dist.: Subarnapur, Khata No.: 55, Plot No.: 561/768, Kissam: Berna A.J., Area: Ac.0.220 Dec. Full, Bounded by North: Diwakar kumar Chourasia, South: Uddhaba Jal & Others, Plot No.: 566, Kissam: Atta, Area: Ac.0.140 Dec. Full, North: Anabadi, South: Diwakar Kumar Chourasia, Plot No.: 562, Kissam: Atta, Area: Ac.0.470 Dec. Full, Bounded by North/South: Diwakar Kumar Chourasia, Plot No.: 565, Kissam: Patita, Area: Ac.0.150 Dec. Full, Bounded by Road, Khata No.: 136/57, Plot No.: 596/802, Kissam: Atta Sadharana, Area: Ac.0.850 Dec. Full, Bounded by North: Road, South: Diwakar Kumar Chourasia, from Debji Bhai Patel, S/o.: Late Dhanji Bhai Patel, Caste- Chasa, Occupation-Business, R/o.: Gandhinagarpada, Bolangir, PO./P.S./ District: Bolangir, at present R/o.: Village Arjunpur, PO./P.S.: Sonepur, District: Subarnapur, vide Regd. Sale Deed No.: 1010/2009, Dt.20.05.2009 and Regd. Sale Deed No.: 11661202096, Dt.12.09.2012, Registered at DSRO: Sonepur. That, unfortunately the link Regd. Sale Deeds has been lost while I am traveling from Arjunpur to Sonepur on Dt.08.12.2025. If anyone find this deed please **Contact : 9838022380.**

**AFFIDAVIT**

By virtue of an affidavit sworn before Executive Magistrate Bonth, Bhadrak on Dated 22nd December 2025, I LAXMIPRIYA PUHAN wife of SANJAY KUMAR PUHAN, Address: AT-APTIRASADANGI, PO-B.T.PUR, PS-AGARAPADA, DIST-BHADRAK, ODISHA-756115, have changed my minor Daughter's name from "SANTUSINE PUHAN" to "SANTOSINI PUHAN". Henceforth, she shall be known as **"SANTOSINI PUHAN"** for all purposes.

**AFFIDAVIT**

By virtue of an affidavit no- 2473, dated- 19/6/2025 sworn before the Executive Magistrate, Banpur, declare that I, **Akshay Kumar Parida,** DOB: 15/04/1990, S/o- Jagannath Parida of Address At/Po- Kumaranga Sasan, Ps- Banpur, Dist- Khordha, Odisha, Pin-752031, declare that I have changed my name from **Akhaya Jena,** S/o- Joginder Jena to **Akshay Kumar Parida,** S/o- Jagannath Parida. Henceforth, I **Akhaya Jena** and **Akshay Kumar Parida** both are one and same person. But now onwards I shall be known as **Akshay Kumar Parida** for all future purposes.
**Akshay Kumar Parida**

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଉଦ୍‌ଯାପିତ

ଜଗତସିଂହପୁର,୨୩।୧୨(ସମିସ)

ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆଠାରେ ଚାଲୁଥିବା ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ-ଜିଲ୍ଲାପରିଷଦ ରବି ନାରାୟଣ ଜେଠୀ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିବା ବେଳେ ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ଡା. ବୀରକିଶୋର ପରିଡା ମୁଖ୍ୟବକ୍ତା, ଡା. ବିଭୁରଞ୍ଜନ ଦାସ, ପୂର୍ବତନ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ କଟକ, ଜିତେନ୍ଦ୍ର କୁମାର ବେହେରା, ଉପ-ମତ୍ସ୍ୟ ନିର୍ଦ୍ଦେଶକ କଟକ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତସିଂହପୁର ଡା ଅଜୟ କୁମାର ସାହୁ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜଗତସିଂହପୁର ଦେବବ୍ରତ ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

ଏହି ମେଳାରେ ମୁଖ୍ୟ ବକ୍ତା ଓ ଅତିଥିମାନେ ଜଗତସିଂହପୁର ଜିଲ୍ଲାର ମତ୍ସ୍ୟ ଚାଷୀ ଓ ପ୍ରାଣୀଧନ ଚାଷୀ ଯେପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରି ଯୋଜନାର ଲାଭ ପାଇପାରିବେ ଏବଂ ଆର୍ଥିକ କ୍ଷେତ୍ରରେ ଉନ୍ନତି କରି ପାରିବେ ସେଥିପାଇଁ ସେମାନଙ୍କର ଅଭିଭାଷଣରେ ସଚେତନ କରାଇଥିଲେ। ମୁଖ୍ୟଅତିଥି ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ସମସ୍ତ ଉପସ୍ଥିତ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଏହି ଅବସରରେ ସଭାପତି ଓ ଅତିଥିମାନଙ୍କ ଦ୍ୱାରା ସଫଳ ଚାଷୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। ତନ୍ମଧ୍ୟରୁ ପାଞ୍ଚ ଜଣ ଚାଷୀଙ୍କୁ ଗୋ-ଆହେଡ୍ ଲେଟର ପ୍ରଦାନ କରାଯାଇଥିଲା। ମତ୍ସ୍ୟସମ୍ପଦ ଓ ପ୍ରାଣିସମ୍ପଦ ବିଭାଗର ୪ ଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ୩ ଜଣ ଚାଷୀଙ୍କୁ ଚେକ୍ ଜରିଆରେ ସରକାରୀ ସହାୟତା ରାଶି ପ୍ରଦାନ କରାଯାଇଥିଲା। ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ବୈଜ୍ଞାନିକମାନଙ୍କ ସହ କୃଷକମାନଙ୍କର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଭାକାର୍ଯ୍ୟ ଶେଷ ହେବାପରେ ଜିଲ୍ଲା କଳା ଓ ସଂସ୍କୃତି ସଂଘ ଦ୍ୱାରା ଅନୁବନ୍ଧିତ ବିଭିନ୍ନ ଗୋଷ୍ଠୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାରେ ଜିଲ୍ଲାର ସବୁ ବ୍ଲକରୁ ବହୁ ସଂଖ୍ୟାରେ ମତ୍ସ୍ୟ ଚାଷୀ ଓ ପ୍ରାଣିସମ୍ପଦ ଚାଷୀମାନଙ୍କ ସହିତ ଜନସାଧାରଣ ଓ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ଗଣମାଧ୍ୟମ ର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

● ସନ୍ଦିଗ୍ଧ ବାଙ୍ଗଲାଦେଶୀ ଚିହ୍ନଟ ବେଳେ ଆକ୍ରମଣ ମାମଲା

## ଗିରଫ ୨ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର

ଜଗତସିଂହପୁର,୨୩।୧୨(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ତରିକୁନ୍ଦ ବେରାହିମପୁର ବସ୍ତିରେ ସନ୍ଦିଗ୍ଧ ବାଂଲାଦେଶୀ ରହୁଥିବା ଅଭିଯୋଗରେ ଗତ ନଭେମ୍ବର ୧୬ ତାରିଖରେ ପୁଲିସ ଚଢ଼ଉ କରିଥିଲା। ଏଏସ୍‌ପି ସତ୍ୟବ୍ରତ ଦାଶ ଏବଂ ଡିଆଇବି ଡିଏସ୍‌ପି ପ୍ରଭାତ କୁମାର ସେଠୀଙ୍କ ନେତୃତ୍ୱରେ ଏହି ଚଢ଼ଉ ବେଳେ କିଛି ମହିଳା ପୁଲିସ ଉପରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ଏହି ଘଟଣାରେ ପୁଲିସ ୨ଜଣ ମହିଳାଙ୍କୁ ଗିରଫ କରିଥିଲା। ତେବେ ବାଂଲାଦେଶୀ ମାନଙ୍କୁ ସରକାରୀ ଜାଗାରେ ବେଆଇନ ଭାବେ ରଖି ବିଭିନ୍ନ କାମରେ ଲଗାଉଥିବା ମୁଖ୍ୟ ଅଭିଯୁକ୍ତ ବେରାହିମପୁରର ସିକନ୍ଦର ଆଲାମ ଏବଂ ତାର ସାନଭାଇ ଅବଦୁଲ ମେତାଲିଫ୍ ଖାଁ କୌଶଳକ୍ରମେ ଫେରାର ହୋଇଯାଇଥିଲେ। ପରେ ଉଭୟଙ୍କୁ ପୋଲିସ ବାଂଲାଦେଶ ସୀମା ମୁର୍ସିଦାବାଦରୁ ଗିରଫ କରିଥିଲା। ଆଜି ଦୁଇ ଅଭିଯୁକ୍ତ ଭାଇଙ୍କୁ ଜଗତସିଂହପୁର ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ହାଜିର କରାଯାଇଥିଲା। ତେବେ ସେମାନଙ୍କର ଜାମିନ ଖାରଜ ହୋଇଯାଇଥିବା ପବ୍ଲିକ୍ ପ୍ରସିକ୍ୟୁଟର ତପନ ପାଲ ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ବିଶ୍ୱସ୍ତ ସୂତ୍ରରୁ କିଛି ସନ୍ଦିଗ୍ଧ ଆଚରଣ ସଂପର୍କରେ ସୂଚନା ପାଇ ଏଏସ୍‌ପି ସତ୍ୟ ଦାଶଙ୍କ ନେତୃତ୍ୱରେ ସଦର ଥାନା ପୁଲିସ ଏହି ବସ୍ତିରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଗୋଟିଏ ଦେଶୀ ବନ୍ଧୁକ, ୫/୬ଟି ବଡ଼ କଟୁରି ଏବଂ ଅନ୍ୟ ହାତହତିଆର ପୁଲିସ ଜବତ କରିଥିଲା। ପରବର୍ତ୍ତୀ ସମୟରେ ବହୁ ପରିମାଣରେ ଆଧାର କାର୍ଡ ଏବଂ ଅନ୍ୟ ଆପତ୍ତିଜନକ କାଗଜପତ୍ର ପୁଲିସ ଜବତ କରିଥିଲା। ସରକାରୀ ଜାଗାରେ ଏହି ଗୃହ ନିର୍ମାଣ କରାଯାଇଥିବା ଜଣାପଡିବା ପରେ ନଭେମ୍ବର ୧୭ ତାରିଖରେ ବୁଲଡୋଜର ଲଗାଇ ସମସ୍ତ ଘରକୁ ଭାଙ୍ଗି ଦିଆଯାଇଥିଲା। ଜିଲ୍ଲାପାଳ ଜେ. ସୋନାଲ ଏବଂ ଏସ୍‌ପି ଅଙ୍କିତ ବର୍ମା ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ।

## ଇଣ୍ଡିଆ ବୁକ ଅଫ୍ ରେକର୍ଡରେ କୁନି ଝିଅ ଆରାଧ୍ୟା

ଜଗତସିଂହପୁର,୨୩।୧୨(ସମିସ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ସ୍ଥିତ ପାଇକସାହି ଗ୍ରାମର ରଶ୍ମିରଞ୍ଜନ ନାୟକ ଓ ରୋଜାଲିନ ମଲ୍ଲଙ୍କ ୫ ବର୍ଷର ଝିଅ ଆରାଧ୍ୟା। ରଶ୍ମିରଞ୍ଜନ ଯିଏକି ସେନାରେ ଯବାନ ରହି ଦେଶ ସେବାରେ ନିୟୋଜିତ ଅଛନ୍ତି। ତାଙ୍କର ମାତ୍ର ୫ ବର୍ଷର ଝିଅ ଆରାଧ୍ୟା ଆର୍ ନାୟକ ନିଜ ପରିବାର ଓ ଅଞ୍ଚଳ ପାଇଁ ଆଣିଛନ୍ତି ଗୌରବ। ଆରାଧ୍ୟା ଆମ ଦେଶର ୨୮ଟି ରାଜ୍ୟର ନାମ, ୨୮ଟି ରାଜ୍ୟର ଭାଷା, ୧୮ଟି ଜାତୀୟ ଚିହ୍ନ, ୮ ଟି ଗ୍ରହର ନାମ, ୭ଟି ମହାଦେଶ, ୫ଟି ମହାସାଗର, ଭାରତର ରାଜ୍ୟ ସହିତ ତାହାର ରାଜଧାନୀ, ଭାରତର ନଦୀ ଗୁଡିକ ନାମ, ୧୫ ସ୍ମାରକୀ, ୧୫ ଭାରତର ସହର ଆଉ ତାର ଡାକନାମ, ୧୭ଟି ଫୁଲଫର୍ମ ନାମ, ଭାରତର




ଡ୍ୟାମ ଗୁଡିକ ନାମ, ୨୪ଟି ଲୋକନୃତ୍ୟର ନାମ, ୩୦ଟି ବିପରୀତ ଶବ୍ଦ, ୧୫୦ଟି ପ୍ରଶ୍ନୋତ୍ତର ମାଧ୍ୟମରେ ନିଜର ପାରଦର୍ଶିତା ଦେଖାଇଛନ୍ତି। ଏହି ବିରଳ କୃତିତ୍ୱ ସହିତ ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ନିଜ ନାମ ସାମିଲ କରିବାରେ ସଫଳ ହୋଇଛନ୍ତି ଆରାଧ୍ୟା। ଆଗାମୀ ଦିନରେ ଆହୁରି ଅନେକ ରେକର୍ଡ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି ଆରାଧ୍ୟା।

## ସାନ୍ତାଳୀ ଭାଷା ବିଜୟ ଦିବସ



ପାରାଦୀପ,୨୩।୧୨(ସମିସ): ପାରମ୍ପରିକ ଆଦିବାସୀ ସାନ୍ତାଳୀ ସମ୍ପ୍ରଦାୟର ଅଲଚିକି ଭାଷାକୁ ସମ୍ବିଧାନରେ ସ୍ୱୀକୃତି ମିଳିବାକୁ ୨୨ବର୍ଷ ପୂରିଯାଇଛି। ଯାହାକୁ ନେଇ ସାନ୍ତାଳୀ ସମ୍ପ୍ରଦାୟ ମଧ୍ୟରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ସାନ୍ତାଳୀ ୟୁଥ ଫେଡେରେସନ ପାରାଦୀପରେ ରହିଥିବା ଆଦିବାସୀ ସମ୍ପ୍ରଦାୟର ପିଲାଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ନିରନ୍ତର ଭାବରେ ସାନ୍ତାଳୀ ଅଲଚିକି ଭାଷା ଲେଖିବା ଓ ପଢିବା ପାଇଁ ଶିକ୍ଷକ ନିଯୁକ୍ତି କରି ଭାଷା ସାହିତ୍ୟ କ୍ଷେତ୍ରରେ କାର୍ଯ୍ୟ କରି ଆସୁଛି। ସମ୍ବିଧାନରେ ଅଲଚିକି ଭାଷା ସ୍ୱୀକୃତି ପାଇବାର ୨୨ ବର୍ଷ ପୂର୍ତ୍ତି ଅବସରରେ ମଧୁବନ ଠାରେ ରହିଥିବା ସାନ୍ତାଳୀ ୟୁଥ ଫେଡେରେସନ କାର୍ଯ୍ୟାଳୟରେ ଦିନତମାମ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରାଦୀପର ବିଭିନ୍ନ ଶିଳ୍ପସଂସ୍ଥା ସହିତ ପାରାଦୀପ ବନ୍ଦରର ବିଭିନ୍ନ ବିଭାଗର କାର୍ଯ୍ୟ କରୁଥିବା ସାନ୍ତାଳୀ ସମ୍ପ୍ରଦାୟର ବ୍ୟକ୍ତିବିଶେଷ ଯୋଗଦେଇ ସାନ୍ତାଳୀ ୟୁଥ ଫେଡେରେସନ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

ଏଏମ୍/ଏନ୍‌ଏସ୍ ଇଣ୍ଡିଆର ସହାୟତା

## ୧୪୩ ଛାତ୍ରୀଙ୍କୁ 'ବେଟି ପଢ଼ାଓ ସ୍କଲାରସିପ୍' ପ୍ରଦାନ




ପାରାଦ୍ୱୀପ,୨୩।୧୨(ସମିସ): ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ ପକ୍ଷରୁ ପାରାଦୀପର ଦକ୍ଷ ଏକାଡେମୀରେ ଆୟୋଜିତ ଏକ ଉତ୍ସବରେ ୧୪୩ ଜଣ ମେଧାବୀ ଛାତ୍ରୀଙ୍କୁ 'ବେଟି ପଢ଼ାଓ ସ୍କଲାରସିପ୍' ପ୍ରଦାନ କରାଯାଇଛି। କମ୍ପାନୀର ପ୍ରମୁଖ ସିଏସ୍‌ଆର ପଦକ୍ଷେପର ଏକ ଅଂଶ ଭାବରେ, ଆର୍ଥିକ ଅନଗ୍ରସର ଶ୍ରେଣୀର ଝିଅମାନଙ୍କୁ ସହାୟତା ସ୍ୱରୂପ ଏହି ବୃତ୍ତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ସ୍କଲାରସିପ୍ ପାଇଥିବା ଛାତ୍ରୀମାନଙ୍କ ମଧ୍ୟରେ ନବମ ଶ୍ରେଣୀଠାରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ଶିକ୍ଷା, ସ୍ନାତକ, ଆଇଟିଆଇ, ଡିପ୍ଲୋମା, ଇଞ୍ଜିନିୟରିଂ, ମେଡିକାଲ ଏବଂ ଅନ୍ୟାନ୍ୟ ବୃତ୍ତିଗତ ପାଠ୍ୟକ୍ରମରେ ପଢୁଥିବା ଛାତ୍ରୀଙ୍କ ସମେତ ରାଜ୍ୟ ଓ ଜାତୀୟ ସ୍ତରର କ୍ରୀଡ଼ାବିତମାନେ ଅନ୍ତର୍ଭୁକ୍ତ ଅଛନ୍ତି। ଏକ ସ୍ୱତନ୍ତ୍ର ଚୟନ ପ୍ରକ୍ରିୟା ମାଧ୍ୟମରେ ଯୋଗ୍ୟତା ଏବଂ ଆବଶ୍ୟକତାକୁ ଭିତ୍ତି କରି ମନୋନୀତ ହୋଇଥିବା ପ୍ରାର୍ଥୀମାନଙ୍କୁ 'ବେଟି ପଢ଼ାଓ ସ୍କଲାରସିପ୍' ପ୍ରଦାନ କରାଯାଉଛି। ଏହି ବୃତ୍ତି ପ୍ରଦାନ କାର୍ଯ୍ୟକ୍ରମ ପାଇଁ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପ୍ରୋଟିଆନ୍ ଇ-ଗଭ୍ ଟେକ୍ନୋଲୋଜି ସହିତ ସହଭାଗିତା କରିଛି। ପାରାଦୀପ ଏଡିଏମ ନିରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଯୋଗ୍ୟ ଛାତ୍ରୀମାନଙ୍କୁ ଏହି ବୃତ୍ତି ପ୍ରଦାନ କରିଥିବା ବେଳେ ପାରାଦୀପ ସରପଞ୍ଚ ସସ୍ମିତା ବେହେରା, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଓଡ଼ିଶା ଅପରେସନ୍ସ ମୁଖ୍ୟ ୟୁଏସ୍‌ଆର. ରାଜୁ ଏବଂ ଓଡ଼ିଶା ଆସେଟର ଏଚ୍‌ଆର ଓ ଆଇଆର ବିଭାଗ ମୁଖ୍ୟ ସୁନୀଲା ଦାସଙ୍କ ସମେତ ଏଏମ୍/ଏନ୍‌ଏସ୍ ଇଣ୍ଡିଆର କର୍ମଚାରୀ, ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

## ଭୂତତ୍ତ୍ୱ ବିଜ୍ଞାନ ଆଲୁମିନି ଆସୋସିଏସନର ବାର୍ଷିକ ଉତ୍ସବ

ତିର୍ତ୍ତୋଲ,୨୩।୧୨(ସମିସ): ତିର୍ତ୍ତୋଲ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଆଲୁମିନି ଆସୋସିଏସନର ବାର୍ଷିକ ଉତ୍ସବ ସଭାପତି ବିମଳ କାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜେନେରାଲ୍ ମ୍ୟାନେଜର (ଏଚ୍‌ଆର୍‌ଓଆର) ଆର୍ସେଲର୍ ମିତଲ୍ ନିପ୍ପୋନ୍ ଇଣ୍ଡିଆ ଲିମିଟେଡର ସୁପ୍ରିୟା ସ୍ୱାଇଁ, ମୁଖ୍ୟ ବକ୍ତା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମଦନ ମୋହନ ମହାନ୍ତ, ସମ୍ମାନିତ ଅତିଥି ଆସୋସିଏସନର ଉପଦେଷ୍ଟା ଲୋକନାଥ ଓଝା, ବରିଷ୍ଠ ସଭ୍ୟ ବିଶ୍ୱଜିତ କାନୁନଗୋ ଓ ଡ. ଅଶୋକ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସଂଗଠନ ସମ୍ପାଦକ ପବିତ୍ର ସ୍ୱାଇଁ ବାର୍ଷିକ ବିବରଣୀ ପାଠ ଏବଂ କୋଷାଧ୍ୟକ୍ଷ ନିହାର ପ୍ରସାଦ ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶୁଭେନ୍ଦୁ ରାୟ, ଅଧ୍ୟାପିକା ସୋୟମ ଶିଖା ଦାସ ଓ ବରିଷ୍ଠ କର୍ମଚାରୀ ପ୍ରହରାଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସଭାପତି ସାଇଦତ୍ତ ଦାସ, ଯୁଗ୍ମ ସମ୍ପାଦକ କମଳଜ୍ୟୋତି ଦାସ ସହ ପୁରାତନ ଛାତ୍ର ବିଶ୍ୱଜିତ ଦାସ, ଗଣେଶ ମୁଦୁଲି, ସୁବ୍ରତ ସୁନ୍ଦରରାୟ, ପ୍ରତାପ ଦାସ, ଦୀପ୍ତି ନନ୍ଦ ଏବଂ ବର୍ତ୍ତମାନର ଛାତ୍ରଛାତ୍ରୀ ଉପସ୍ଥିତ ରହି ସେମାନଙ୍କ ମତାମତ ରଖିଥିଲେ। ଏହି ଅବସରରେ ମେଧାବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବିଭାଗୀୟ ବରିଷ୍ଠ କର୍ମଚାରୀ ଖଗେଶ୍ୱର ମହାରଣାଙ୍କୁ ସମ୍ବର୍ଦ୍ଧନା ଜଣାଯାଇଥିଲା। ବିଭାଗୀୟ ଅଧ୍ୟାପିକା ତାରେଣୀପ୍ରଭା ରାଉତରାୟ ଧନ୍ୟବାଦ ଜ୍ଞାପନ କରିଥିଲେ।

## ସମାଜସେବୀ ରବୀନ୍ଦ୍ର ଚୌଧୁରୀଙ୍କ ପରଲୋକ

କୁଜଙ୍ଗ,୨୩।୧୨(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ମୁରବୀ ତଥା ଜମିଦାର ରବୀନ୍ଦ୍ର ନାଥ ଚୌଧୁରୀଙ୍କ ୯୨ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କର ସହଯୋଗରେ ପଙ୍କପାଳରେ ହାଇସ୍କୁଲ, ମହିଳା ମହାବିଦ୍ୟାଳୟ ସହ ବହୁ ଅନୁଷ୍ଠାନ ଓ ସଙ୍ଗଠନ ଗଢିଉଠିଛି। ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସଂପନ୍ନ କରାଯାଇଛି। ଏକ ମାତ୍ର ପୁତ୍ର ବରିଷ୍ଠ ଆଇନଜୀବୀ ଗୋପବନ୍ଧୁ ଚୌଧୁରୀ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ପଙ୍କପାଳର ପୂର୍ବତନ ସରପଞ୍ଚ ଡାକ୍ତର ଶରତ ଚନ୍ଦ୍ର ମହାପାତ୍ର, ଚତୁର୍ଭୁଜ ମହାପାତ୍ର, କୈଳାସ ଚନ୍ଦ୍ର ଷଡଙ୍ଗୀ, ସଚିଦାନନ୍ଦ ମଲ୍ଲ, ଶ୍ରୀ ଅରବିନ୍ଦ ଦର୍ଶନର ସାଧିକା ଲକ୍ଷ୍ମୀପ୍ରିୟା ମିଶ୍ର (ରୁବି ଅପା) ପ୍ରମୁଖ ଶୋକ ବ୍ୟକ୍ତ କରିଥିଲେ। ତାଙ୍କ ପରଲୋକରେ ଚାନ୍ଦପୁର ସମେତ ପଙ୍କପାଳ ଓ ରାହାମା ରେ ଶୋକ ପ୍ରକାଶ ପାଇଛି।



## ଶିଶୁମନ୍ଦିରର କ୍ରୀଡ଼ା ଉତ୍ସବ



ବାଲିକୁଦା,୨୩।୧୨(ସମିସ): ମାଛଗାଁ ଶିଶୁମନ୍ଦିର ପରିସରରେ ବିଦ୍ୟାଳୟ ପକ୍ଷରୁ ବାର୍ଷିକ କ୍ରୀଡା ଉଦଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସଭାପତି ଅଧ୍ୟାପକ ହରିପ୍ରସାଦ ପତି କ୍ରୀଡ଼ା ପତାକା ଉତ୍ତୋଳନ କରିଥିବା ବେଳେ କୋଷାଧ୍ୟକ୍ଷ ନିରୋଦ କୁମାର ଦାସ ଉଦଘାଟନ କରିଥିଲେ। ସମ୍ପାଦକ ଜୟପ୍ରକାଶ ସ୍ୱାଇଁ ଓ ସଦସ୍ୟ କୈଳାଶ ଚନ୍ଦ୍ର ପାଳ ଉପସ୍ଥିତ ରହି ଆସନ୍ତା ସରସ୍ୱତୀ ପୂଜା ଅବସରରେ ଏକ ବିଶେଷ କାର୍ଯ୍ୟକ୍ରମ ଅବସରରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ୩ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମ କୁ ଆଚାର୍ଯ୍ୟ ରୋହିତ କୁମାର ବିଶ୍ୱାଳ,ରବୀନ୍ଦ୍ର ଜେନା, ଲୋକନାଥ ମଲ୍ଲିକ, ଆଚାର୍ଯ୍ୟା ଋତୁପୂର୍ଣ୍ଣା ରାଉତ ମମତାମୟୀ ଦାଶ, ଚିନ୍ମୟୀ ପରିଡା,ଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ କର୍ମଚାରୀ ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଆଚାର୍ଯ୍ୟ ଅର୍ଜୁନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇଜ୍ଞାନ ପ୍ଲେ' ସ୍କୁଲରେ ରେଡ୍ ଡେ



ଜଗତସିଂହପୁର,୨୩।୧୨(ସମିସ): ଜଗତସିଂହପୁର ସଦର ମହକୁମାର ଜୟବଡ ସ୍ଥିତ ସାଇଜ୍ଞାନ ପ୍ଲେ' ସ୍କୁଲରେ ରେଡ୍ ଡେ ଉତ୍ସବ ପାଳିତ ହୋଇଯାଇଛି। ପ୍ଲେ ସ୍କୁଲର ଅଧ୍ୟକ୍ଷା ପ୍ରଜ୍ଞା ପାରମିତା ଚୌଧୁରୀଙ୍କ ସଭାପତିତ୍ୱରେ ସ୍କୁଲର କୁନି କୁନି ପିଲାମାନେ ବଡ଼ଦିନ ପୂର୍ବରୁ ଏହି ଉତ୍ସବକୁ ଲାଲ୍ ରଙ୍ଗର ବେଲୁନ, ଲାଲ ରଙ୍ଗର ପୋଷାକ ପରିଧାନ ସହିତ ଲାଲ୍ ତରଙ୍ଗ ସୃଷ୍ଟି କରି ପାଳନ କରିଥିଲେ। ଏହି ଉତ୍ସବରେ ପିଲାମାନଙ୍କୁ ନେଇ କେକ୍ କାଟିବା, ସ୍କୁଲର ଅଧ୍ୟକ୍ଷା କେକ୍ ଖୁଆଇବା ସହ ଚକଲେଟ୍ ଓ ବିଭିନ୍ନ ଉପହାର ପିଲାମାନଙ୍କୁ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ଲେ ସ୍କୁଲର ଶିକ୍ଷୟିତ୍ରୀ ପ୍ରାଚୀ ପୂଣ୍ୟତୋୟା ପଟ୍ଟନାୟକ, ଲିପ୍ସା ମହାନ୍ତି, ସୋନମ ପ୍ରିୟଦର୍ଶିନୀ, ସୌଭାଗ୍ୟ ଲକ୍ଷ୍ମୀ ପାତ୍ର, ଶ୍ରୀଲେଖା ପାଢ଼ୀ, ଶକ୍ତି ସ୍ୱରୂପା ପଟ୍ଟନାୟକ, ଦିବ୍ୟାଭାରତୀ ପରିଡ଼ା ଓ ପରିଚାଳିକା ସୁଜାତା ନନ୍ଦି ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ପାରାଦୀପ ବନ୍ଦର ଡିଏଭି ସ୍କୁଲ ପକ୍ଷରୁ ବାର୍ଷିକ ଉତ୍ସବ



ପାରାଦୀପ,୨୩।୧୨(ସମିସ): ପାରାଦୀପ ବନ୍ଦର ଡିଏଭି ପବ୍ଲିକ୍ ସ୍କୁଲ ତାର ୧୬ତମ ବାର୍ଷିକ ଉତ୍ସବ "ଅଭ୍ୟୁଦୟ - ପ୍ରଗତି ପଥରେ' ପାଳନ କରଛି। ଆଜି ସନ୍ଧ୍ୟାରେ ସ୍କୁଲ ପରିସରରେ ଅନୁଷ୍ଠିତ ଉତ୍ସବରେ ସଂସ୍କୃତି, ସୃଜନଶୀଳତା ଏବଂ ପ୍ରଗତି ଭାବନା ପ୍ରତିଫଳିତ ହୋଇଥିଲା। ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତି ସମ୍ମାନିତ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ। ଏଥିରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷର ଅଧ୍ୟକ୍ଷ ପି ଏଲ୍ ହରନାଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବନ୍ଦରର ଏଫଏ ଏବଂ ସିଏଓ ଅଶୋକ କୁମାର ସାହୁ ଏବଂ କୁଜଙ୍ଗର ବ୍ଲକ ଶିକ୍ଷା ଅଧିକାରୀ ମନୋଜ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପଙ୍କଜ ଭରସାନି (ଅଧ୍ୟକ୍ଷ, କେନ୍ଦ୍ରୀୟ ବିଦ୍ୟାଳୟ, ପାରାଦୀପ ପୋର୍ଟ), ସଞ୍ଜୀବ କୁମାର ସାହୁ (ଅଧ୍ୟକ୍ଷ, ଡିଏଭି ପିପିଏଲ, ପାରାଦୀପ ପୋର୍ଟ ଏବଂ ସମ୍ବିତ୍ ସୁକୁମାର ଚିନ୍ନାରା (ଅଧ୍ୟକ୍ଷ, ଡିଏଭି ଇଫକୋ)ଙ୍କୁ ବିଶିଷ୍ଟ ଅତିଥି ଭାବରେ ସ୍ୱାଗତ କରାଯାଇଥିଲା। ବିଭିନ୍ନଶ୍ରେଣୀରଛାତ୍ରଛାତ୍ରୀଙ୍କଦ୍ୱାରାସାଂସ୍କୃତିକକାର୍ଯ୍ୟକ୍ରମପରିବେଷଣ କରାଯାଇଥିଲା। ସଂଯୋଜକ ହୃଷିକେଶ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

## ଜରାଜୀର୍ଣ୍ଣ ଅବସ୍ଥାରେ ବାତ୍ୟା ଆଶ୍ରୟସ୍ଥଳୀ



ଏରସମା,୨୩।୧୨(ସମିସ): ଏରସମା ବ୍ଲକ ଅଧୀନ ଜପା ପଞ୍ଚାୟତ ବର୍ତୋଳ ଗାଁ। ତିନିଟି ପଡାକୁ ନେଇ ଏହି ଗାଁ ଗଠିତ। ବର୍ତ୍ତମାନ ୬୦୦ରୁ ଊର୍ଦ୍ଧ୍ୱ ଲୋକ ଏଠାରେ ବସବାସ କରନ୍ତି। ୧୯୯୯ମସିହା ମହାବାତ୍ୟାରେ ୨୨୦ ଜଣ ଭାସିଯାଇଥିଲେ। ହାକୁ ଲକ୍ଷ୍ୟ କରି ପାରାଦୀପ ପୋର୍ଟ ତରଫରୁ ବର୍ତୋଳ ପ୍ରାଇମେରୀ ବିଦ୍ୟାଳୟ ପରିସରରେ ବାତ୍ୟା ଆଶ୍ରୟସ୍ଥଳୀ କରାଯାଇଥିଲା। ଆଶ୍ରୟସ୍ଥଳୀକୁ ୨୪ ବର୍ଷ ବିତିଯାଇଛି। କିନ୍ତୁ ପ୍ରଶାସନ ତରଫରୁ ରକ୍ଷଣାବେକ୍ଷଣା ନ କରାଯିବା ସହିତ ମରାମତି ନ ହେବା ଦ୍ୱାରା ଏହା ସଂପୂର୍ଣ୍ଣ ଭାଙ୍ଗି ଗଲାଣି। ତାକୁ ବିପଦସଂକୁଳ ଘର ଭାବେ ଘୋଷଣା କରାଯାଇଅଛ। ନୁତନ ଭାବେ ଆଶ୍ରୟସ୍ଥଳୀ କରିବା ପାଇଁ ଗ୍ରାମବାସୀ ବହୁବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ।

## ବାବା ମାଧୁରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାଲିକୁଦା,୨୩।୧୨(ସମିସ): ବାବା ମାଧୁରୀ କ୍ରିକେଟ କ୍ଲବ ଇଚ୍ଛାପୁର ଆନୁକୂଲ୍ୟରେ ବାବା ମାଧୁରୀ କ୍ରିକେଟ ପଡିଆରେ ୫୫ତମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥିଭାବେ ସ୍ଥାନୀୟ ଜିଲ୍ଲାପରିଷଦ ଡଲି ପଣ୍ଡା, ଇଚ୍ଛାପୁର ସରପଞ୍ଚ ରାଜଲକ୍ଷ୍ମୀ ପୁହାଣ,ସମାଜସେବୀ ଗୁଣନିଧି ସେଠୀ, ସୁରେନ୍ଦ୍ର ସାହୁ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ମା' ଥାନପତି କ୍ରିକେଟ କ୍ଲବ ବାଲିକୁଦାର ଅଧିନାୟକ ପ୍ରଥମେ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୭ ଓଭର ମଧ୍ୟରେ ତାର ୭ ୱିକେଟ ହରାଇ ୧୭୪ ରନ ସ୍କୋର ସଂଗ୍ରହ କରିଥିଲେ। ଏହାର ଜବାବରେ ୧୭୭ ରନକୁ ପିଛା କରି ଏମ୍‌ବିସିସି କ୍ରିକେଟ କ୍ଲବ ନହଙ୍ଗୁରି ୧୭ ଓଭର ମଧ୍ୟରେ ତାର ୯ ଉଇକେଟ ହରାଇ ୧୩୦ ରନ କରି ପରାଜୟ ବରଣ କରିଥିଲା। ଫଳରେ ଥାନପତି ଟିମ ସେମିରେ ପ୍ରବେଶ କରିଥିଲା। ବିଜୟୀ ଦଳର ସୂର୍ଯ୍ୟକାନ୍ତ ଦାସ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସଚ୍ଚିଦାନନ୍ଦ ବିଶ୍ୱାଳ ଓ ତପନ କୁମାର ସାହୁ ମ୍ୟାଚରେ ଅମ୍ପାୟାର ଦାୟିତ୍ୱ ନିର୍ବାହ କରିଥିବା ବେଳେ ସ୍କୋରିଂ ରେ ଅମୀୟ କୁମାର ସାହୁ ସହାୟତା ପ୍ରଦାନ କରିଥିଲେ। ଏଲ ତାରିଣୀ ପଟ୍ଟନାୟକ ମ୍ୟାଚର ସମସ୍ତ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ବାବା ମାଧୁରୀ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ ପରିଚାଳନା ରେ ସହାୟତା ପ୍ରଦାନ କରିଥିଲେ।

## ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା

ଜଗତସିଂହପୁର,୨୩।୧୨(ସମିସ): ସରକାରୀ ବ୍ୟବସ୍ଥାର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ହେଉଛି ସରକାର ଓ ପ୍ରଶାସନ ଗ୍ରାମରେ ପହଞ୍ଚିବା ଓ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା। ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ଲୋକଙ୍କ ହିତରେ ଲାଗିବା ସହ ଏହାର ସୁଫଳ ଯେପରି ସମସ୍ତେ ପାଇବେ ସେଥିପାଇଁ ସଚେତନତା ସୃଷ୍ଟି ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଉଦ୍ଦେଶ୍ୟରେ 'ପ୍ରଶାସନ ଗାଁଓ କି ଓର' ବା ପ୍ରଶାସନ ଗ୍ରାମ ଅଭିମୁଖେ କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେବା ନିବୃତ୍ତ ଭାରତୀୟ ପ୍ରାଶାସନିକ ଅଧିକାରୀ ତଥା ଜଗତସିଂହପୁର ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ କହିଥିଲେ ଯେ ଜନ ଅଭିଯୋଗ ଶୁଣାଣି ମାଧ୍ୟମରେ ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରକାଶ ଥାଉକି, ଚଳିତ ମାସ ୧୯ ତାରିଖ ରୁ ୨୫ ତାରିଖ ପର୍ଯ୍ୟନ୍ତ ଭାରତ ସରକାରଙ୍କ ତରଫରୁ ସୁଶାସନ ସପ୍ତାହ ଭାବେ ପାଳନ କରାଯାଉଛି। ଏହି ଉପଲକ୍ଷେ ଅଧିକାରୀମାନେ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ଗସ୍ତ କରି ହିତାଧିକାରୀଙ୍କ ସହ ଆଲୋଚନା ସହ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ କରୁଛନ୍ତି। ଆଜିର କର୍ମଶାଳାରେ ନିର୍ବାହୀ ଅଧିକାରୀ, ପାରାଦୀପ ପୌର ପରିଷଦ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡେପୁଟି କଲେକ୍ଟର, ଗ୍ରିଭାନ୍ସ, ଏସଇଆର ଡବ୍ଲୁଏସଏସ, ଏସଇ ମହାନଦୀ ସାଉଥ ଡିଭିଜନ ଓ ଅବକାରୀ ଅଧିକ୍ଷିକା ଗୁଡ଼ ଗଭର୍ଣ୍ଣାନ୍‌ସ୍ ପ୍ରାକ୍ଟିସରେ ନିଜ ବିଭାଗର ସଫଳତା ବିଷୟରେ ପାୱାର ପଏଣ୍ଟ ମାଧ୍ୟମରେ ବର୍ଣ୍ଣନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

ରାଜ୍ୟସ୍ତରୀୟ ଯୁଗଜ୍ୟୋତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ସେମିରେ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ

ଜଗତସିଂହପୁର,୨୩।୧୨(ସମିସ)




ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ନବାପାଟଣା ଠାରେ ଚାଲିଥିବା ୩୫ତମ ରାଜ୍ୟସ୍ତରୀୟ ଯୁଗଜ୍ୟୋତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାଟର ଫାଇନାଲ ଆଜି ମା' ମଙ୍ଗଳା କ୍ରିକେଟ୍ କ୍ଲବ କଟକ ଏବଂ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ଖେଳା ଯାଇଥିଲା। ଏହି ମ୍ୟାଚରେ ପ୍ରଥମେ ଟସ୍ ଜିତି ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ଭୁବନେଶ୍ୱର ବୋଲିଂ କରିବାର ନିଷ୍ପତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମା' ମଙ୍ଗଳା କ୍ରିକେଟ୍ କ୍ଲବ ନିର୍ଦ୍ଧାରିତ ୨୫ ଓଭରରେ ୬ ୱିକେଟ୍ ବିନିମୟରେ ୧୨୨ ରନ ସଂଗ୍ରହ କରି ଥିଲା। ଦଳ ତରଫରୁ ସର୍ବାଧିକ ପ୍ରଥମ୍ ପରାଶର ୬୫ ରନ, ସୌରଭ କନୋଜିଆ ୨୨ ରନ ସଂଗ୍ରହ କରିଥିଲେ। ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ତରଫରୁ ପ୍ରତୀକ ସ୍ୱାଇଁ ୩ ୱିକେଟ ଏବଂ ଆଶୁତୋଷ ମାରାଣ୍ଡି ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ୧୨୩ ରନର ପିଛା କରି ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ୨୪.୨ ଓଭରରେ ୭ ୱିକେଟ ହରାଇ ବିଜୟ ଲାଭ କରିବା ସହିତ ସେମିଫାଇନାଲରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଦଳ ତରଫରୁ ବିସ୍ମୟ ରାଉତ ୫୨ ରନ, ହିମାଂଶୁ ବିଷ୍ଟ ୩୧ ରନ ଏବଂ ରମଣୀ ରଞ୍ଜନ ଜେନା ୧୨ ରନ ସଂଗ୍ରହ କରିଥିଲେ। ମା' ମଙ୍ଗଳା କ୍ରିକେଟ୍ କ୍ଲବ ତରଫରୁ ସୌରଭ କାନୋଜିଆ ୨ଟି ୱିକେଟ ଏବଂ ଅଖସତ୍ ଶର୍ମା ୨ଟି ୱିକେଟ ହାସଲ କରିଥିଲେ। ଏହି ମ୍ୟାଚଟି ଦୁଇ ଅମ୍ପାୟର ମନୋଜ ବେହେରା ଓ ଦୁର୍ଗା ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫିକୁ ଡ. ନାରାୟଣ ଚନ୍ଦ୍ର ସାହୁ, ଇଞ୍ଜିନିୟର କିଶୋର ଚନ୍ଦ୍ର ସାହୁ, ବିସ୍ମୟ ରାଉତଙ୍କୁ ପ୍ରଦାନ କରିଥିଲେ। କରନ ଖାନ୍ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରିଂ ଆଶୁତୋଷ ବେହେରା ଏବଂ ପ୍ରିତମ ପ୍ରିୟଦର୍ଶନ ସାହୁଙ୍କ ଦ୍ୱାରା ପରିଚାଳନା ହୋଇଥିଲା।

## ଇଣ୍ଡିଆନ ପଟାସ ଲିମିଟେଡ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ଢେଙ୍କାନାଳ,୨୩।୧୨(ସମିସ): ହରିପୁର ଗ୍ରାମର ସରକାରୀ ୟୁପି ସ୍କୁଲଠାରେ ଇଣ୍ଡିଆନ ପଟାସ ଲିମିଟେଡ୍ ସହ ମିଶନରିକନଷ୍ଟ୍ରକ୍ସନ ଏବଂ ଦି ମେଡିକ୍ସର ମିଳିତ ସହଯୋଗରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡାକ୍ତର ଲଳିତ କୁମାର ବେହେରା, ସ୍ତ୍ରୀ ଓ ପ୍ରସୂତି ଡାକ୍ତର ମୈଥିଳି ମହାପାତ୍ର, ଡାକ୍ତର ଦିଲ୍ଲୀପ କୁମାର ସାମଲ, ଏସ୍‌ବିଆଇ ଫାଉଣ୍ଡେସନ ମେଡିକାର ୟୁନିଟ୍‌ର ମେଡିକାଲ ଅଫିସର ଡାକ୍ତର ସୁଧାଂଶୁବାଳା ପାଣିଗ୍ରାହୀଙ୍କୁ ଆଇପିଏଲ୍‌ର ମୁଖ୍ୟ ଓ ସାଧାରଣ ପରିଚାଳକ ବିକାଶ କୁମାର ଚୌଧୁରୀ ସମ୍ମାନିତ କରିଥିଲେ। ଶିବିରରେ ଗ୍ରାମର ୨୦୦ରୁ ଅଧିକ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହି ଶିବିରରେ ଆଇଆଇଏମ୍‌ସିର ଓଡ଼ିଆ, ଇଂରାଜୀ ଓ କର୍ପୋରେଟ କମ୍ୟୁନିକେଶନ ଆଣ୍ଡ ବ୍ରାଣ୍ଡ ମାନଜେମେଣ୍ଟ ବିଭାଗ ର ୧୦ ଜଣ ଛାତ୍ର ଛାତ୍ରୀ ଙ୍କୁ ଗଣ ହେଲଥ ଭଲ୍ୟୁଣ୍ଟାରୀ ଏବଂ ମିଡିଆ ପବ୍ଲିସିଟିର ପ୍ରମାଣପତ୍ର ଆଇପିଏଲର ସାଧାରଣ ପରିଚାଳକ ଏବଂ ମୁଖ୍ୟ ବିକାଶ କୁମାର ଚୌଧାରୀ ପ୍ରଦାନ କରିଥିଲେ। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଆଇପିଏଲର ସାଧାରଣ ପରିଚାଳକ ଏବଂ ମୁଖ୍ୟ ବିକାଶ କୁମାର ଚୌଧୁରୀ ଯୋଗଦେଇଥିଲେ। ଶିବିରରେ ଗୃହପାଳିତ ପଶୁଙ୍କ ଉପରେ ସ୍ୱାସ୍ଥ୍ୟ ଶିବିର ୨୮ ତାରିଖ ରେ ହେବ ବୋଲି ଘୋଷଣା କରାଯାଇଛି। ସେହିପରି ଏହି ଶିବିରରେ ମୁଖ୍ୟ ବକ୍ତା ଭାବେ ବିରଞ୍ଚି ନାରାୟଣ ପାଣି ଓ ଗୁଣ୍ଡିଚାପଡ଼ାର ସରପଞ୍ଚ ସୁଜାତା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ମାଇକ୍ରୋ ମିଡିଆର ନିର୍ଦ୍ଦେଶକ ଅଥୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ମିଶନରିକଷ୍ଟ୍ରକ୍ସନର ସେକ୍ରେଟେରୀ ମନୋଜ କୁମାର ପଟ୍ଟନାୟକ ଏବଂ ଦି ମେଡିକ୍ସର ଡ. ଦିଲ୍ଲୀପ କୁମାର ସାମଲ ଏବଂ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରିଶେଷରେ ଆଇଆଇଏମସିର ଇଂରାଜୀ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡଃ ବିରଞ୍ଚି ନାରାୟଣ ସେଠ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଗ୍ନି ବିପନ୍ନ ପରିବାରକୁ ସାମ୍ବାଦିକ ସଂଘ ପକ୍ଷରୁ ସହାୟତା



କଙ୍କଡାହାଡ଼,୨୩।୧୨(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ ମହାବିରୋଡ ଥାନା ଅଞ୍ଚଳରେ ସୋମବାର ଝିଲି ପଞ୍ଚାୟତ ଅଧିନ ଟମ୍ପେଇ ଗ୍ରାମ ନୂଆ ସାହିର କନକଲତା ସିଂହଙ୍କର ଚାଳ ଛପର ଘରେ ନିଆଁ ଲାଗି ୨ ବଖରା ଜଳିଯାଇଥିଲା। ପରଜଙ୍ଗ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରି ନେଉଥିବା ବେଳେ ସେତେ ବେଳକୁ ଘରର ସମସ୍ତ ଆସବାବ ପତ୍ର ପୋଡ଼ି ଯାଇଛି। ଖବର ପାଇ ପଞ୍ଚାୟତ ସରପଞ୍ଚ ରୋଜାଲିନ ସାହୁ ଅଗ୍ନି ବିପନ୍ନ ପରିବାର ନିକଟରେ ପହଞ୍ଚି ଖାଦ୍ୟ ବସ୍ତ୍ର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମଙ୍ଗଳବାର ସାମ୍ବାଦିକ ସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ସଂଘର ଉପସଭାପତି ବିଭୂତି ଭୂଷଣ ଦେହୁରୀ, ସମ୍ପାଦକ ପୃଥିରାଜ ସାହୁ ଓରଫ ରାଜ, ସଂଘର ସଦସ୍ୟ ସନାତନ ପରିଡ଼ା, କମଳଲୋଚନ ସାହୁ, ପାଣ୍ଡବ ଚରଣ ଦାସ, ଟୁନା ପରିଡ଼ା, ପବିତ୍ର ବରାଳ, ଅଙ୍କୁର ସିଂହ, ମନମୋହନ ପରିଡ଼ା, ମନୋଜ କୁମାର ଦାସ, ସତ୍ୟବ୍ରତ ଦାସ, ପ୍ରସନ୍ନ କୁମାର ପରିଡ଼ାଙ୍କ ସମେତ ଅନ୍ୟ ସଦସ୍ୟ ପହଞ୍ଚି ଅଗ୍ନି ବିପନ୍ନ ପରିବାରକୁ ଚାଉଳ, ଶୁଖିଲା ଖାଦ୍ୟ, ଶୀତବସ୍ତ୍ର ପ୍ରଭୃତି ପ୍ରଦାନ କରିଥିଲେ। ଫଳରେ ଏବେ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ନଥିବାରୁ ତୁରନ୍ତ ଏହି ପରିବାରକୁ ପକ୍କା ଘର ଯୋଗାଇ ଦେବାକୁ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଛି ସଙ୍ଘ।

# ଭୁଆସୁଣୀ ପାହାଡ଼ରୁ ବେଧଡ଼କ ମୁଗୁନିପଥର ଲୁଟ୍

ଖଜୁରିଆକଟା,୨୩।୧୨(ସମିସ):

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓଡ଼ାପଡ଼ା ତହସିଲର ଘଟିପିରି ପଞ୍ଚାୟତ ଅମାନ୍ତପଡ଼ାରେ ଥିବା ଭୁଆସୁଣୀ ପାହାଡ଼ରେ ବେଧଡ଼କ ବିସ୍ଫୋରଣ କରାଯାଇ ମୂଲ୍ୟବାନ ଖଣିଜ ପଥର ଚୋରାଚାଲାଣ

### ବିସ୍ଫୋରଣରେ କମ୍ପୁଛି ଅଞ୍ଚଳ, ବଢୁଛି ପ୍ରଦୂଷଣ

କରାଯାଉଛି। ଏଠାରେ ସ୍ଥାନୀୟ ପ୍ରଶାସନ ଓ ପୁଲିସ ସମ୍ପୂର୍ଣ୍ଣ ଆଖିବୁଜି ଦେଇଥିବାବେଳେ ପାହାଡ଼ ଲୁଟ୍ ଯୋଗୁଁ ଘଟିପିରି ପଞ୍ଚାୟତର ଅମାନ୍ତିପଡ଼ା ସମେତ ଆଖପାଖ ଅଞ୍ଚଳବାସୀ ବହୁଳ ପ୍ରଭାବିତ ହେବାସହ ରାତ୍ରିରେ ଶୋଇ ପାରୁନଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଭୁଆସୁଣୀ ପାହାଡ଼ରେ ମୂଲ୍ୟବାନ



ମୁଗୁନି ପଥର ରହିଛି। କେତେକ ଦୁର୍ଦ୍ଦାନ୍ତ ଆନ୍ତଃରାଜ୍ୟ ପଥରମାଫିଆ ବେଆଇନ ଭାବରେ ବିସ୍ଫୋରଣ କରି ପଥର ଉତ୍ତୋଳନ କରୁଛନ୍ତି। ଉଚ୍ଚଶକ୍ତି ସମ୍ପନ୍ନ ବିସ୍ଫୋରଣ ଯୋଗୁଁ ଗାଁର ଘର ଗୁଡ଼ିକରେ କମ୍ପନ ସୃଷ୍ଟି ହୋଇ କାନ୍ଥ ଫାଟିବା, ଆଜବେଷ୍ଟସ ଗଳି ପଡ଼ିବା ଏବଂ ପ୍ରଚଣ୍ଡ ଶବ୍ଦ ସୃଷ୍ଟି ହେଉଛି। ପ୍ରଚଣ୍ଡ ଶବ୍ଦ ପ୍ରଦୂଷଣ ସାଙ୍ଗକୁ ଧୂଳି ଧୂଆଁ ଯୋଗୁଁ ପ୍ରଦୂଷଣ ବଢ଼ିଚାଲିଛି। ମାତ୍ର ଜିଲ୍ଲା ପ୍ରଶାସନ ଲୋକଦେଖାଣିଆ ଚଢ଼ଉ କରି ବସିପଡୁଛି। ଗତବର୍ଷ ଡିସେମ୍ବରରେ ଖଣି ଉପରେ ପୁଲିସ ପ୍ରଶାସନର ମିଳିତ ଚଢ଼ଉ ହୋଇ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାମରେ ନାମକୁମାତ୍ର ମାମଲା ରୁଜୁ ହୋଇଥିଲା। ଦୁଇ ମାସ ବିସ୍ଫୋରଣ ବନ୍ଦ ହେବା ପରେ ଏବେ ବେଧଡକ ବିସ୍ଫୋରଣ କରାଯାଇ ପଥର ଲୁଟ ହେଉଛି। ପୁଲିସ, ପ୍ରଶାସନ, ଖଣି ବିଭାଗ ଅଧିକାରୀ ଏବଂ ସ୍ଥାନୀୟ ପ୍ରଭାବଶାଳୀ ରାଜନେତାଙ୍କ ବେଆଇନ ଲୁଟ ଉପରେ ଆଶୀର୍ବାଦ ରହିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ବେଶ ଚର୍ଚ୍ଚା ଲାଗି ରହିଛି। ଲିଜ୍ ନଥାଇ ଏହି ଖଣି ପୁନଶ୍ଚ ଚାଲୁ ରହିବା ଯୋଗୁଁ ଶାସନ ଏବଂ ପ୍ରଶାସନର ଭୂମିକାକୁ ଲୋକେ ସନ୍ଦେହରେ ନେଉଛନ୍ତି ଓ ସରକାରଙ୍କ ବିପୁଳ ରାଜସ୍ୱ ହାନୀ ଘଟୁଛି। ଏ ଦିଗରେ ରାଜ୍ୟ ସରକାର ଓ ପ୍ରଶାସନ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

### ଜିଲ୍ଲାପାଳ ଓ ତହସିଲ କାର୍ଯ୍ୟାଳୟ

## ପତ୍ର ଆଦାନପ୍ରଦାନରେ ରହୁନି ତାଳମେଳ

ପରଜଙ୍ଗ,୨୩।୧୨(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ କୁଆଲୋ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ପରମହଂସପୁର ଗ୍ରାମରେ ଥିବା କୁଆଲୋ ମୌଜାର ଖାତା ନଂ ୮୨୪ ଓ ପ୍ଲଟ ନମ୍ବର -୩୪୯୩ ଜଙ୍ଗଲ ଦୁଇ କିସମ ଥିବାବେଳେ ଉକ୍ତ ଜମିର ୦.୧୦ ଡିସିମିଲ ଜବରଦଖଲ କରି ଜଣେ ବ୍ୟକ୍ତି ବୃହତ୍ ଅଟ୍ଟାଳିକା ନିର୍ମାଣ କରିଛନ୍ତି। ସେହିପରି ଭାବରେ ୧୪୯ ନମ୍ବର ଜାତୀୟ ରାଜପଥ ଠାରୁ ନୂଆ ସୂର୍ଯ୍ୟ ହୋଟେଲକୁ ସଂରକ୍ଷିତ ଜଙ୍ଗଲ ଜମିରେ ପାଉଁଶ ପକାଇ ରାସ୍ତା ନିର୍ମାଣ କରି ପାଖାପାଖି ପାଞ୍ଚ ଏକରର ଗୋଚର ଜମିକୁ ଭାରିଯାନ ପାର୍କିଂସ୍ଥଳ କରି ବେଶ୍ ଅର୍ଥ ଉପାର୍ଜନ କରୁଛନ୍ତି। ସରକାରୀ ଜମି ଜବରଦଖଲ ଉଚ୍ଛେଦ ନିମନ୍ତେ ୟୁଥ୍ ୟୁନାଇଟେଡ୍ ଫର ସଷ୍ଟେନେବ୍ୟୁ ଏନଭର୍ଣ୍ଣମେଣ୍ଟ ଟ୍ରଷ୍ଟ ପକ୍ଷରୁ କଲିକତା ବେଞ୍ଚ ଜାତୀୟ ସବୁଜ ନ୍ୟାୟାଧିକରଣ (ଏନ୍‌ଜିଟି) ନିକଟରେ ମାମଲା ରୁଜୁ ହୋଇଥିଲା। ଗତ ୨୩ ଜୁଲାଇରେ ଏନ୍‌ଜିଟି ମାମଲାର ଶୁଣାଣି କରି ଅକ୍ଟୋବର ମାସ ମଧ୍ୟରେ ଜବରଦଖଲ ଉଚ୍ଛେଦ କରି ବୃକ୍ଷରୋପଣ ପାଇଁ ଢେଙ୍କାନାଳ ବନଖଣ୍ଡ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦେଇଥିଲେ। ଖାଲପାଳ ସଂରକ୍ଷିତ ଜଙ୍ଗଲ ଜମିରେ ପାଉଁଶ କେଉଁଠୁ ଆସିଲା ଏବଂ କିଏ ପକାଇଛି ତାହାର ତଦନ୍ତ କରି ପରିବେଶ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଆଦାୟ କରାଯିବା ସହ ଡିସେମ୍ବର ଶେଷ ସୁଦ୍ଧା ଜଙ୍ଗଲ ଜମି ଉପରେ ଥିବା ବୃହତ ଅଟ୍ଟାଳିକା ଉଚ୍ଛେଦ କରାଇବାକୁ ମଧ୍ୟ ରାୟ




ପ୍ରକାଶ କରିଥିଲେ। ଏଥିମଧ୍ୟରେ ଛଅ ମାସ ବିତିବାକୁ ବସିଲାଣି ପଛେ ବନ, ତହସିଲ ଓ ପ୍ରଦୂଷଣ ବିଭାଗ ପକ୍ଷରୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି। ଏନ୍‌ଜିଟିଙ୍କ ରାୟ ପ୍ରକାଶ ପରେ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୨୨୮୫/ତା ୮/୮/୨୦୨୫ ମୁତାବକ ପରଜଙ୍ଗ ତହସିଲ କାର୍ଯ୍ୟାଳୟ ପକ୍ଷରୁ ନିଜ ସ୍ତରରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏନଜିଟି ଙ୍କ ରାୟ ତହସିଲ କାର୍ଯ୍ୟାଳୟରେ ଅବଗତ ନଥିବା ନେଇ ପରଜଙ୍ଗ ତହସିଲ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୪୧୦/ ତା ୧୬/୦୯/୨୦୨୫ ଦିଗରେ ଜିଲା ଅଭିଯୋଗ ଶୁଣାଣି ଅଧିକାରୀଙ୍କ ଜରିଆରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ସେହିପରି ଭାବରେ ଏନଜିଟିଙ୍କ ରାୟକୁ ଏଆଇସି ଡାକ ଯୋଗେ ୨୨ ସେପ୍ଟେମ୍ବର ୨୦୨୫ ରିଖ ୩.୧୭ ଘଟିକା ସମୟରେ ତହସିଲଦାର ତଥ୍ୟ ପାଇଥିବା ନେଇ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୫୩୮ ତା ୧୭/୧୨/୨୦୨୫ ରିଖରେ ଜନ ଅଭିଯୋଗ ଶୁଣାଣି ପୋର୍ଟାଲରେ ତଥ୍ୟ ପ୍ରଦାନ କରିଛନ୍ତି। ଏଠି ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ଏବଂ ପରଜଙ୍ଗ ତହସିଲ କାର୍ଯ୍ୟାଳୟ ପତ୍ରରେ ତାଳମେଳ ନଥିବା ଜଣାପଡ଼ିଛି। ଜବରଦଖଲକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରାଜ୍ୟ ସରକାରଙ୍କ ନିଜସ୍ୱ ବିଭାଗ ଦୃଢୋକ୍ତି ବାଢୁଥିବାବେଳେ ପରଜଙ୍ଗ ତହସିଲ କୁଆଲୋ ମୌଜାରେ ଜବରଦଖଲ ଉଚ୍ଛେଦ ନିମନ୍ତେ ଯେପରିକି ସୁରକ୍ଷା ଯୋଗାଡ଼ ପ୍ରଶାସନ ପକ୍ଷରୁ କରୁଥିବା ନେଇ ଟ୍ରଷ୍ଟ ପକ୍ଷରୁ ଅଭିଯୋଗ ହୋଇଛି। ଏଥିପ୍ରତି ରାଜ୍ୟ ସରକାରଙ୍କ ନିଜସ୍ୱ ବିଭାଗ ପକ୍ଷରୁ ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ଶିଶୁ ଅଧିକାର ସଚେତନତା କାର୍ଯ୍ୟକ୍ରମ




ଢେଙ୍କାନାଳ,୨୩।୧୨(ସମିସ): ଢେଙ୍କାନାଳ ଜିଲ୍ଲାରେ ବାଲ୍ୟ ବିବାହ ନିରାକରଣ ଓ ଶିଶୁ ଅଧିକାର ଉଲ୍ଲଂଘନ ଉପରେ ସଚେତନତା କାର୍ଯ୍ୟକ୍ରମ ଓଡ଼ାପଡ଼ା ବ୍ଲକ୍‌ର ଧଳପୁରଠାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ପରିଚାଳିତ ପ୍ରକଳ୍ପ ଆକସେସ ଟୁ ଜଷ୍ଟିସ ଫର ଚିଲଡ୍ରେନ୍ସ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ ବାଲ୍ୟବିବାହ ନିଷେଧ ଆଇନ ୨୦୦୬ ବିଷୟରେ ସଚେତନତା, ବାଲ୍ୟବିବାହ ଯୋଗୁଁ ଝିଅ ଉପରେ ପଡୁଥିବା ଶାରୀରିକ, ପାରିବାରିକ, ମାନସିକ ତଥା ଆର୍ଥିକ ଚାପ, ଶିକ୍ଷା ତଥା ଆତ୍ମନିର୍ଭରଶୀଳତା ଅଭାବ, ସାମାଜିକ କୁପରିଣାମ, ବାଲ୍ୟବିବାହ କ୍ଷେତ୍ରରେ ଆୟୋଜନକାରୀ, ଯୋଗଦେଇଥିବା ଅତିଥି, ତଥା ବିଭିନ୍ନ ସହଯୋଗୀଙ୍କୁ ଦଣ୍ଡବିଧାନ ତଥା ନିରାକରଣ ଉପରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ ବୈଠକରେ ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ କୌଣସି ଶିଶୁ ଅଧିକର ଉଲ୍ଲଘନ ଦେଖିଲେ ଚାଇଲ୍ଡ ହେଲ୍ପ ଲାଇନର ଦେୟମୁକ୍ତ ନମ୍ବର ୧୦୯୮କୁ ଫୋନ୍ କରି ଜଣାଇବାକୁ ପରାମର୍ଶ ଦିଆଯାଇଥିଲା। ଏହାବ୍ୟତୀତ ହିନ୍ଦୋଳ ବ୍ଲକ୍‌ର ପ୍ରତ୍ୟେକ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ବିବାହ ରେଜିଷ୍ଟର ଓ ପଳାୟନ ରେଜିଷ୍ଟର ବିଷୟରେ ସୂଚନା ଦେଇ ତାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସହଯୋଗ ପାଇଁ ଆହ୍ୱାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିଚାଳନା ପ୍ରକଳ୍ପ ସହଯୋଗୀ କୁମୁଦିନୀ ସ୍ୱାଇଁ ଯୋଗ ଦେଇଥିଲେ। ସର୍ବ ଶେଷରେ ଅଙ୍ଗନବାଡ଼ି କର୍ମୀ ଜ୍ୟୋର୍ତିମୟୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ



ଗଁଦିଆ,୨୩।୧୨(ସମିସ): ଗଁଦିଆ ପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୨୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଖାଦ୍ୟଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ରତିକାନ୍ତ ସାହୁ, ସରପଞ୍ଚ, ପୋରୁହାଖୋଜ, ପବିତ୍ର କୁମାର ବେହେରା, ଗୋଷ୍ଠୀ ଉନ୍ନୟନଅଧିକାରୀ, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅମ୍ବୁଜ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ସଭା ଆରମ୍ଭରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଛାୟାକାନ୍ତ ସାହୁ ଉପସ୍ଥିତ ଅତିଥି ମାନଙ୍କର ସ୍ୱାଗତ କରିବା ସହିତ ପରିଚୟ ପ୍ରଦାନ କରିଥିଲେ। ଏହାପରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଇନ୍ଦୁମତୀ ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିବା ସହିତ ଦୀର୍ଘ୨୨ବର୍ଷ ଧରି ବହୁ ବାଧା ବିଘ୍ନ ଦେଇ ଆଜି ଏହି ଜାଗାରେ ଏହି ଅନୁଷ୍ଠାନ ପ୍ରତିଷ୍ଠା ହୋଇ ପାରିଛି । ଏଥିପାଇଁ ଯେଉଁ ମାନେ ଅଦ୍ୟମ ପ୍ରଚେଷ୍ଟା କରିଥିଲେ ସେମାନଙ୍କୁ ବିଦ୍ୟାଳୟ ତରଫରୁ ସେ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ବକ୍ତା ହେମନ୍ତ କୁମାର ପାଣିଗ୍ରାହୀ ଯୋଗଦାନ କରି ନିଜର ମତ ବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅମ୍ବୁଜ କୁମାର ସାହୁ ନିଜର ଅଭିଭାଷଣରେ ଉପସ୍ଥିତ ସମସ୍ତ ଅତିଥି ଓ ଅଭିବାବକ ମାନଙ୍କୁ ବିଦ୍ୟାଳୟ ତରଫରୁ ସ୍ୱାଗତ ଜଣାଇଥିଲେ। ଶେଷରେ ଉକ୍ତବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଗୁରୁଜୀ ଶାନ୍ତନୁ କୁମାର ନାୟକ, ଅଭୟ ନାୟକ ଏବଂ ସମସ୍ତ ଗୁରୁଜୀ, ଗୁରୁମା ସାହୁ ସହ ଯୋଗ କରିଥଲେ।

## ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ



ଗଁଦିଆ,୨୩।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ସଭାପତି ବିଜୟ କୁମାର ସାମନ୍ତ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ରାଘବ ଚନ୍ଦ୍ର ମହାରଣା ବରିଷ୍ଠ ନାଗରିକ ମଞ୍ଚର ବାଇ-ଲ ପାଠ କରିଥିଲେ। ପରେ ଏହା ଅନୁମୋଦିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ଗଁଦିଆ ବ୍ଲକ୍ ବରିଷ୍ଠ ନାଗରିକ ମଞ୍ଚର ମୁଖ୍ୟ ଉପଦେଷ୍ଟା ତଥା କବି, ଲେଖକ, ସାହିତ୍ୟିକ , ଭାଷାବିତ୍ ଭିକାରୀ ଚରଣ ରାଉତଙ୍କ ପୁସ୍ତକ ଶାଶ୍ୱତ ବନ୍ଧନର ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଁଦିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା ମଞ୍ଚାସୀନ ହୋଇ ଉଦ୍‌ବୋଧନ ଦେଇଥିଲେ। ଲେଖକ ଶ୍ରୀ ରାଉତ ତାଙ୍କ ଲେଖାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମୀକ୍ଷକ ପ୍ରାକ୍ତନ ଇଂରାଜୀ ଅଧ୍ୟାପକ କ୍ଷୀରୋଦ ଚନ୍ଦ୍ର ନାୟକ ପୁସ୍ତକ ଶାଶ୍ୱତ ବନ୍ଧନର ସମୀକ୍ଷା କରି ଲେଖକଙ୍କ ଲେଖା ଉଚ୍ଚକୋଟୀର ବୋଲି ମତବ୍ୟକ୍ତ କରିଥିଲେ। ଏହାକୁ ଯଦି ମହାବିଦ୍ୟାଳୟରେ ଅଧ୍ୟୟନ କରାଯାଏ ତାହେଲେ ଛାତ୍ର ଛାତ୍ରୀମାନେ ମୂଲ୍ୟବୋଧ ଶିକ୍ଷା ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ପୁସ୍ତକ ରଘୁ ଅରକ୍ଷିତକୁ ସମୀକ୍ଷା କରି ସମୀକ୍ଷକ ଆଇନଜୀବୀ ତଥା କବୟିତ୍ରୀ ନିବେଦିତା ରଥ ଜୀବନ ରୂପକ ନାଟକରେ ରଘୁ ଅରକ୍ଷିତ ଏକ ମୂଲ୍ୟବୋଧ ଶିକ୍ଷା ଦେଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଗଁଦିଆ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ବିଶିଷ୍ଟ ସମାଜସେବୀ ପ୍ରେମାନନ୍ଦ ସାମଲଙ୍କ କରକମଳରେ ବିଶିଷ୍ଟ ଶିକ୍ଷାବିତ୍ତ ଓ ପରିବେଶବିତ୍ତ ଦଣ୍ଡଧର ସାହୁ ଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ ସଭାପତି ପ୍ରକୃତି ବନ୍ଧୁ ହରିହର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ରାଘବ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାରେ ବଢୁଛି ଶିଶୁ ଶ୍ରମିକ ଓ ବାଲ୍ୟବିବାହ ମାମଲା

ଢେଙ୍କାନାଳ,୨୩।୧୨(ସମିସ):

ଢେଙ୍କାନାଳ ଜିଲ୍ଲାରେ କ୍ରମାଗତ ଭାବରେ ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଠାରେ ପ୍ରଶାସନ ଓ ଶିଶୁ ସୁରକ୍ଷା ବିଭାଗ ସବୁ ଜାଣିଶୁଣି ଚୁପଚାପ ବସଥିବା ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

୨୦୧୧ ଜନ ଗଣନା ଅନୁସାରେ ୧୧ଲକ୍ଷ ୯୨ହଜାର ୯୪୮ ଲୋକ ବସବାସ କରୁଥିବା ବେଳେ ସେମାନଙ୍କ ମଧ୍ୟରେ ପୁରୁଷଙ୍କ ସଂଖ୍ୟା

**୨୦୨୪-୨୫ରେ ହୋଇଛି ୧ ହଜାର ୩୫୬ ବାଲ୍ୟ ବିବାହ, ୫୨ ଶିଶୁ ନିର୍ଯାତନା ମାମଲା**



୬ଲକ୍ଷ ୧୨ହଜାର ୫୯୭। ମହିଳା ମାନଙ୍କ ସଂଖ୍ୟା ୫ଲକ୍ଷ ୮୦ ହଜାର ୩୫୧ ବୋଲି ପରିସଂଖ୍ୟାନରୁ ଜଣାପଡ଼ିଛି। ଜିଲ୍ଲାରେ ପ୍ରତି ବର୍ଗକିମିରେ ୨୬୮ ଜଣ ବସବାସ କରୁଥିବା ବେଳେ ପୁରୁଷ ସାକ୍ଷରତା ହାର ୮୭ ପ୍ରତିଶତ। ସେହିପରି ମହିଳା ସାକ୍ଷରତା ହାର ୭୧ ପ୍ରତିଶତ ରହିଛି। ପରିସଂଖ୍ୟାନ ଦୃଷ୍ଟିରୁ ଜିଲ୍ଲା ବିକାଶ କରିଥିବାବେଳେ ନାରୀ ଶିକ୍ଷା କ୍ଷେତ୍ରରେ ସେଭଳି ବିକାଶ ହୋଇପାରିନାହିଁ। ଜିଲ୍ଲାରେ କନ୍ୟା ସନ୍ତାନ କ୍ରମାଗତ ଭାବରେ ହ୍ରାସ ପାଉଥିବା ବେଳେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ୧୯୦୧ ମସିହାରେ ଜିଲ୍ଲାରେ ପ୍ରତି ୧ହଜାର ପୁରୁଷରେ ୧ହଜାର୨୦ମହିଳା ରହିଥିଲେ।୧୯୭୧ରେ ୯୮୦ଥିବାବେଳେ୨୦୧୧ ଜନଗଣନା ବେଳକୁ ୯୪୭କୁ ହ୍ରାସ ପାଇଥିବାର ଜଣାପଡ଼ିଥିଲା। ମୁଖ୍ୟତଃ ଦାରିଦ୍ରତା, ନିରକ୍ଷରତା, ଅନ୍ଧ ବିଶ୍ୱାସ ଯୋଗୁଁ ବାଲ୍ୟ ବିବାହ ବୃଦ୍ଧି ପାଇଛି। ପ୍ରତି ୧ହଜାର ପୁରୁଷରେ ସହରାଞ୍ଚଳରେ ମହିଳାଙ୍କ ସଂଖ୍ୟା ୯୧୮ ରହିଥିବାବେଳେ ଗ୍ରାମାଞ୍ଚଳରେ ୯୫୦ ରହିଛି। ସେହିପରି ଏସ୍‌ସିମାନଙ୍କ କ୍ଷେତ୍ରରେ ପ୍ରତି ୧ହଜାର ପୁରୁଷରେ ମହିଳାଙ୍କ ସଂଖ୍ୟା ୯୭୧। ଗ୍ରାମାଞ୍ଚଳରେ ୯୭୨ ଏବଂ ସହରାଞ୍ଚଳରେ ୯୫୮ ରହିଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ୫ ଅନୁଯାୟୀ ଢେଙ୍କାନାଳ ଜିଲ୍ଲା ୧୨ ନମ୍ବରରେ ରହିଥିବା ଜଣାପଡ଼ିଛି। ଢେଙ୍କାନାଳ ଜିଲ୍ଲାରେ ୨୦୨୩-୨୪ରେ ୧୫୩ଟି ବାଲ୍ୟ ବିବାହ ମାମଲା ରୁଜୁ କରାଯାଇଥିବାର ରେକର୍ଡ ରହିଥିବା ବେଳେ ୨୦୨୪-୨୫ ରେ ୧ ହଜାର ୩୫୬ଟି ଟି ବାଲ୍ୟ ବିବାହ ଉଦ୍ୟମକୁ ପଣ୍ଡ କରାଯାଇଥିବାର ଜଣାପଡିଛି। ସେହିପରି ଚଳିତ ବର୍ଷ ୫୨ଟି ଶିଶୁ ଯୌନ ନିର୍ଯ୍ୟାତନା ମକଦ୍ଦମା ରୁଜୁ କରାଯାଇଛି। ୨୦୨୩-୨୪ ରେ ୯୭ଟି ମାମଲା ରୁଜୁ କରାଯାଇଥିବାର ଜଣାପଡିଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁସାରେ ଏହି ତଥ୍ୟ ଅତ୍ୟନ୍ତ ଉଦବେଗ ଜନକ ବୋଲି ଜଣାପଡିଛି। ବାଲ୍ୟବିବାହ କ୍ଷେତ୍ରରେ କାର୍ଯ୍ୟକରୁଥିବା ଜିଲ୍ଲା ବିଶ୍ୱ ଯୁବ କେନ୍ଦ୍ର ଏକ ସ୍ୱେଚ୍ଛାସ୍ୱେବୀ ଅନୁଷ୍ଠାନ, ଯାହା ମଇ ୨୦୨୩ ମସିହା ଠାରୁ ଶିଶୁ ସୁରକ୍ଷା ଉପରେ କାର୍ଯ୍ୟରତ ଅଛି। କୈଳାସ ସତ୍ୟାର୍ଥୀ ଚିଲଡ୍ରେନ ଫାଉଣ୍ଡେସନଙ୍କ ସହଯୋଗରେ ବାଲ୍ୟ ବିବାହ, ଶିଶୁ ଯୌନ ନିର୍ଯ୍ୟାତନା, ଶିଶୁ ଚାଲାଣ ପ୍ରତିରୋଧ କରିବା ପାଇଁ ଗୋଷ୍ଠୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ସଚେତନତା ସୃଷ୍ଟି କରିବା ସହିତ ସ୍ଥାନୀୟ ପ୍ରଶାସନଙ୍କ ସହଯୋଗରେ ଶିଶୁ ସୁରକ୍ଷା ଉପରେ ସିଧା ସଳଖ ଭାବେ କାର୍ଯ୍ୟ କରୁଅଛି । ଜଣାପଡ଼ୁଛି ଯେ,୨୦୨୪-୨୫ ବର୍ଷରେ ୧୯୨ ଶିଶୁ ଚାଲାଣ କରାଯାଇଥିବାବେଳେ ସମସ୍ତଙ୍କୁ ଉଦ୍ଧାର କରାଯାଇଛି। ୨୦୨୦-୨୧ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଅନୁଯାୟୀ ଜାତୀୟ ସ୍ତରରେ ଶତକଡା ୨୩ ଭାଗ ବାଲ୍ୟବିବାହ ହୋଇଥିବା ସ୍ଥଳେ ଢେଙ୍କାନାଳ ଜିଲ୍ଲାରେ ପ୍ରାୟ ସମାନ ସ୍ଥିତି ଥିବାର ସୂଚନା ଅଛି । ସେଥିପାଇଁ ରାଜ୍ୟ ଓ ଭାରତ ସରକାରଙ୍କ ତରଫରୁ ବାଲ୍ୟ ବିବାହ ରୋକିବା, ଶିକ୍ଷାର ବିକାଶ ଓ ଥଇଥାନ ପାଇଁ ଯଥେଷ୍ଟ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଏହାର ସୁଫଳ ମିଳିବା କଷ୍ଟକର ହୋଇପଡୁଛି। ଗତ ସେପ୍ଟେମ୍ବର ୨୦୨୪ ତାରିଖରେ ଉଚ୍ଚତମ ନ୍ୟାୟଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍ଥାନୀୟ ପ୍ରଶାସନ, ସରକାର, ପଞ୍ଚାୟତ, ନିର୍ବାଚିତ ପ୍ରତିନିଧିମାନଙ୍କୁ ବାଲ୍ୟବିବାହ ରୋକିବାକୁ କ୍ଷମତା ପ୍ରଦାନ କରାଯିବ ସହିତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଅଛି। ଭାରତ ସରକାରଙ୍କ ତରଫରୁ ଗତ ୨୭ ନଭେମ୍ବର ୨୦୨୪ ରିଖରେ ବାଲ୍ୟ ବିବାହ ନିରୋଧ ନିମନ୍ତେ ଏକ ଅଭିଯାନ ଆରମ୍ଭ କରାଯାଇଅଛି। ସେଥିପାଇଁ ରାଜ୍ୟ ସରକାରଙ୍କୁ ୨୦୩୦ ମସିହା ସୁଦ୍ଧା ସମ୍ପୂର୍ଣ୍ଣ ବାଲ୍ୟ ବିବାହ ରୋକିବାକୁ ଦାୟିତ୍ୱ ଦିଆଯାଇଛି। ଢେଙ୍କାନାଳ ଜିଲ୍ଲା ବାଲ୍ୟବିବାହ ହାର ୨୩ ପ୍ରତିଶତ ରହିଥିବା ବେଳେ ଅନୁଗୋଳ ଜିଲ୍ଲା ୨୫ ପ୍ରତିଶତ ରହିଛି।

## ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର



ଖଜୁରିଆକଟା,୨୩।୧୨(ସମିସ): ହିନ୍ଦୋଳ ମହାବିଦ୍ୟାଳୟ ଖଜୁରିଆକଟା ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳଙ୍କ ପୌରୋହିତ୍ୟରେ ଉଦ୍‌ଘାଟିତ ହୋଇଛି। ସେବା ଯୋଜନାର ପତାକାକୁ ଉତ୍ତୋଳନ କରି ସେବା ମନୋଭାବ ନେଇ ଦେଶ ଗଠନର ବ୍ରତୀ ହେବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର, ମୁଖ୍ୟ ବକ୍ତା ଭାବେ ରାଜନୀତି ବିଭାଗର ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଛାତ୍ରଛାତ୍ରୀ ଏହି ଶିବିର ମାଧ୍ୟମରେ ସମାଜ ସେବା ଓ ସାମାଜିକ ସଚେତନ ସୃଷ୍ଟି କରିବାର ଅଭିଜ୍ଞତା ସୃଷ୍ଟି କରି ପାରିବେ ବୋଲି ଆଶା ବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଧ୍ୟାପକ ବ୍ରଜକିଶୋର ବେହେରା ଅତିଥି ପରିଚୟ ସହ ଶିବିରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନ ୨ଟା ବେଳେ ମହାବିଦ୍ୟାଳୟ ପୋଷ୍ୟ ଗ୍ରାମ ସାନହିନ୍ଦୋଳଠାରେ ଜଙ୍ଗଲ ଆମର ଜୀବନ ଶୀର୍ଷକ ସଚେତନ ମୂଳକ ଏକାଙ୍କିକା ଶିବିରାର୍ଥି ମାନଙ୍କ ଦ୍ୱାରା ଅଭିନୀତ ହୋଇଥିଲା। ଏହି ଅବସରରେ ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ଜୟନ୍ତ ନାରାୟଣ ପତି, ବାଣିଜ୍ୟ ବିଭାଗର ମୁଖ୍ୟ ସୁଶାନ୍ତ କୁମାର ଆଚାର୍ଯ୍ୟ, ଅଧ୍ୟାପକ ସୁକ୍ତପ୍ରୀୟ ମିଶ୍ର, ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି, ମାନସ ମାଝୀ, ବିଙ୍କୁ ବିଶ୍ୱାଳ, ବିରେନ୍ଦ୍ର ବିଶ୍ୱାଳ (ୱାର୍ଡ ମେମ୍ବର) ପ୍ରମୁଖ ଯୋଗଦେଇ ପରିବେଶକୁ ସରସ ସୁନ୍ଦର କରିବା ପାଇଁ ପ୍ରତ୍ୟେକ ବୃକ୍ଷ ରୋପଣ କରି ତାର ଯତ୍ନ ନେବାକୁ ଗ୍ରାମବାସୀ ମାନଙ୍କୁ ଅନୁରୋଧ କରିଥିଲେ। ପରିଶେଷରେ ଯୋଗ ଦେଇଥିବା ୫୦ ଜଣ ସ୍ୱେଚ୍ଛାସେବୀ ବୃକ୍ଷ ରୋପଣ ପାଇଁ ହାତରେ ପ୍ରାଚୀର ପତ୍ର ଧରି ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୫୦ • ପାଉଣ୍ଡ ୧୨୧.୧୩
- ୟୁରୋ ୧୦୫.୪୭ • ୟେନ୍ ୦.୫୭

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୭,୦୦୦ (ନୂଆଦିଲ୍ଲୀ)
- ରୁପା : ୨,୩୨,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୫୨୪.୦୦
- ନିଫ୍ଟି ୨୬,୧୭୭.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ନିଶ୍ୱାସରେ ଇନ୍‌ସୁଲିନ୍ ନେବେ ମଧୁମେହ ରୋଗୀ

## ସିପ୍‌ଲା ଆଣିଲା ଇନ୍‌ହେଲ୍ ଇନ୍‌ସୁଲିନ୍ 'ଆଫ୍ରେଜା'

**ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି):** ଭାରତରେ ୧୦ କୋଟିରୁ ଅଧିକ ଲୋକ ମଧୁମେହରେ ପୀଡିତ। ଟାଇପ୍-୧ ଏବଂ ଟାଇପ୍-୨ ମଧୁମେହ ରୋଗୀଙ୍କ ଚିକିତ୍ସା ପାଇଁ ଇନସୁଲିନ୍ ଆବଶ୍ୟକ। ମଧୁମେହ ଭାରତରେ ସବୁଠାରୁ ଦ୍ରୁତ ଗତିରେ ବଢୁଥିବା ରୋଗ, ଯାହା ଦେଶ ପାଇଁ ଏକ ପ୍ରମୁଖ ଚିନ୍ତାର କାରଣ। ମଧୁମେହ ରୋଗୀଙ୍କ ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣ କରିବା ପାଇଁ ଇନସୁଲିନ୍ ବ୍ୟବହାର କରାଯାଏ। ହେଲେ ମଧୁମେହ ରୋଗୀଙ୍କୁ ଏହି ଛୁଞ୍ଚି ଫୋଡା କଷ୍ଟରୁ ମୁକ୍ତି ଦେବା ଲାଗି ଔଷଧ କମ୍ପାନୀ ସିପ୍‌ଲା ନିଶ୍ୱାସରେ ନିଆଯାଇପାରିବା ଭଳି ଇନସୁଲିନ୍ 'ଆଫ୍ରେଜା' ଆଣିଛି। ଅର୍ଥାତ୍ ଏହି ଇନ୍‌ସୁଲିନ୍‌କୁ ରୋଗୀ ଇନ୍‌ହେଲ୍ କରି ନିଜ ଶରୀରରେ ପହଞ୍ଚାଇପାରିବେ।

ସିପ୍‌ଲା ତା'ର ଇନ୍‌ହେଲ୍ ଇନ୍‌ସୁଲିନ୍ 'ଆଫ୍ରେଜା'କୁ ଭାରତରେ ବାଣିଜ୍ୟିକ ଭାବେ ବଜାରକୁ ଛାଡିଛି। ଆଫ୍ରେଜା ହେଉଛି, ଏକ ଦ୍ରୁତ-କାର୍ଯ୍ୟାରମ୍ଭ କରୁଥିବା ଇନସୁଲିନ୍ ପାଉଡର। ଏକ ଛୋଟ ଇନହେଲର ମାଧ୍ୟମରେ ସ୍ୱତନ୍ତ୍ର ସିଙ୍ଗଲ୍-ୟୁଜ୍ କାର୍ଟ୍ରିଜ୍‌ରୁ ଏହାକୁ ବ୍ୟବହାର କରାଯାଇପାରିବ। କମ୍ପାନୀର କହିବାନୁଯାୟୀ, ଏହି ଇନସୁଲିନ୍ ନିଶ୍ୱାସ ନେବା



ପରେ ଶୀଘ୍ର ଶରୀରରେ ଦ୍ରବୀଭୂତ ହୁଏ । ପ୍ରାୟ ୧୨ ମିନିଟ୍ ମଧ୍ୟରେ ଏହା ରକ୍ତ ଶର୍କରା ହ୍ରାସ କରିବା ଆରମ୍ଭ କରିବ। ଆଫ୍ରେଜା ଯୁକ୍ତରାଷ୍ଟ୍ରର ମାନକାଇଣ୍ଡ କର୍ପୋରେସନ ଦ୍ୱାରା ନିର୍ମିତ। ଗତ ବର୍ଷ ସେଣ୍ଟ୍ରାଲ୍ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ (ସିଡିଏସ୍‌ସିଓ) ଏହି ଦ୍ରୁତ-କାର୍ଯ୍ୟକାରୀ ଇନସୁଲିନ୍ ପାଉଡରକୁ ମଞ୍ଜୁରି ଦେଇଥିଲା।

## ରିଜର୍ଭ ବ୍ୟାଙ୍କ ରିପୋର୍ଟ

# ବିଦେଶ ଯାତ୍ରା, ଶିକ୍ଷା ଉପରେ ଭାରତୀୟଙ୍କ ଖର୍ଚ୍ଚ କମୁଛି

**ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ର ଉଦାରୀକରଣ ରେମିଟାନ୍ସ ଯୋଜନା(ଏଲ୍ଆର୍‌ଏସ୍) ଅଧୀନରେ ବିଦେଶକୁ ପଠାଯାଇଥିବା ଟଙ୍କା ୨୦୨୫ ଅକ୍ଟୋବରରେ ବାର୍ଷିକ ଭିତ୍ତିରେ ୧.୮୧ ପ୍ରତିଶତ ହ୍ରାସ ପାଇଛି। ବର୍ତ୍ତମାନ ଭାରତୀୟମାନେ ବିଶେଷକରି ବିଦେଶ ଯାତ୍ରା ଏବଂ ଶିକ୍ଷା କ୍ଷେତ୍ର ଖର୍ଚ୍ଚରେ ହ୍ରାସ ଘଟାଇଛନ୍ତି। ଏହି ପରିମାଣ ଗତ ବର୍ଷର ୨.୪୦ ବିଲିୟନ ଡଲାରରୁ ୨.୩୫ ବିଲିୟନ ଡଲାରକୁ ହ୍ରାସ ପାଇଛି। ତଥାପି, ବିଦେଶରେ ବର୍ଦ୍ଧିତ ନିବେଶ ଦ୍ୱାରା ଏହି ହ୍ରାସ କିଛିଟା ପୂରଣ ହୋଇଛି।



ସଦ୍ୟତମ ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁଯାୟୀ, ୨୦୨୬ ଆର୍ଥିକବର୍ଷ ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ବିଦେଶକୁ ୧୭.୨ ବିଲିୟନ ଡଲାର ପଠାଯାଇଛି, ଯାହା ଗତ ବର୍ଷ ସମାନ ସମୟରେ ୧୮ ବିଲିୟନ ଡଲାର ରହିଥିଲା। ୨୦୦୪ରେ ପ୍ରଚଳିତ ଏଲ୍ଆର୍‌ଏସ୍ ଯୋଜନା ଅଧୀନରେ, ନାବାଳକ ସମେତ ଯେ କୌଣସି ଭାରତୀୟ , ଯେକୌଣସି ଅନୁମୋଦିତ ଚଳନ୍ତି କିମ୍ବା ପୁଞ୍ଜି ଆକାଉଣ୍ଟ ମାଧ୍ୟମରେ କିମ୍ବା ଦୁଇଟି ଆକାଉଣ୍ଟ ମଧ୍ୟରେ ମିଳିତ କାରବାର ମାଧ୍ୟମରେ ଏକ ଆର୍ଥିକବର୍ଷରେ ବିଦେଶକୁ ୨,୫୦,୦୦୦ ଡଲାର ପର୍ଯ୍ୟନ୍ତ ପଠାଇପାରିବେ। ପ୍ରାରମ୍ଭରେ, ଏହି ଯୋଜନା ଅଧୀନରେ ସୀମା ୨୫,୦୦୦ ଡଲାର ଥିଲା। ମାକ୍ରୋ ଏବଂ ମାଇକ୍ରୋ ଇକୋନୋମିକ୍ ପରିସ୍ଥିତିକୁ ବିଚାରକୁ ନେଇ ଏଲ୍ଆର୍‌ଏସ୍ ସୀମାକୁ ଅନେକ ପର୍ଯ୍ୟାୟରେ ବୃଦ୍ଧି କରାଯାଇଥିଲା। ମୋଟ ରେମିଟାନ୍ସର ପ୍ରାୟ ୬୦% ଅନ୍ତର୍ଜାତୀୟ ଯାତ୍ରା ପାଇଁ ଦାୟୀ। କେନ୍ଦ୍ରୀୟ ବ୍ୟାଙ୍କ ମାସିକ ତଥ୍ୟ ଅନୁଯାୟୀ, ଅନ୍ତର୍ଜାତୀୟ ଯାତ୍ରା ପାଇଁ ଖର୍ଚ୍ଚ ବର୍ଷ ପରେ ବର୍ଷ ୭.୦୨% ହ୍ରାସ ପାଇ ୧.୩୫ ବିଲିୟନ ଡଲାର ରହିଛି, ଯାହା ଆର୍ଥିକ ବର୍ଷ ୨୦୨୫ ର ସମାନ ଅବଧିରେ ୧.୪୫ ବିଲିୟନ ଡଲାର ଥିଲା। ବିଦେଶରେ ଶିକ୍ଷା ପାଇଁ ଖର୍ଚ୍ଚ ବର୍ଷ ପରେ ବର୍ଷ ୨୬.୧୯% ହ୍ରାସ ପାଇ ୧୬୩.୩ ନିୟୁତ ଡଲାର ହୋଇଛି, ଯାହା ଗତ ବର୍ଷର ସମାନ ଅବଧିରେ ୨୨୧.୧୮ ନିୟୁତ ଡଲାର ଥିଲା। ଇକ୍ୱିଟି/ରଣରେ ନିବେଶ ବର୍ଷ ପରେ ବର୍ଷ ୮୩% ବୃଦ୍ଧି ପାଇ ୨୭୩.୦୯ ନିୟୁତ ଡଲାର ହୋଇଛି, ଯାହା ଗତ ବର୍ଷର ସମାନ ଅବଧିରେ ୧୪୯.୩୪ ନିୟୁତ ଡଲାର ଥିଲା। ଅପରପକ୍ଷେ ଖର୍ଚ୍ଚ ପାଇଁ ନିକଟ ସମ୍ପର୍କୀୟମାନଙ୍କୁ ପଠାଯାଇଥିବା ଟଙ୍କା ବାର୍ଷିକ ଆଧାରରେ ୩.୫ ପ୍ରତିଶତ ହ୍ରାସ ପାଇ ୨୭୩.୮୬ ନିୟୁତ ଡଲାର ହୋଇଛି। ଉପହାର ବାବଦରେ ଅର୍ଥ ପ୍ରେରଣ ଗତ ବର୍ଷ ୨୧୬.୩ ନିୟୁତ ଡଲାରରୁ ହ୍ରାସ ପାଇ ୧୯୭.୫୩ ନିୟୁତ ଡଲାର ହୋଇଛି। ସେହିପରି ଚିକିତ୍ସା ଖର୍ଚ୍ଚ ପାଇଁ ଅର୍ଥ ପ୍ରେରଣ ୫.୦୪ ନିୟୁତ ଡଲାରକୁ ହ୍ରାସ ପାଇଛି।

ବିଦେଶରେ ରହୁଥିବା ଭାରତୀୟ (ଏନ୍ଆର୍‌ଆଇ)ଙ୍କ ଦ୍ୱାରା ଭାରତରେ ଜମା ହୋଇଥିବା ଟଙ୍କାରେ ମଧ୍ୟ ହ୍ରାସ ଦେଖିବାକୁ ମିଳିଛି। ୨୦୨୫-୨୬ ଏପ୍ରିଲ-ଅକ୍ଟୋବର ମଧ୍ୟରେ ଏହି ପରିମାଣ ଗତ ବର୍ଷର ସମାନ ସମୟର ୧୧.୮ ବିଲିୟନ ଡଲାରରୁ ହ୍ରାସ ପାଇ ୮.୩ ବିଲିୟନ ଡଲାର ହୋଇଛି। ଏହା ମୁଖ୍ୟତଃ ବିଦେଶୀ ମୁଦ୍ରା ଅଣ-ଆବାସିକ ବ୍ୟାଙ୍କ ଜମାରେ ହ୍ରାସ ଯୋଗୁଁ ହୋଇଥିଲା। ତଥ୍ୟ ଅନୁଯାୟୀ, ୨୦୨୫ ଅକ୍ଟୋବର ଶେଷରେ ଏନ୍ଆର୍‌ଆଇ ଜମା ୧୬୮.୭୮ ବିଲିୟନ ଡଲାର ଥିଲା, ଯାହା ଏକ ବର୍ଷ ପୂର୍ବର ୧୬୨.୬୯ ବିଲିୟନ ଡଲାର ଥିଲା।

# ଚାନ୍ଦି ଭଣ୍ଡାରର 'ପାର୍ଟି ଏଡିଟ୍' ସମ୍ଭାର

## ଜାନୁଆରୀ ୩ ପର୍ଯ୍ୟନ୍ତ ଫ୍ଲାଟ୍ ୧୦% ରିଆତି

**ଭୁବନେଶ୍ୱର,୨୩।୧୨(ସମିସ):** ନବ ବର୍ଷ ଉପଲକ୍ଷେ ରୁପା ଗହଣାର ଏକ୍ସକ୍ଲୁସିଭ୍ ସୋ'ରୁମ୍ ଚାନ୍ଦି ଭଣ୍ଡାର ଆଣିଛି ଏହାର ଅତ୍ୟାଧୁନିକ କଲେକ୍ସନ 'ପାର୍ଟି ଏଡିଟ୍'। ନୂଆବର୍ଷର ଉତ୍ସବ ଭାବକୁ ବୃଦ୍ଧି କରିବା ଲାଗି ଏହାକୁ ପ୍ରସ୍ତୁତ କରାଯାଇଛି। ୯୨.୫% ଶୁଦ୍ଧ ଷ୍ଟର୍ଲିଂ ସିଲଭରରେ ଜିରକନ ଖଚିତ ଏହି ଗହଣାଗୁଡ଼ିକ ଅତ୍ୟନ୍ତ ଷ୍ଟାଇଲିସ୍। ନୀଳ, ସବୁଜ, ଲାଲ ଏବଂ ହଳଦିଆ ଆଦି ଅତ୍ୟନ୍ତ ଉଜ୍ଜ୍ୱଳ ରଙ୍ଗରେ ସଜ୍ଜିତ ପ୍ରତ୍ୟେକ ଗହଣା ଅନ୍ଧାର ପରେ ସେଲିବ୍ରେଶନ୍‌ରେ ରଙ୍ଗ ଏବଂ ଚମକ ଭରିଦିଏ । ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ଏହି ଗହଣା ସମ୍ଭାର ଉପଲବ୍ଧ। ଏହି ସମ୍ଭାରରେ ଚିକ୍କଣ, ଷ୍ଟେଟ୍‌ମେଣ୍ଟ-ମେକିଂ ରାଜକୁମାରୀ ଶୈଳୀର ହାରଠାରୁ ଆରମ୍ଭ କରି ସୂକ୍ଷ୍ମ ଆସେସରିଜ୍‌ମାନ ରହିଛି। ନାଇଟ୍ ପାର୍ଟି କିମ୍ବା ସ୍ୱତନ୍ତ୍ର ତଥା ଫେଷ୍ଟିଭ୍ ଅବସରରେ ଫ୍ୟାଶନେବଲ୍ ଦେଖାଯିବାକୁ ଚାହୁଁଥିବା ଗ୍ରାହକଙ୍କ ପାଇଁ ଏହି ଷ୍ଟାଇଲିସ୍ ଗହଣାଗୁଡ଼ିକ ସର୍ବୋତ୍ତମ । ଏହି ଅବସରରେ ଚାନ୍ଦି ଭଣ୍ଡାର ଓଡ଼ିଶାର ଲୋକପ୍ରିୟ ୬ ଜଣ ଯୁବ କଳାକାରଙ୍କୁ ନେଇ ଏକ ବିଜ୍ଞାପନ କ୍ୟାମ୍ପେନ ପ୍ରସ୍ତୁତ କରିଛି । କ୍ୟାମ୍ପେନ୍‌ରେ 'ପାର୍ଟି ଏଡିଟ୍' ଏବଂ 'ଆମୋଘ' ଗହଣା କଲେକ୍ସନ ପିନ୍ଧି ଏହି କଳାକାରମାନେ ନିଜର ସ୍ୱତନ୍ତ୍ର ଷ୍ଟାଇଲ୍ ସହିତ ନୂଆ ଆରମ୍ଭକୁ ଉପସ୍ଥାପନ କରୁଛନ୍ତି। ନୂଆବର୍ଷ ସେଲିବ୍ରେଶନ୍ ଉତ୍ସାହକୁ ବଢ଼ାଇବା ପାଇଁ ଚାନ୍ଦି ଭଣ୍ଡାର ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅଫର ଆଣିଛି। ଗ୍ରାହକ ଡିସେମ୍ବର ୨୦ରୁ ୨୦୨୬ ଜାନୁଆରୀ ୩ ପର୍ଯ୍ୟନ୍ତ ଫ୍ଲାଟ୍ ୧୦% ରିଆତି ପାଇବେ ବୋଲି ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଛନ୍ତି।

# ଓଡିଶା- ଭିତ୍ତିକ ଷ୍ଟାର୍ଟଅପ ଆଇଜି ଡ୍ରୋନ୍‌ସ ଆଇଜି ଡ଼ିଫେନ୍ସରେ ପରିଣତ

**ଭୁବନେଶ୍ୱର,୨୩।୧୨(ଏଜେନ୍ସି):** ଅନ୍‌ମ୍ୟାନ୍ଡ ସିଷ୍ଟମ୍‌ସ କମ୍ପାନୀ ଆଇଜି ଡ୍ରୋନ୍‌ସ , ଆଇଜି ଡିଫେନ୍ସରେ ପରିଣତ ହୋଇଛି। ଏହି ରୂପାନ୍ତରଣ ଭାରତର ଭବିଷ୍ୟତ ପାଇଁ ଏକ ସାର୍ବଭୌମ, ନିର୍ଭରଯୋଗ୍ୟ ଓ ଯୁଦ୍ଧ ପ୍ରସ୍ତୁତ ପ୍ରତିରକ୍ଷା ପ୍ରଣାଳୀ ନିର୍ମାଣ କରିବା ପାଇଁ ଏକ ସରଳ କିନ୍ତୁ ଗମ୍ଭୀର ମିଶନକୁ ପ୍ରତିଫଳନ କରୁଛି। ଆଜିର ସଂଘର୍ଷଗୁଡିକ ଅଟୋନୋମି, ଇଂଟେଲିଜେନ୍ସ, ଇଲେକ୍‌ଟ୍ରୋନିକ ପ୍ରାଧାନ୍ୟତା, ସାଇବର ସ୍ଥିରତା ଏବଂ ବାୟୁ ସ୍ଥଳଭାଗ, ସମୁଦ୍ର ପଥ ଓ ମହାକାଶରେ ବାଧାମୁକ୍ତ ସହଯୋଗିତା ଦ୍ୱାରା ରୂପ ନେଉଛି। ଅପରେସନ ସିନ୍ଦୁର ଭଳି ସାମ୍ପ୍ରତିକ ଜଟିଳ ଅଭିଯାନଗୁଡିକ, ଯେଉଁଠାରେ ଆଇଜି ଡ୍ରୋନସ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା, ଏକ ସ୍ପଷ୍ଟ ବାସ୍ତବତା ଉପରେ ମହତ୍ୱ ଦେଉଛି। ଭାରତ ଆମଦାନୀ କରାଯାଉଥିବା ସିଷ୍ଟମଗୁଡିକ ଉପରେ ନିର୍ଭର କରିପାରିବନାହିଁ, ଯାହାକୁ ବିଦେଶୀ ସିଦ୍ଧାନ୍ତ ଓ ବିଦେଶୀ ଯୁଦ୍ଧକ୍ଷେତ୍ର ପାଇଁ ଡିଜାଇନ କରାଯାଇଛି। ଭାରତୀୟ ଭୂଭାଗ, ଭାରତୀୟ ସୈନ୍ୟବଳ ଓ ଭାରତୀୟ ମିଶନଗୁଡିକ ପାଇଁ ନିର୍ମିତ ଟେକ୍ନୋଲୋଜିର ଆବଶ୍ୟକ କରୁଥିବା ଆଇଜି ଡିଫେନ୍ସର ପ୍ରତିଷ୍ଠାତା ଓ ସିଇଓ ବୋଧିସତ୍ୱ ସଂଘପ୍ରିୟ କହିଛନ୍ତି।

# ଲଣ୍ଡନରେ ଧୂମଧାମ୍ ପାର୍ଟି ମନାଉଛନ୍ତି ମାଲ୍ୟା-ମୋଦୀ

## ଦୁଇ ପଳାତକଙ୍କ ଫଟୋ ଭାଇରାଲ୍

**ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି):** ଦେଶର ଦୁଇ ପଳାତକ ବ୍ୟବସାୟୀ ଲଳିତ ମୋଦି ଏବଂ ବିଜୟ ମାଲ୍ୟା ଏବେ ଏକାଠି। ଭାରତରେ ପଳାତକ ଘୋଷିତ ଏହି ଦୁଇ ବଡ଼ ଚେହେରାଙ୍କୁ ଲଣ୍ଡନରେ ଏକାଠି ପାର୍ଟି ମନାଉଥିବାର ଦେଖାଯାଇଛି। ସୋସିଆଲ ମିଡିଆରେ ଏହି ପାର୍ଟିର ଫଟୋ ଏବେ ଭିଡିଓ ଏବେ ଭାଇରାଲ୍। ଅବସର ଥିଲା ବିଜୟ ମାଲ୍ୟାଙ୍କ ଜନ୍ମଦିନ। ଉଭୟଙ୍କ ସେଠାରେ ଧୁମଧାମ୍ ରେ ପାର୍ଟି ମନାଉଛନ୍ତି। ଏଥିରେ ଭିଡିଓରେ ଲଳିତ ମୋଦୀ କହୁଛନ୍ତି ଯେ, 'ହମ୍ ଦୋ ଭଗୋଡେ ହେଁ, ଭାରତ କେ ସବ୍‌ସେ ବଡେ ଭଗୋଡେ'।

ଲଳିତ ମୋଦିଙ୍କ ବେଲଗ୍ରେଭ୍ ସ୍କୋୟାର ବାସଭବନରେ ଆୟୋଜିତ ଏହି ପାର୍ଟିରେ ବାୟୋକନ୍ ପ୍ରତିଷ୍ଠାତା କିରଣ ମଜୁମଦାର-ଶ, ଅଭିନେତା ଇଦ୍ରିସ୍ ଏଲବା ଏବଂ ଫ୍ୟାଶନ୍



ଡିଜାଇନର୍ ମନୋବିରାଜ ଖୋସଲାଙ୍କ ସମେତ ଅନେକ ଜଣାଶୁଣା ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ। ଫଟୋଗ୍ରାଫର ଜିମ୍ ରିଡେଲ୍ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ପାର୍ଟିର ଏକ ଫଟୋ ସେୟାର କରି ବିଜୟ ମାଲ୍ୟାଙ୍କ ସମ୍ମାନରେ ଆୟୋଜିତ 'ପ୍ରି-୭୦' ତମ ଜନ୍ମଦିନ ପାର୍ଟି ପାଇଁ ମୋଦିଙ୍କୁ ଧନ୍ୟବାଦ ଜଣାଇଥିଲେ।

### ହମ୍ ଦୋ ଭଗୋଡ଼େ...

ଏହି ପାର୍ଟିର ଅତିଥି ତାଲିକା ଏବଂ ସାଜସଜ୍ଜା ଅନ୍‌ଲାଇନରେ ଭାଇରାଲ ହୋଇଛି, କିନ୍ତୁ ଟେବୁଲରେ ଥିବା ଏକ ଛୋଟ ଜିନିଷ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଫଟୋରେ ନାଗା ଘୋଷ୍ଟ, ଏଲକେ ଏବଂ ମୋଣ୍ଟେ ଭିବିଆନୋ ଲେଖାଥିବା ଏକ ସ୍ୱଚ୍ଛ ଛୋଟ ବୋତଲ ଦେଖାଯାଇଥିଲା। ପାର୍ଟିର କିଛି ସପ୍ତାହ ପୂର୍ବରୁ, ଲଳିତ ମୋଦି ଇନଷ୍ଟାଗ୍ରାମରେ ତାଙ୍କର ନୂତନ ବ୍ରାଣ୍ଡ, ଏଲକେ ଚିଲିର ଶୁଭାରମ୍ଭ ଘୋଷଣା କରି ଲେଖିଥିଲେ, ଆମେ ଆମର ବ୍ରାଣ୍ଡକୁ ବିଶ୍ୱରେ ପରିଚିତ କରାଇବାକୁ ଅପେକ୍ଷା କରିପାରୁନାହୁଁ। ଖୁବ୍ ଶୀଘ୍ର ଲଞ୍ଚ ହେଉଛି! ବୋତଲଟି ସୋସିଆଲ ମିଡିଆରେ ବହୁତ ଭାଇରାଲ୍ ହୋଇଛି।

# ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ କ୍ରୀଡା ସାମଗ୍ରୀ ବଣ୍ଟନ

**ଭୁବନେଶ୍ୱର, ୨୩।୧୨(ସମିସ):** ବେଦାନ୍ତ ଆଲୁମିନିୟମ୍ ଓଡ଼ିଶାର ଜାମଖାନି, ଘୋଘରପାଲି ଏବଂ କୁରାଲୋଇ ଅଞ୍ଚଳର ୧୦୦୦ ରୁ ଅଧିକ ଯୁବକଙ୍କୁ କ୍ରୀଡା ଉପକରଣ(କିଟ୍) ବଣ୍ଟନ କରିଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ସ୍ଥାନୀୟ ସମୁଦାୟମାନଙ୍କ ମଧ୍ୟରେ କ୍ରୀଡା କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବା ସହ କ୍ରୀଡାମନୋଭାବର ସଂସ୍କୃତିକୁ ପୋଷଣ କରିବା। କାର୍ଯ୍ୟକ୍ରମର ଅଂଶ ଭାବରେ ୨୫ ଟି ଗ୍ରାମର କ୍ରୀଡା କ୍ଲବ୍ ଏବଂ ସ୍କୁଲଗୁଡ଼ିକୁ ଫୁଟବଲ୍, କ୍ରିକେଟ୍, ଭଲିବଲ୍, ବ୍ୟାଡମିଣ୍ଟନ୍, କ୍ୟାରମ୍ ଏବଂ ଯୋଗ ମ୍ୟାଟ୍ ପାଇଁ କ୍ରୀଡା କିଟ୍ ପ୍ରଦାନ କରାଯାଇଛି।




କିଟ୍ ବଣ୍ଟନ ସହିତ ସମ୍ପ୍ରଦାୟ ସ୍ତରୀୟ ଫୁଟବଲ୍ ଏବଂ କ୍ରିକେଟ୍ ଟୁର୍ନାମେଣ୍ଟ ନିୟମିତ ଭାବରେ ଆୟୋଜନ କରାଯିବା ସହ ଯୁବ ଖେଳାଳିମାନଙ୍କୁ ପ୍ରତିଯୋଗିତା କରିବା, ଦଳଗତ କାର୍ଯ୍ୟ ନିର୍ମାଣ କରିବା ଏବଂ ସେମାନଙ୍କର କ୍ରୀଡା ଦକ୍ଷତା ବିକାଶ କରିବା ପାଇଁ ଏକ ସଂରଚିତ ପ୍ଲାଟଫର୍ମ ପ୍ରଦାନ କରୁଛି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଆମେ ଯୁବପିଢ଼ିଙ୍କ ମଧ୍ୟରେ ଅଧିକ ଅଂଶଗ୍ରହଣକୁ ଉତ୍ସାହିତ କରିବା ସହିତ ଦଳଗତ କାର୍ଯ୍ୟ ଏବଂ କ୍ରୀଡା ମନୋଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ।

# ଚାନ୍ଦି ଚମକ ଆଗରେ ସୁନା ଫିକା


**ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି):** ବିଶ୍ୱ ସ୍ତରରେ ଅନିଶ୍ଚିତତା ମଧ୍ୟରେ ରୁପା ଚଳିତ ବର୍ଷ ଲାଭ ଦୃଷ୍ଟିରୁ ସୁନା ଏବଂ ସେୟାର ବଜାର ପରି ପାରମ୍ପରିକ ନିବେଶ ବିକଳ୍ପଗୁଡ଼ିକୁ ପଛରେ ପକାଇ ଦେଇଛି। ନିବେଶ ପାଇଁ ନିରାପଦ ଏବଂ କିଛି ଶିଳ୍ପରେ ଚାହିଦାରେ ବୃଦ୍ଧି ଯୋଗୁଁ ମୂଲ୍ୟରେ ଏଭଳି ବୃଦ୍ଧି ହୋଇଛି। ବର୍ଷରେ ସୁନା ପ୍ରାୟ ୭୨% ରିଟର୍ଣ୍ଣ ପ୍ରଦାନ କରିଥିବାବେଳେ, ରୁପା ୧୩୦%ରୁ ଅଧିକ ବୃଦ୍ଧି ଘଟିଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଆମେରିକା ଫେଡେରାଲ ରିଜର୍ଭ ଦ୍ୱାରା ସୁଧ ହାର ଆହୁରି ହ୍ରାସ ଆଶା ମଧ୍ୟରେ ରୂପା ମୂଲ୍ୟ ଆସନ୍ତା ବର୍ଷ ୧୫% ରୁ ୨୦% ବୃଦ୍ଧି ପାଇବା ଜାରି ରହିବ। ଅଲ୍ ଇଣ୍ଡିଆ ସରାଫା ଆସୋସିଏସନ୍ ଅନୁଯାୟୀ, ଚଳିତ ବର୍ଷ ଜାନୁଆରୀ ୧ ରେ ରୁପାର ମୂଲ୍ୟ ୯୦,୫୦୦ ଟଙ୍କା ପ୍ରତି କିଲୋଗ୍ରାମ ଥିଲା। ବର୍ଷକ ମଧ୍ୟରେ ରୁପା ମୂଲ୍ୟରେ ୧,୨୪,୦୦୦ ଟଙ୍କା କିମ୍ବା ୧୩୭% ବୃଦ୍ଧି ଘଟିଛି। ସୁନା-ରୂପା ଅନୁପାତରେ ତୀବ୍ର ହ୍ରାସ ଅର୍ଥ ହେଉଛି ରୂପା ମୂଲ୍ୟ ସୁନା ତୁଳନାରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହା ସୂଚିତ କରେ ଯେ ରୁପା ସୁନା ତୁଳନାରେ ମୂଲ୍ୟ ଦୃଷ୍ଟିରୁ ଆଗରେ। ରିଟର୍ଣ୍ଣ ଦୃଷ୍ଟିରୁ, ସୁନା ଡିସେମ୍ବର ୧୯ ସୁଦ୍ଧା ନିବେଶକଙ୍କୁ ଚଳିତ ବର୍ଷ ପ୍ରାୟ ୭୨% ରିଟର୍ଣ୍ଣ ଦେଇଛି, ଯେତେବେଳେ କି ଇକ୍ୱିଟି ବଜାରରେ, ନିଫ୍ଟି ୫୦ ଏବଂ ନିଫ୍ଟି ୫୦୦ ସୂଚକାଙ୍କ ଯଥାକ୍ରମେ ୭.୦% ଏବଂ ୫.୧% ରିଟର୍ଣ୍ଣ ଦେଇଛି।

# ମଣିପାଲ୍ ଭୁବନେଶ୍ୱରରେ ଟ୍ରିପଲ୍ ହାର୍ଟ ଭାଲଭ୍ ପରିବର୍ତ୍ତନ ସର୍ଜରୀ



**ଭୁବନେଶ୍ୱର, ୨୩।୧୨ (ସମିସ):** ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱରଠାରେ ଏକ ଅତ୍ୟନ୍ତ ଜଟିଳ ଟ୍ରିପଲ୍ ଭାଲଭ୍ ରିପ୍ଲେସମେଣ୍ଟ ହାର୍ଟ ସର୍ଜରୀ ସଫଳତାର ସହ କରାଯାଇଛି। ଏହି ସର୍ଜରୀ ଗଞ୍ଜାମର ୪୫ ବର୍ଷୀୟା ଜଣେ ମହିଳାଙ୍କ ଉପରେ କରାଯାଇଥିଲା। ଏହା ପୂର୍ବ ଭାରତର ଉନ୍ନତ ହାର୍ଟ ସର୍ଜରୀ ଚିକିତ୍ସା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ ବୋଲି କୁହାଯାଉଛି। ଦୀର୍ଘ ୬–୭ ଘଣ୍ଟା ଧରି କରାଯାଇଥିବା ଓପନ୍ ହାର୍ଟ ସର୍ଜରୀରେ ଏକା ସମୟରେ ତିନୋଟି ହୃଦୟ ଭାଲଭ୍ ସଫଳତାର ସହ ପରିବର୍ତ୍ତନ କରାଯାଇଥିଲା। ଏହା ମଣିପାଲ୍ ହସ୍ପିଟାଲ୍, ଭୁବନେଶ୍ୱରର ପ୍ରଥମ ସଫଳ ଟ୍ରିପଲ୍ ଭାଲଭ୍ ରିପ୍ଲେସମେଣ୍ଟ ସର୍ଜରୀ। ଏହି ସଫଳତା ସମ୍ପର୍କରେ ଡାକ୍ତର ଜିତେନ୍ଦ୍ର ନାଥ ପଟ୍ଟନାୟକ କହିଛନ୍ତି, ଏପରି ସର୍ଜରୀ ଅତ୍ୟନ୍ତ ଜଟିଳ ହୋଇଥାଏ। ଦୀର୍ଘ ସମୟ ଅପରେସନ୍, ଫୁସଫୁସ ଉପରେ ପ୍ରଭାବ ଓ ସର୍ଜରୀ ପରେ ହୃଦୟର ସୁସ୍ଥ ହେବା ଏକ ବଡ଼ ଚ୍ୟାଲେଞ୍ଜ ଥାଏ। ଏହି ସଫଳ ସର୍ଜରୀ ଡାକ୍ତର ବିବେକ ଚୌଧୁରୀଙ୍କ ନେତୃତ୍ୱରେ ଆନାଥେସିଆ ଟିମ୍, ପର୍ଫ୍ୟୁଜନିଷ୍ଟ ଟିମ୍, କାର୍ଡିଆକ୍ ସର୍ଜରୀ ଟିମ୍ ଓ ଓଟି ଟିମ୍‌ର ମିଳିତ ପ୍ରୟାସରେ ସମ୍ଭବ ହୋଇଥିଲା।

# ମୟୂରଭଞ୍ଜ ପାହାଡ଼ପୁରରେ ଖୋଲିବ ଶ୍ୟାମ ଚରଣ ମୁର୍ମୁ ଭିଜନ୍ ସେଣ୍ଟର



**ଭୁବନେଶ୍ୱର, ୨୩।୧୨(ସମିସ):** ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ (ଏଲଭିପିଇଆଇ) ଏବଂ ପାହାଡ଼ପୁରର ଏସଏଲଏସ ଟ୍ରଷ୍ଟ ମଧ୍ୟରେ ଶ୍ୟାମ ଚରଣ ମୁର୍ମୁ ଭିଜନ୍ ସେଣ୍ଟର ପ୍ରତିଷ୍ଠା ପାଇଁ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ସେଣ୍ଟର ଏକ ପ୍ରାଥମିକ ଚକ୍ଷୁ ଚିକିତ୍ସା କେନ୍ଦ୍ର ଯାହା ସ୍ଥାନୀୟ ଜନସାଧାରଣ ଏବଂ ମୟୂରଭଞ୍ଜ ଜିଲ୍ଲାର ପାହାଡ଼ପୁର ଏବଂ ରାଇରଙ୍ଗପୁର ଆଖପାଖ ଅଞ୍ଚଳ ପାଇଁ ସେବା ଯୋଗାଇବ। ଏସଏଲଏସ ଟ୍ରଷ୍ଟର ପୂର୍ବରୁ ଥିବା ଘରେ ଏହି କେନ୍ଦ୍ର ଅବସ୍ଥିତ। ୨୦୨୬ ଫେବୃଆରୀ ପହିଲାରୁ ଏହା ସାଧାରଣ ଲୋକଙ୍କ ପାଇଁ ଏହା ଖୋଲାଯିବ। ଏହି ସେଣ୍ଟରରେ ବିସ୍ତୃତ ଦୃଷ୍ଟିଶକ୍ତି ପରୀକ୍ଷା, ପ୍ରତିସରଣ ତ୍ରୁଟି ସଂଶୋଧନ, ଚଷମା ବଂଟନ ଏବଂ ଚକ୍ଷୁ ରୋଗର ପ୍ରାରମ୍ଭିକ ଚିହ୍ନଟ ସୁବିଧା ରହିବ। ଏହି କେନ୍ଦ୍ର କେନ୍ଦୁଝରର ଏଲଭିପିଇଆଇ ବିଜୟାନନ୍ଦ ପଟ୍ଟନାୟକ ସେକେଣ୍ଡାରୀ ସେଣ୍ଟର ଏବଂ ଭୁବନେଶ୍ୱରର ଏଲଭିପିଇଆଇ ମିଠୁ ତୁଳସୀ ଚାନରାଇ ଟର୍ସିଆରୀ କେୟାର ସେଣ୍ଟରକୁ ରୋଗୀଙ୍କୁ ଉନ୍ନତ ଯତ୍ନ ଏବଂ ଚିକିତ୍ସା ପାଇଁ ପଠାଇବ। ଏଲଭିପିଇଆଇର ଉପାଧ୍ୟକ୍ଷ ଡକ୍ଟର ରାଜୀବ ରେଡ୍ଡୀ ପାପ୍ପୁରୁ ଏବଂ ଏସଏଲଏସ ଟ୍ରଷ୍ଟର ଅଧ୍ୟକ୍ଷ ଇତିଶ୍ରୀ ମୁର୍ମୁ ଏହିଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ। ଏସଏଲଏସ ଟ୍ରଷ୍ଟର ଉନ୍ନୟନ ସଂଯୋଜକ ସୁବୋଧ କୁମାରଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଥିଲା ।

# ପାସ୍‌ୱାର୍ଡ କିମ୍ବା ଓଟିପି ବିନା ଆକାଉଣ୍ଟ ହ୍ୟାକ୍

**ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି):** ସାଇବର ଅପରାଧୀ ଏବଂ ହ୍ୟାକର୍ସମାନେ ବର୍ତ୍ତମାନ ଆକାଉଣ୍ଟ ହ୍ୟାକ୍ କରିବାର ଏକ ନୂତନ ଉପାୟ ପ୍ରସ୍ତୁତ କରିଛନ୍ତି। ଏହି ନୂତନ ପଦ୍ଧତି ଆପଣଙ୍କ ଅଜାଣତରେ ମଧ୍ୟ ଆପଣଙ୍କ ହ୍ୱାଟ୍ସଆପ୍ ଆକାଉଣ୍ଟ ହ୍ୟାକ୍ କରିପାରିବ। କେନ୍ଦ୍ର ସରକାର ଏ ନେଇ ଲୋକମାନଙ୍କୁ ସତର୍କ କରାଇଛନ୍ତି।

ଭାରତୀୟ ସାଇବର ସୁରକ୍ଷା ସଂସ୍ଥା ସିଇଆର୍‌ଟି-ଇନ୍ ହ୍ୱାଟ୍ସଆପ୍ ବ୍ୟବହାରକାରୀମାନଙ୍କ ପାଇଁ ବିସ୍ତୃତ ନିର୍ଦ୍ଦେଶାବଳୀ ଜାରି କରିଛି। ସଂସ୍ଥା କହିଛି ଯେ ସାଇବର ଅପରାଧୀ ଏବଂ ହ୍ୟାକର୍ସ ହ୍ୱାଟ୍ସଆପ୍‌ର ଡିଭାଇସ୍ ଲିଙ୍କିଂ ଫିଚରର ଅପବ୍ୟବହାର କରି ଆକାଉଣ୍ଟ ହ୍ୟାକ୍ କରୁଛନ୍ତି। ଏହାକୁ ' ଘୋଷ୍ଟ ପେୟାରିଂ' କୁହାଯାଉଛି। ହ୍ୟାକର୍ସ ପାସୱାର୍ଡ କିମ୍ବା ଓଟିପି ବିନା ଆପଣଙ୍କ ସମ୍ପୂର୍ଣ୍ଣ ଆକାଉଣ୍ଟ ଉପରେ ନିୟନ୍ତ୍ରଣ ହାସଲ କରୁଛନ୍ତି। ସେମାନେ ରିଅଲ୍-ଟାଇମ୍ ମେସେଜ୍ ପଢ଼ିପାରିବେ, ଫଟୋ ଏବଂ ଭିଡିଓ ଦେଖିପାରିବେ ଏବଂ ଆପଣଙ୍କ ଯୋଗାଯୋଗକୁ ମେସେଜ୍ ମଧ୍ୟ ପଠାଇପାରିବେ।

ସରକାରଙ୍କ ପରାମର୍ଶ ଅନୁଯାୟୀ, ଏହା ଏକ ହାଇ ସିକ୍ୟୁରିଟି ବିଶିଷ୍ଟ ଆକ୍ରମଣ। ହ୍ୟାକର୍ସ ହ୍ୱାଟ୍ସଆପ୍‌ର 'ଲିଙ୍କ୍ ଡିଭାଇସ୍ ମାଧ୍ୟମରେ ଫୋନ୍ ନମ୍ବର' ଫିଚରର ଫାଇଦା ଉଠାଉଛନ୍ତି। ହ୍ୟାକର୍ସ ହ୍ୱାଟ୍ସଆପ୍‌ରେ ଆପଣଙ୍କ ପରିଚିତ ବ୍ୟକ୍ତିଙ୍କଠାରୁ ମେସେଜ୍ ପାଇବା ପରେ ଆକ୍ରମଣ ଆରମ୍ଭ କରିଦିଅନ୍ତି। ଏଥିରେ 'ହାଏ ହ୍ୟାଲୋ' ପରି କିଛି ହୋଇପାରେ କିମ୍ବା ଏକ ଫଟୋ ମଧ୍ୟ ହୋଇପାରେ। ଏଥିରେ ଏକ ଲିଙ୍କ୍ ଅଛି ଯାହା ଏକ ଫେସବୁକ୍-ଶୈଳୀର ପ୍ରିଭ୍ୟୁ ଦେଖାଏ। ଲିଙ୍କ୍ ଉପରେ କ୍ଲିକ୍ କରିବା ଦ୍ୱାରା ଏକ ନକଲି ଫେସବୁକ୍ ଭ୍ୟୁଅର୍ ପେଜ୍ ଖୋଲିଯାଏ,

## ଖାଲି ହୋଇଯାଉଛି ବାଲାନ୍ସ



ଯାହା କଣ୍ଟେଣ୍ଟ ଦେଖିବା ପାଇଁ ଯାଞ୍ଚ ଲାଗି ପଚାରେ। ଏଠାରେ ବ୍ୟବହାରକାରୀଙ୍କୁ ସେମାନଙ୍କର ଫୋନ୍ ନମ୍ବର ଏଣ୍ଟ୍ରି କରିବାକୁ କୁହାଯାଏ। ଆପଣ ନମ୍ବର ଏଣ୍ଟ୍ରି କରିବା ମାତ୍ରେ, ହ୍ୟାକରଙ୍କ ଡିଭାଇସ୍ ବ୍ୟବହାରକାରୀଙ୍କ ଆକାଉଣ୍ଟ ସହିତ ଲିଙ୍କ୍ ହୋଇଯାଏ। ସେମାନେ ଏକ ଲୁକ୍କାୟିତ ଡିଭାଇସ୍ ଭାବରେ ଏଣ୍ଟ୍ରି ପାଇବା ପାଇଁ ପେୟାରିଂ କୋଡ୍ ବ୍ୟବହାର କରନ୍ତି। ତା›ପରେ ସେମାନେ ହ୍ୱାଟ୍ସଆପ୍ ୱେବ୍ ପରି ସବୁକିଛି ଦେଖିପାରିବେ ଏବଂ ବ୍ୟବହାର କରିପାରିବେ। ଆପଣଙ୍କ ଡିଭାଇସ୍ ଲିଙ୍କ୍ ହେବା ପରେ ହ୍ୟାକରମାନେ ପୁରୁଣା ମେସେଜ୍ ପଢ଼ିପାରିବେ, କାହାକୁ ମେସେଜ୍ ପଠାଇପାରିବେ, ଫଟୋ, ଭିଡିଓ ଏବଂ ଭଏସ୍ ନୋଟ୍ ଦେଖିପାରିବେ ଏବଂ ଆପଣଙ୍କ ଯୋଗାଯୋଗ ଏବଂ ଗୋଷ୍ଠୀକୁ ମେସେଜ୍ ମଧ୍ୟ ପଠାଇପାରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବ୍ୟବହାରକାରୀ ଏହା ବିଷୟରେ କିଛି ଜାଣିନାହାଁନ୍ତି, କାରଣ ଏହା ସବୁ ପୃଷ୍ଠଭୂମିରେ ଘଟେ।

ତେଣୁ ଏଭଳି ହ୍ୱାଟ୍ସଆପ୍ ହ୍ୟାକିଂରୁ ରକ୍ଷା ପାଇବା ପାଇଁ କେବେ ବି କୌଣସି ସନ୍ଦିଗ୍ଧ ଲିଙ୍କ୍ ଉପରେ କ୍ଲିକ୍ କରିବା ଉଚିତ୍ ନୁହେଁ, ଯଦିଓ ଏହା କଣେ ପରିଚିତ ବ୍ୟକ୍ତିଙ୍କ ଦ୍ୱାରା ପଠାଯାଇଛି। ହ୍ୱାଟ୍ସଆପ୍ ସହିତ ଲିଙ୍କ୍ ହୋଇଥିବା ଡିଭାଇସଗୁଡ଼ିକୁ ସର୍ବଦା ଯାଞ୍ଚ କରି, କିଛି ସନ୍ଦେହଜନକ ଲକ୍ଷ୍ୟ କଲେ ତୁରନ୍ତ ଲଗ୍ ଆଉଟ୍ କରିବା ଜରୁରୀ।

## ଆଜିର ରାଶିଫଳ

**ମେଷ:** ନୂଆ କାମ ଆରମ୍ଭ କରିବା ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ବ୍ୟବସାୟରେ କ୍ଷତି ହେବ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ।

**ମିଥୁନ:** ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ।

**କର୍କଟ:** ପଡ଼ୋଶୀଙ୍କ ସାହାଯ୍ୟ ମିଳିବ। କ୍ରୀଡ଼ାବିତ୍‌ଙ୍କୁ ଶୁଭ ଖବର ମିଳିବ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ମନପସନ୍ଦ କାମରୁ ସଫଳତା ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବନ୍ଧୁଙ୍କ କଥା ଖରାପ ଲାଗିବ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କଳାକାର, ଡାକ୍ତରଙ୍କୁ ଶୁଭ ଖବର ମିଳିବ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହକୁ ନେଇ ଚିନ୍ତାରେ ରହିବେ। ନୂଆ ନିଯୁକ୍ତି ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୭୧୫- ସ୍ୱିଡେନ୍ ସେନା ନରୱେ ଉପରେ କବ୍‌ଜା କଲା।
- ୧୮୯୪- କଲିକତାରେ ପ୍ରଥମ ଥର ପାଇଁ ମେଡିକାଲ୍ କନ୍‌ଫରେନ୍ସର ଆୟୋଜନ କରାଗଲା।
- ୧୯୮୬- ଦିଲ୍ଲୀସ୍ଥିତ ଲୋଟସ୍ ଟେମ୍ପୁଲକୁ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଖୋଲି ଦିଆଗଲା।
- ୧୯୮୯ - ଦେଶର ପ୍ରଥମ ଆମ୍ୟୁଜ୍‌ମେଣ୍ଟ ପାର୍କ 'ଏସ୍‌ଏଲ୍ ୱାର୍ଲଡ' ମୁମ୍ବାଇରେ ଖୋଲିଲା।
- ୨୦୦୦-ବିଶ୍ୱନାଥନ୍ ଆନନ୍ଦ ବିଶ୍ୱ ଚେସ୍ ଚାମ୍ପିଅନ୍ ହେଲେ।

## ସପୁରି କଟାରେ ବିଶ୍ୱ ରେକର୍ଡ



ରେକର୍ଡ ନିଶା ମଣିଷକୁ ଅସାଧାରଣ କାମ କରିବାକୁ ଉତ୍ସାହିତ କରେ। ଏହି କ୍ରମରେ ସ୍ଲୋଭାକିଆର ଡୋମିନିକା ଗ୍ୟାସ୍‌ପାରୋଭା ନାମ୍ନୀ ଜଣେ ମହିଳା ମାତ୍ର ୧୧.୪୩ ସେକେଣ୍ଡରେ ସପୁରି ଚୋପା ଛଡ଼ାଇବା ସହ ଏହାକୁ ସାଇଜ୍‌ରେ କାଟି ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସାମିଲ ହୋଇଛନ୍ତି। ଏହି ରେକର୍ଡ ବ୍ରିଟେନ୍‌ର ୱିସବେକ୍ ସହରର ଡେଲ୍ ମୋଣ୍ଟେ କମ୍ପାନି ପକ୍ଷରୁ ଆୟୋଜିତ ଏକ ଇଭେଣ୍ଟ ସମୟରେ କରାଯାଇଥିଲା। ଏଥିରେ ଡେଲ ମୋଣ୍ଟେ କମ୍ପାନିର ୧୦ ଜଣ ଅଭିଜ୍ଞ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି କର୍ମଚାରୀମାନେ ନିତିଦିନ କମ୍ପାନି ପକ୍ଷରୁ ସପୁରି ଚୋପା ବାହାର କରିବା ଓ କାଟିବା କାମ କରୁଥିଲେ। ତେବେ ସମସ୍ତେ ପୁରୁଣା ରେକର୍ଡ ଭାଙ୍ଗିବାକୁ ଲକ୍ଷ୍ୟ ରଖିଥିଲେ। ପୂର୍ବରୁ ଏହି ରେକର୍ଡ ୧୭.୮୫ ସେକେଣ୍ଡର ଥିଲା। ଖେଳରେ ସପୁରିର ମୋଟା ଚୋପାକୁ ସମ୍ପୂର୍ଣ୍ଣ ଭାବେ ବାହାର କରି ଏହାକୁ ଛୋଟ ଛୋଟ କରି କାଟିବାର ନିୟମ ରହିଥିଲା। ସେହିପରି କଟାଯାଇଥିବା ସପୁରି ଖଣ୍ଡଗୁଡ଼ିକ ୩.୮ ସେଣ୍ଟିମିଟରରୁ ବଡ଼ ନ ହେବା ନିୟମ ରହିଥିଲା। ଗିନିଜ୍ ଅଧିକାରୀମାନଙ୍କ ଉପସ୍ଥିତିରେ ଡୋମିନିକା ଆଖିପିଛୁଳାକେ ସପୁରିରୁ ଚୋପା ଛଡ଼ାଇ ଛୋଟ ଛୋଟ ଖଣ୍ଡରେ କାଟି ଦେଇଥିଲେ। ତେବେ ତାଙ୍କର ରେକର୍ଡ କରିବାର ଭିଡିଓକୁ ଗିନିଜ୍ ବିଶ୍ୱ ରେକର୍ଡର ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ସେୟାର୍ କରାଯାଇଛି।

## ଦୁଇଟି ପାର୍ଟରେ ଆସିବ AA22xA6



ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍ ଓ ଏଟ୍‌ଲିଙ୍କ ଫିଲ୍ମ 'AA22xA6' ଅନେକ ଦିନରୁ ଚର୍ଚ୍ଚା ଲାଗି ରହିଛି। ଏଯାବତ୍ ଫିଲ୍ମର ଟାଇଟଲ୍ ଫାଇନାଲ କରାଯାଇ ନାହିଁ। 'ଧୁରନ୍ଧର'ର ସଫଳତାକୁ ଦେଖି ଏଟ୍‌ଲି ଏବେ ଏହାକୁ ଦୁଇଟି ପାର୍ଟରେ ଆଣିବା ପାଇଁ ଯୋଜନା କରୁଥିବା ଜଣାପଡ଼ିଛି। ଅବଶ୍ୟ ଏନେଇ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ। ଏଯାବତ୍ ଫିଲ୍ମର ୬୦% ସୁଟିଂ ସରିଛି। ଏବେ ଏକ ଅଣ୍ଡର ୱାଟର୍ ଆକ୍ସନ୍ ସିନ୍ ପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ଏହାର ପ୍ରଥମ ପାର୍ଟର ସୁଟିଂ ପ୍ରାୟତଃ ସରିଯାଇଛି। ଏହର ଟିଜର୍ ଆସନ୍ତା ଏପ୍ରିଲ୍ ମାସରେ ଆସିବ ବୋଲି କୁହାଯାଉଛି। ଏହାସହ ଫିଲ୍ମର ଫାଇନାଲ ରିଲିଜ୍ ଡେଟ୍ ମଧ୍ୟ ଟିଜର୍‌ରେ ଘୋଷଣା କରାଯାଇପାରେ। ଏଥିରେ ଅଲ୍ଲୁ ଡବଲ୍ ରୋଲରେ ନଜର ଆସିବେ। ଦୀପିକା ପାଦୁ୍ୟକୋନ୍ ଓ ମୃଣାଳ ଠାକୁର ଏଥିରେ ଅଲ୍ଲୁଙ୍କ ସହ ଲିଡ୍ ରୋଲରେ ଦେଖାଯିବେ। ଜାହ୍ନବୀ କପୁର ମଧ୍ୟ ଏଥିରେ ଦେଖାଯାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି।

## ୩୦ ବର୍ଷ ପରେ ପେଟରୁ ବାହାରିଲା ଲାଇଟର୍

ଚୀନ୍‌ର ଚେଙ୍ଗଦୁ ସହରର ୬୭ ବର୍ଷୀୟ ଡେଙ୍ଗଙ୍କ ପେଟରେ ଲାଇଟର୍ ରହିବା ଘଟଣା ଏବେ ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ତେବେ ଏହି ଲାଇଟର୍ ତାଙ୍କ ପେଟ ଭିତରେ ଦିନେ କି ଦୁଇ ଦିନ କିମ୍ବା ବର୍ଷେ କି ଦୁଇ ବର୍ଷ ନୁହେଁ, ତିନି ଦଶନ୍ଧି ଧରି ରହିଥିଲା। ରୋଚକୀୟ ବିଷୟ ହେଉଛି ଏବେ ବି ଏହି ଲାଇଟର୍ କାର୍ଯ୍ୟକ୍ଷମ। ଗତ ମାସରେ ଡେଙ୍ଗଙ୍କ ପେଟ ଫୁଲିବା ସହ ସେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କର ଏସିଡିଟି ହୋଇଛି ଭାବିକି ଔଷଧ ଓ ଡାଏଟ୍‌ରେ ପରିବର୍ତ୍ତନ ଆଣିବାକୁ ଚାହିଁଥିଲେ। ହେଲେ କିଛି ଲାଭ ହେଲା ନାହିଁ। ପରିସ୍ଥିତି ଏତେ ଖରାପ ହେଲା ଯେ, ସେ ଶୋଇପାରିଲେ ନାହିଁ। ସେଇଠୁ ସେ ହସ୍‌ପିଟାଲ ଗଲେ। ଜରୁରିକାଳୀନ ଗ୍ୟାଷ୍ଟ୍ରୋସ୍କୋପିରୁ ଡାକ୍ତରମାନେ ତାଙ୍କ ପେଟ ଭିତରେ ଏକ ଆୟତକାର କଳା ଜିନିଷ ଦେଖିଥିଲେ। ତେବେ ଏହି ଜିନିଷଟି ଏଣ୍ଡୋସ୍କୋପି ମାଧ୍ୟମରେ ବାହାରିବା ବି ସହଜ ନ ଥିଲା। ତେଣୁ ଏହି ଜିନିଷକୁ ପ୍ରଥମେ ଚିହ୍ନଟ କରିବା ଜରୁରି ବୋଲି ଡାକ୍ତର ବିଚାର କଲେ। ଡାକ୍ତର ଡେଙ୍ଗଙ୍କୁ ଏବିଷୟରେ ପଚାରିବାରୁ ୧୯୯୦ ମସିହାରେ ସାଙ୍ଗମାନଙ୍କ ସହ ପାର୍ଟି କରୁଥିବା ବେଳେ ତାଙ୍କୁ ଏକ ସିଗାରେଟ୍ ଲାଇଟର୍ ଗିଳିବାକୁ ଚ୍ୟାଲେଞ୍ଜ କରାଯାଇଥିଲା, ଏହାକୁ ସେ ଗିଳି ଦେଇଥିବା ସ୍ୱୀକାର କରିଥିଲେ। ସେହିପରି ଏହାପରେ ଶରୀରରୁ ବାହାରି ଯାଇଥିବ ବୋଲି ସେ ଭାବିଥିଲେ। ମଝିରେ ମଝିରେ ହେଉଥିବା ପେଟ ଯନ୍ତ୍ରଣାକୁ ଏହି ଘଟଣା ସହିତ ସେ କେବେ ଯୋଡ଼ି ନ ଥିଲେ। ତେବେ ଲାଇଟର୍‌କୁ ଡାକ୍ତର ସଫଳତାର ସହ ପେଟ ଭିତରୁ ବାହାର କରିଥିଲେ। ଅବଶ୍ୟ ଲାଇଟର୍‌ଟି ପେଟର ଏସିଡ୍ ଦ୍ୱାରା କଳା ହୋଇଯାଇଥିଲା। ଏହାସତ୍ତ୍ୱେ ବି ସେଥିରେ ଗ୍ୟାସ୍ ଥିଲା ଏବଂ ଲାଇଟର୍‌ଟି ଜଳିଲା। ଡାକ୍ତରଙ୍କ କହିବା କଥା, ଲାଇଟର୍ କେସ୍ ସାଧାରଣତଃ ଏବିଏସ୍ ପ୍ଲାଷ୍ଟିକ୍‌ରୁ ତିଆରି ହୋଇଥାଏ। ଯାହାକି ଏସିଡ୍ ପ୍ରତିରୋଧକ ହୋଇଥାଏ। ଏହି କାରଣ ଯୋଗୁଁ ୩୦ ବର୍ଷ ଧରି ପେଟରେ ଏହା ସୁରକ୍ଷିତ ଥିଲା।





## ଜେନ୍ ଜେଡ୍ ଙ୍କ ପସନ୍ଦ 'କ୍ୟାରିୟର ମିନିମାଲିଜିମ୍'



**ଚାକିରିରେ ଅଧିକ ପରିଶ୍ରମ କଲେ ପଦୋନ୍ନତି ମିଳିବା ସହଜ ବୋଲି କୁହାଯାଏ। ଏବେ ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆସିଛି। ଜେନ୍ ଜେଡ୍ ଏବେ 'କ୍ୟାରିୟର ମିନିମାଲିଜିମ୍' ଉପରେ ଧ୍ୟାନ ଦେଉଛନ୍ତି। ପୁରୁଣା ପିଢ଼ିଙ୍କଠାରୁ କାମକୁ ନେଇ ସେମାନଙ୍କ ଦୃଷ୍ଟିକୋଣ ଭିନ୍ନ। କାରଣ ଜେନ୍ ଜେଡ୍ ଚାକିରି ପାଇଁ ନିଜ ସଉକକୁ ବଳିଦାନ ଦେବାକୁ ଚାହୁଁ ନାହାନ୍ତି।**

ଜେନ୍ ଜେଡ୍ ଏବେ ପଦବି ଏବଂ ପଇସା ପଛରେ ଦୌଡ଼ୁ ନାହାନ୍ତି। ହେଲେ ସେମାନେ ସେହି ଉନ୍ନତି ବା ବିକାଶକୁ ପ୍ରାଥମିକତା ଦେଉଛନ୍ତି, ଯେଉଁଥିରେ ସେମାନଙ୍କ ଜୀବନରେ ୱାର୍କ ଲାଇଫ୍ ବାଲାନ୍ସ ବଜାୟ ରହିବ। ସେମାନେ ସେହି ସବୁ କାମ ଉପରେ ଧ୍ୟାନ କେନ୍ଦ୍ରିତ କରୁଛନ୍ତି, ଯେଉଁଥିରେ ସେମାନଙ୍କୁ ଖୁସି ମିଳୁଛି। ଏକ ରିପୋର୍ଟ ଅନୁସାରେ, ଜେନ୍ ଜେଡ୍ ଏବେ କ୍ୟାରିୟର ମିନିମାଲିଜିମ୍‌କୁ ଆପଣାଉଛନ୍ତି। ସେମାନେ ଚାକିରିକୁ କେବଳ ଆୟର ମାଧ୍ୟମ ବୋଲି ଭାବୁ ନାହାନ୍ତି, ବରଂ ଅଫିସ୍ ବାହାରେ ନିଜ ବାସ୍ତବ ଇଚ୍ଛା ଓ ମହତ୍ତ୍ୱାକାଂକ୍ଷାକୁ ପୂରା କରିବାରେ ବିଶ୍ୱାସ ରଖୁଛନ୍ତି। ସରଳ ଭାଷାରେ କହିଲେ, ସେମାନେ ନିଜ ଚାକିରି ପାଇଁ ନିଜ ସଉକୁ ବଳିଦାନ ଦେବାକୁ ଚାହୁଁ ନାହାନ୍ତି। ଏହି ଅଧ୍ୟୟନରେ ହଜାରେ ପିଲାଙ୍କୁ ସାମିଲ କରାଯାଇଥିଲା। ୬୮ ପ୍ରତିଶତ ଜେନ୍ ଜେଡ୍ ଭଲ ଦରମା ନ ମିଳିବା ପର୍ଯ୍ୟନ୍ତ ମ୍ୟାନେଜର ପଦବୀ ଗ୍ରହଣ କରିବାକୁ ଚାହିଁ ନାହାନ୍ତି। ମାଗଣାରେ ସେମାନେ କୌଣସି ଦାୟିତ୍ୱ ନେବାକୁ ଚାହିଁ ନ ଥାନ୍ତି। ସେମାନେ ମ୍ୟାନେଜମେଣ୍ଟଠାରୁ ଦୂରରେ ରହି ଖୁସି ରହିବାରେ ବିଶ୍ୱାସ ରଖନ୍ତି।

ସେହିପରି ସବୁ ଜେନ୍ ଜେଡ୍ ଉଚ୍ଚ ପଦବୀରୁ ଦୂରରେ ରହିବାକୁ ଚାହିଁ ନାହାନ୍ତି। ପ୍ରାୟ ୧୦ ପ୍ରତିଶତ ମ୍ୟାନେଜର ନେତୃତ୍ୱ ନେବାକୁ ମନା କରିଛନ୍ତି। ହେଲେ ସେମାନଙ୍କର ଚିନ୍ତାଧାରା ଅଲଗା। ସେମାନେ କମ୍ପାନି କଥା ଭାବିବା ପୂର୍ବରୁ ପ୍ରଥମେ ନିଜ କଥା ଭାବୁଛନ୍ତି। ଏହାବାଦ୍ ଅତିରିକ୍ତ କାମ ଓ ଚାପର ସମ୍ପୂର୍ଣ୍ଣ ପାରିଶ୍ରମିକ ଦାବି କରୁଛନ୍ତି। ସେମାନଙ୍କ ଉଚ୍ଚ ପଦବୀ ପାଇଁ ଚାକିରି ଉପରେ ଆଶା ରଖୁ ନାହାନ୍ତି, ବରଂ ସନ୍ତୁଳିତ ଜୀବନ ଓ ବ୍ୟକ୍ତିଗତ ସନ୍ତୁଷ୍ଟିକୁ ଅଗ୍ରାଧିକାର ଦେଉଛନ୍ତି। ସେମାନେ ଚିରାଚରିତ ନିୟମକୁ ଆଖି ବୁଜି ବିଶ୍ୱାସ କରିବାକୁ ଚାହୁଁ ନାହାନ୍ତି। ୫୭ ପ୍ରତିଶତ ଜେନ୍ ଜେଡ୍ ନିଜ ସଉକ ପୂରା କରିବାକୁ ଚାହୁଁଛନ୍ତି। ଏଥିରୁ ସେମାନଙ୍କୁ ଅସଲ ଖୁସି ମିଳୁଥିବା ସେମାନେ କହନ୍ତି। ସେହିପରି ସେମାନେ ଅଫିସ୍‌ରେ ଅଧିକ ସମୟ କାମ କରିବା ବିରୋଧରେ ଅଛନ୍ତି। ସମୟରେ ଅଫିସ୍ ଛାଡ଼ିବାକୁ ଜେନ୍ ଜେଡ୍ ପୂରା ପ୍ରୟାସ କରୁଛନ୍ତି। ଅନ୍ୟପକ୍ଷରେ ଜେନ୍ ଜେଡ ଯୁବପିଢ଼ିଙ୍କ ମତରେ, କ୍ୟାରିୟରର ଅର୍ଥ କେବଳ ପଦବି କିମ୍ବା ପଦୋନ୍ନତି ପାଇବା ନୁହେଁ, ଜୀବନରେ ଶାନ୍ତି ଓ ଖୁସି ଦରକାର।

# ସମ୍ଭାବନା



## ନାଇଟ୍ ସିଫ୍ଟରେ କାମ କରୁଥିଲେ...


**ନାଇଟ୍ ସିଫ୍ଟରେ କାମ କରିବା ସମସ୍ତଙ୍କ ପକ୍ଷେ ସହଜ ହୋଇ ନ ଥାଏ। ଅନେକ କର୍ମଚାରୀଙ୍କୁ ବିଭିନ୍ନ ପ୍ରକାର ସମସ୍ୟା ସାମ୍ନା କରିବାକୁ ପଡ଼ିଥାଏ। ଏପରିକି ଏହି ସିଫ୍ଟରେ କାମ କରି ଅନେକ ଜଣ ନିଜ କାମକୁ ଠିକ୍ ଭାବେ ପରିଚାଳିତ କରିପାରନ୍ତି ନାହିଁ। କିଛି ଉପାୟକୁ ଆପଣାଇ ନାଇଟ୍ ସିଫ୍ଟରେ ଭଲ କାମ କରିପାରିବେ।**

- ପ୍ରଥମେ ନିଜର ଏକ ସମୟ ସାରଣୀ ପ୍ରସ୍ତୁତ କରନ୍ତୁ ଏବଂ ସେହି ଅନୁସାରେ କାମ କରନ୍ତୁ।
- ନାଇଟ୍ ସିଫ୍ଟ କର୍ମଚାରୀଙ୍କୁ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଜରୁରି।
- ଡାଏଟ୍‌ରେ ଫଳ ଓ ରାତ୍ରି ଭୋଜନରେ ସାଲାଡ୍ ଖାଇବା ଉଚିତ।
- ନାଇଟ୍ ସିଫ୍ଟକୁ ଯିବା ପୂର୍ବରୁ ନିଦ୍ରା ପୂରା କରନ୍ତୁ। ଏହା ଦ୍ୱାରା କାମ କରିବା ସମୟରେ ଥକ୍କା ଲାଗେ ନାହିଁ।
- ରାତିରେ କାମ କରିବା ସମୟରେ ମଝିରେ ମଝିରେ ବିରତି ନେବା ଜରୁରି।
- ନାଇଟ୍ ସିଫ୍ଟରେ କାମ କରୁଥିଲେ, ପ୍ରଚୁର ପାଣି ପିଇବା ଭଲ।



## ନୂଆ କ୍ୟାରିୟର
## ଡ୍ରୋନ୍ ପାଇଲଟ୍


**ଏବର ଟେକ୍ନୋଲୋଜି ଯୁଗରେ ଲୋକଙ୍କ ପାଖରେ କ୍ୟାରିୟରର ବିଭିନ୍ନ ବିକଳ୍ପ ଅଛି। ନୂଆ କ୍ୟାରିୟର ବିକଳ୍ପ ଭାବେ ଏବେ ଡ୍ରୋନ ପାଇଲଟ ଚର୍ଚ୍ଚା ସାଉଁଟୁଛି। ଖେଳ ପଡ଼ିଆ, ବାହାଘର, ଫିଲ୍ମ ତଥା କୌଣସି ବଡ଼ କାର୍ଯ୍ୟକ୍ରମରେ ଆଜିକାଲି ଡ୍ରୋନର ବ୍ୟବହାର କରାଯାଉଛି। ପ୍ରତ୍ୟେକ ଉତ୍ସବରେ ଏବେ ଏହା ଲୋଡ଼ା ପଡୁଛି।**



ଡ୍ରୋନ ପାଇଲଟ ହେବା ଲାଗି କଳା, ବାଣିଜ୍ୟ, ବିଜ୍ଞାନ ଯେକୌଣସି ବିଭାଗରୁ ଦ୍ୱାଦଶ ପାସ୍ କରିବା ଦରକାର। ଏହା ଲାଗି ମାନ୍ୟତାପ୍ରାପ୍ତ ଇନଷ୍ଟିଚ୍ୟୁଟ୍‌ରୁ ଟ୍ରେନିଂ ନେବା ଖୁବ୍ ଜରୁରି। ଡ୍ରୋନ୍ ପରିଚାଳନା କରିବା ହେଉଛି ଏକ ବଡ଼ କାମ। ତେଣୁ ଏ ଲାଗି ଏହି ନିୟମ ରହିଛି। ଟ୍ରେନିଂ ଲାଗି ଡାଇରେକ୍ଟର ଜେନରାଲ ଅଫ୍ ସିଭିଲ ଆଭିଏସନ ପକ୍ଷରୁ ରିମୋଟ୍ ପାଇଲଟ୍ ଟ୍ରେନିଂ ଅର୍ଗାନାଇଜେସନ (ଆର୍‌ପିଟିଓ)କୁ ମାନ୍ୟତା ପ୍ରଦାନ କରାଯାଇଛି। ଏହି ଟ୍ରେନିଂ ସମୟରେ ଡ୍ରୋନ ଉଡ଼ାଇବା, ସୁରକ୍ଷା ନିୟମ, ପାଣିପାଗ, ବ୍ୟାଟେରି-କ୍ୟାମେରା ସହିତ ଇମରଜେନ୍ସି ଆଦି ସ୍ଥିତିରେ ଡ୍ରୋନ୍ ପରିଚାଳନା କରିବା ଶିଖାଯାଏ। ଏହାବାଦ୍ ପ୍ରଫେସନାଲ ଡ୍ରୋନ ପାଇଲଟ୍ ହେବା ଲାଗି ଡିଜିସିଏର ରିମୋଟ୍ ପାଇଲଟ ପ୍ରମାଣପତ୍ର ନେବାକୁ ହେବ। ଏହାକୁ ଅପରେଟ୍ କରିବା ଲାଗି ପାଖରେ ଲାଇସେନ୍ସ ରହିବା ଜରୁରି। ଏହା ୧୦ ବର୍ଷ ପର୍ଯ୍ୟନ୍ତ ବୈଧ। ସେହିପରି ଡ୍ରୋନ ଟେକ୍ନୋଲୋଜି ଏବଂ ଏୟାରକ୍ରାଫ୍ଟ କ୍ଷେତ୍ରରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିଲେ, ବିଟେକ୍ ଇନ୍ ଏରୋସ୍ପେସ୍ ଇଞ୍ଜିନିୟରିଂ, ବିଟେକ୍ ଇନ୍ ଏରେନେଟିକଲ ଇଞ୍ଜିନିୟରିଂ, ବିଏସ୍‌ସି ବା ବିଟେକ ଇନ୍ ଆଭିଏସନ ବା ଡିପ୍ଲୋମା ଇନ୍ ଏରୋନଟିକ୍ସ/ ଡ୍ରୋନ୍ ଟେକ୍ନୋଲୋଜିର ଡ୍ରିଗୀ ଆବଶ୍ୟକ।

## ଗୁଗଲ୍ ଟ୍ରାନ୍ସଲେଟରେ ନୂଆ ଫିଚର୍

ଗୁଗଲ ଏମିତି ଏକ ସ୍ମାର୍ଟ ଫିଚର୍ ଲଞ୍ଚ କରିଛି, ଯାହାକି ନୂଆ ଏବଂ ପୁରୁଣା ହେଡ୍‌ଫୋନ୍‌କୁ ରିୟଲ ଟାଇମ୍ ଟ୍ରାନ୍ସଲେଟର୍‌ରେ ବଦଳାଇ ଦେବ। ତେଣୁ କମ୍ପାନି ଏକ ବିଟା ଫିଚର୍ ଲଞ୍ଚ କରିଛି। ଏହା ଦ୍ୱାରା କୌଣସି ୱେୟାର୍ ଏବଂ ୱେୟାରଲେସ୍ ହେଡ୍‌ଫୋନ୍‌କୁ ରିୟଲ ଟାଇମ ଟ୍ରାନ୍ସଲେସନ ଡିଭାଇସ୍‌ରେ ରୂପାନ୍ତରିତ କରାଯାଇପାରିବ। ଏହା ସହ ଟ୍ରାନ୍ସଲେଟ୍ ଆପ୍‌ରେ ଗୁଗଲର ଏଆଇ ଜେମିନି ଯୁକ୍ତ ସ୍ମାର୍ଟ ଟ୍ରାନ୍ସଲେସନ ଏବଂ ଉନ୍ନତ ଭାଷା ଶିଖିବା ଟୁଲ୍‌କୁ ସାମିଲ କରାଯାଇଛି। ଏବେ ଏହା ବିଟା ଫିଚର୍‌ର କିଛି ଆଣ୍ଡ୍ରଏଡ୍ ଟ୍ରାନ୍ସଲେଟ୍ ଆପ୍‌ରେ ଉପଲବ୍ଧ ଅଛି। ତେଣୁ ଏଥିରେ କେବଳ ହେଡଫୋନ୍‌କୁ ସଂଯୋଗ କରି ଏହାକୁ ରିୟଲ ଟାଇମ ଟ୍ରାନ୍ସଲେସନ ଡିଭାଇସ୍‌ରେ ପରିବର୍ତ୍ତନ କରାଯାଇପାରିବ। ଏ ଲାଗି କେବଳ ବ୍ୟବହାରକାରୀଙ୍କୁ ହେଡ୍‌ଫୋନ୍ କନେକ୍ଟ କରିକି ଗୁଗଲ ଟ୍ରାନ୍ସଲେଟ୍ ଆପ୍‌କୁ ଯିବାକୁ ପଡ଼ିବ। ଏହାପରେ ଯେକୌଣସି ଭାଷାର ଟ୍ରାନ୍ସଲେସନ୍ ବାସ୍ତବ ସମୟ ମଧ୍ୟରେ ଶୁଣିପାରିବେ। ଏହି ଫିଚର୍ ୭୦ରୁ ଅଧିକ ଭାଷାକୁ ସମର୍ଥନ କରେ। ୨୦୨୬ରେ ଏହି ସୁବିଧା ଆଇଫୋନ୍ ବ୍ୟବହାରାକାରୀଙ୍କୁ ମିଳିବା କୁହାଯାଉଛି।



### ଶ୍ରୀଲଙ୍କା ବିପକ୍ଷ ମହିଳା ଟି-୨୦ରେ ଶେଫାଳିଙ୍କ ଅର୍ଦ୍ଧଶତକ

# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ

**ବିଶାଖାପାଟଣା,୨୩।୧୨(ଏଜେନ୍ସି)**

ଓପନର ଶେଫାଳି ବର୍ମା (ଅପରାଜିତ ୬୯)ଙ୍କ ଅର୍ଦ୍ଧଶତକ, ଦୁଇ ସ୍ପିନର ଶ୍ରୀ ଚରଣି (୨/୨୩) ଓ ବୈଷ୍ଣବୀ ଶର୍ମା (୨/୩୨)ଙ୍କ ସୁନ୍ଦର ବୋଲିଂ ବଳରେ ଏଠାରେ ମଙ୍ଗଳବାର ଦ୍ୱିତୀୟ ମହିଳା ଟି-୨୦ରେ ଭାରତ ୭ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହା ଫଳରେ ଏଠାରେ ଅନୁଷ୍ଠିତ ପ୍ରଥମ ୨ଟି ମ୍ୟାଚ୍‌ରେ କ୍ରମାଗତ ବିଜୟ ସହ ଭାରତ ୨-୦ରେ ଆଗୁଆ ରହିଛି। ଏଠାରେ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୬ ୱିକେଟରେ ବିଜୟୀ ହୋଇଥିଲା। ଏହା ପରେ ପରବର୍ତ୍ତୀ ୩ଟି ମ୍ୟାଚ୍ କେରଳର ତିରୁଅନନ୍ତପୁରମରେ ଖେଳାଯିବ। ଏହି ମ୍ୟାଚ୍ ଗୁଡିକ ଡିସେମ୍ବର ୨୬ (ତୃତୀୟ), ୨୮ (ଚତୁର୍ଥ) ଓ ୩୦ (ପଞ୍ଚମ ତଥା ଶେଷ ମ୍ୟାଚ୍)ରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଦ୍ୱିତୀୟ ମହିଳା ଟି-୨୦ ମୁକାବିଲାରେ ମାତ୍ର ୩୪ ବଲ୍‌ରୁ ୧୧ ଚୌକା ଓ ୧ଛକା ସହ ଅପରାଜିତ ୬୯ ରନ୍ କରିଥିବା ଶେଫାଳିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହାକୁ ମିଶାଇ ଶ୍ରୀଲଙ୍କା ବିପକ୍ଷ ଶେଷ ୧୧ଟି ମୁକାବିଲାରୁ ଭାରତ ୯ଟିରେ ବିଜୟୀ ହୋଇଛି।

ଏଠାରେ ମଙ୍ଗଳବାର ଅନୁଷ୍ଠିତ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ କରିଥିଲା ୧୨୮ ରନ୍। ଜବାବରେ ଭାରତ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରି ମାତ୍ର ୧୧.୫ ଓଭରରେ ୩ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଶେଫାଳିଙ୍କ ଅର୍ଦ୍ଧଶତକ ବ୍ୟତୀତ ପ୍ରଥମ ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ଜେମିମା ରୋଡ୍ରିଗ୍ସେଜ୍ ୧୫ ବଲ୍‌ରେ ୨୬, ସ୍ମୃତି ମନ୍ଧାନା ୧୪ ଓ ଅଧିନାୟିକା ହରମନପ୍ରୀତ ୧୦ରନ୍ କରିଥିଲେ। କ୍ରମାଗତ ଦ୍ୱିତୀୟଥର ଲାଗି ମନ୍ଧାନା ବ୍ୟାଟିଂରେ ଫେଲ୍ ମାରିବା ପରେ ଶେଫାଳି ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ପ୍ରଥମେ ସେ ଦ୍ୱିତୀୟ ୱିକେଟରେ ଜେମିମାଙ୍କ ସହ ୨୭ବଲ୍‌ରୁ ୫୮ ଓ ତୃତୀୟ ୱିକେଟରେ ହରମନପ୍ରୀତ୍‌ଙ୍କ ସହ ୨୪ ବଲ୍‌ରୁ ୪୧ ରନ୍ ଉଠାଇ ଭାରତକୁ ସହଜ ବିଜୟ ଭେଟିଦେଇଥିଲେ। ଶ୍ରୀଲଙ୍କା ପକ୍ଷରୁ ମାଦରା, କାଭିଣ୍ଡି ଓ ଦିଲହରୀ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ମଧ୍ୟ କେହି ସାମାନ୍ୟ ପ୍ରଭାବ ପକାଇ ପାରି ନ ଥିଲେ।



ପୂର୍ବରୁ ଏଠାରେ ଶ୍ରୀଲଙ୍କା ଦଳ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ର ଟପ୍ ସ୍କୋରର ଭିଷ୍ମି ଗୁଣରତ୍ନେ (୧) ପ୍ରଥମ ଓଭରରେ ଆଉଟ ହୋଇଥିଲେ। ଯୁବ ଫାଷ୍ଟ ବୋଲର କ୍ରାନ୍ତି ଗୌଡ଼ ତାଙ୍କୁ କଟ୍ ଆଣ୍ଡ ବୋଲ୍ଡ ଆଉଟ କରିଥିଲେ। ତାଙ୍କ ଆଉଟ ପରେ ଦ୍ୱିତୀୟ ୱିକେଟରେ ଚାମରି ଓ ହାସିନୀ ୩୬ରନ୍, ତୃତୀୟ ୱିକେଟରେ ହାସିନୀ ଓ ହର୍ଷିତା ୪୪ ରନ୍ ଓ ଚତୁର୍ଥ ୱିକେଟରେ ହର୍ଷିତା ଓ କାଭିସା ୨୨ ରନ୍ ଉଠାଇ ଏକ ସମ୍ମାନଜନକ ସ୍କୋର କରିବେ ବୋଲି ଆଶା ସୃଷ୍ଟି କରିଥିଲେ। କିନ୍ତୁ ଚତୁର୍ଥ ଖେଳାଳିଭାବେ ହର୍ଷିତା ୩୨ ବଲ୍‌ରୁ ୪ ଚୌକା ସହ ସର୍ବାଧିକ ୩୩ ରନ୍ କରି ଆଉଟ ହେବା ପରେ ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଦଳ ତାହାର ଶେଷ ୬ ୱିକେଟ ୨୪ ରନ୍‌ରେ ହରାଇଥିଲା। ଏହା ମଧ୍ୟରେ ଚାମରି ଆଟାପାଟୁ ୩୧, ହାସିନି ପରେରା ୨୨, କାଭିସା ଦିଲହାରୀ ୧୪ ଓ କୌଶାନି ନୁଥ୍ୟାଙ୍ଗନା ୧୧ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ଭାରତ ପକ୍ଷରୁ ଦୁଇ ସ୍ପିନର ବୈଷ୍ଣବୀ ଶର୍ମା ଓ ଶ୍ରୀ ଚରଣି ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ପେସ୍ ବୋଲର କ୍ରାନ୍ତି ଗୌଡ଼ଙ୍କୁ ଓ ସ୍ପିନର ସ୍ନେହ ରାଣାଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା ଇନିଂସ**: ୧୨୮ / ୯, ୨୦ ଓଭର (ସମରବିକ୍ରମ-୩୩, ଆଟାପାଟୁ-୩୧, ପରେରା-୨୨, ଦିଲହରୀ-୧୪, ଶ୍ରୀ ଚରଣି-୨/୨୩, ବୈଷ୍ଣବୀ-୨/୩୨)।
**ଭାରତ ଇନିଂସ**: ୧୨୯/୩, ୧୧.୫ ଓଭର (ଶେଫାଳି ବର୍ମା-ଅପରାଜିତ ୬୯, ଜେମିମା ରୋଡ୍ରିଗ୍ସେଜ୍-୨୬, ସ୍ମୃତି ମନ୍ଧାନା-୧୪, ହରମନପ୍ରୀତ୍ କୌର-୧୦, କାଭିଶା ଦିଲହରୀ-୧/୧୫)।

### ଅନ୍ତର୍ଜାତୀୟ ଟି-୨୦ରେ ଗୋଟିଏ ଓଭରରେ ୫ ୱିକେଟ୍

## ଇଣ୍ଡୋନେସିଆର ପ୍ରିଆନ୍ଦନାଙ୍କ କୀର୍ତ୍ତିମାନ

**ବାଲି, ୨୩।୧୨ (ଏଜେନ୍ସି):** ଇଣ୍ଡୋନେସିଆ କ୍ରିକେଟର୍ ଗେଡେ ପ୍ରିଆନ୍ଦନା ବିଶ୍ୱର ପ୍ରଥମ ବୋଲର ଭାବେ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ଗୋଟିଏ ଓଭରରେ ୫ ୱିକେଟ୍ ନେବାର ବିରଳ ସଫଳତା ପାଇଛନ୍ତି। ମଙ୍ଗଳବାର ଏଠାରେ ଅନୁଷ୍ଠିତ କାମ୍ବୋଡିଆ ବିପକ୍ଷ ପ୍ରଥମ ଟି-୨୦ରେ ୨୮ ବର୍ଷୀୟ ଗେଡେ ଏହି ବିଧ୍ୱଂସୀ ବୋଲିଂ କରିଥିଲେ। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଇଣ୍ଡୋନେସିଆ ଓପନର୍ ଧର୍ମା କେଶୁମା (୧୧୦)ଙ୍କ ଶତକ ବଳରେ ୫ ୱିକେଟ୍‌ରେ ୧୬୭ ରନ କରିଥିଲା। ଜବାବରେ କାମ୍ବୋଡିଆ ୧୬ ଓଭରରେ ୧୦୭ ରନରେ ଅଲ୍‌ଆଉଟ୍ ହେବା ସହ ୬୦ ରନରେ ପରାସ୍ତ ହୋଇଥିଲା। କାମ୍ବୋଡିଆ ଇନିଂସର ୧୬ତମ ଓଭର ବୋଲିଂ କରିଥିବା ଗେଡେ ପ୍ରଥମ ୩ଟି ବଲ୍‌ରେ ୱିକେଟ୍ ନେଇ ହ୍ୟାଟ୍ରିକ ପୂରଣ କରିଥିଲେ। ଏହାପରେ ସେହି ଓଭରର ଶେଷ ୨ଟି ବଲରେ ଆଉ ୨ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରି ଓଭରରେ ମୋଟ୍ ୫ଟି ୱିକେଟ୍ ନେଇଥିଲେ। ଏହି ଓଭରରେ ସେ ୧ ରନ ବ୍ୟୟ କରିଥିଲେ। ଏକଦା ୧୫ ଓଭରରେ ୫ ୱିକେଟରେ ୧୦୬ ରନ କରିଥିବା କାମ୍ବୋଡିଆ ୧୬ତମ ଓଭରରେ ୧୦୭ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରକାଶଯୋଗ୍ୟ, ଅନ୍ତର୍ଜାତୀୟ ଟି-୨୦ରେ ଏହା ୩୬୪୬ତମ ମ୍ୟାଚ୍ ଥିଲା। ପ୍ରଥମ ବୋଲର ଭାବେ ପ୍ରିଆନ୍ଦନା ଗୋଟିଏ ଓଭରରେ ୫ ୱିକେଟ୍ ନେଇଛନ୍ତି। ଏଥିପୂର୍ବରୁ ୧୪ଥର ଗୋଟିଏ ଓଭରରେ ୪ ୱିକେଟ୍ ପତନ ଘଟିଛି। ଯେଉଁଥିରେ ୨୦୧୯ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ମାଲିଙ୍ଗା ୪ଟି ବଲରେ ୪ଟି ୱିକେଟ୍ ନେଇଥିଲେ।

## ୧୮ ବର୍ଷ ସାନ ପ୍ରେମିକାଙ୍କୁ ଦ୍ୱିତୀୟ ବିବାହ କଲେ ଷ୍ଟ୍ରସ

**ଲଣ୍ଡନ, ୨୩।୧୨ (ଏଜେନ୍ସି):** ଇଂଲଣ୍ଡ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ଆଣ୍ଡ୍ରିଉ ଷ୍ଟ୍ରସ ଦ୍ୱିତୀୟ ବିବାହ କରି ଚର୍ଚ୍ଚାକୁ ଆସିଛନ୍ତି। ପ୍ରଥମ ପତ୍ନୀ ରୁଥଙ୍କ ବିୟୋଗର ୮ ବର୍ଷ ପରେ ୪୮ ବର୍ଷୀୟ ଷ୍ଟ୍ରସ ତାଙ୍କ ପ୍ରେମିକା ଆଣ୍ଟୋନିଆ ଲିନାଇଅସ୍-ପିଟ୍‌ଙ୍କୁ ଶେଷରେ ବିବାହ କରିଛନ୍ତି। ଦକ୍ଷିଣ ଆଫ୍ରିକାର କେପ୍ ଟାଉନଠାରୁ ୫୦ ମାଇଲ ଦୂର ଫ୍ରାନଶୋକ ସହରରେ ଏହି ବିବାହ ଗତ ସପ୍ତାହରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଷ୍ଟ୍ରସ୍‌ଙ୍କ ପ୍ରଥମ ପତ୍ନୀଙ୍କ ଦୁଇ ପୁଅ ୨୦ ବର୍ଷୀୟ ସାମୁଏଲ୍ ଓ ୧୭ ବର୍ଷୀୟ ଲୁକା ଉପସ୍ଥିତ ରହିଥିଲେ। ପେସାରେ ବର୍ତ୍ତମାନ ଗୋଟିଏ କମ୍ପାନୀର ନିର୍ଦ୍ଦେଶିକା ରହିଥିବା ଆଣ୍ଟୋନିଆ ବୟସରେ ଷ୍ଟ୍ରସଙ୍କଠାରୁ ୧୮ ବର୍ଷ ସାନ। ଦୁଇ ବର୍ଷ ପୂର୍ବେ ଉଭୟଙ୍କ ମଧ୍ୟରେ ଡେଟ୍ ଆରମ୍ଭ ହୋଇଥିଲା। ପ୍ରକାଶଯୋଗ୍ୟ, ୨୦୧୮ ଡିସେମ୍ବରରେ ଷ୍ଟ୍ରସଙ୍କ ପ୍ରଥମ ପତ୍ନୀ ରୁଥ କ୍ୟାନସରରେ ପ୍ରାଣ ହରାଇଥିଲେ।



### ୧୫ ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫି

## ଚିରଶ୍ରୀଙ୍କୁ ରାଜ୍ୟ ଦଳର ନେତୃତ୍ୱ

**କଟକ,୨୩।୧୨(ସମିସ):** ଜାନୁଆରୀ ୨ ତାରିଖରୁ ୧୫ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫି ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଆଜି ସନ୍ଧ୍ୟାରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଦଳ ଘୋଷଣା କରାଯାଇଛି। ଘୋଷିତ ୧୭ଜଣିଆ ଦଳରେ ଚିରଶ୍ରୀ ରାଉତଙ୍କୁ ନେତୃତ୍ୱ ଦିଆଯାଇଛି। ଦଳରେ ଆକାଂକ୍ଷା ମଙ୍ଗରାଜ, ଅନନ୍ୟା ପ୍ରିୟଦର୍ଶିନୀ ଦାସ (ୱିକେଟ କିପର), ଅନନ୍ୟା ପ୍ରିୟଦର୍ଶିନୀ ଜେନା, ଅନ୍ୱେଷା ସ୍ୱାଇଁ(ଉପଅଧିନାୟିକା), ଚିତା ସୋରେନ, ହରପ୍ରିୟା ଉଲ୍ଲାକା, ଯାଜ୍ଞସେନୀ ସାହୁ, ଜ୍ୟୋତି ରାଉତରାୟ (ୱିକେଟ କିପର), କେ ଖୁସି, ଲକ୍ଷ୍ମୀ ଭଗତ, ମୃଣ୍ମୟୀ ପାଢ଼ୀ, ନୁଜହତ ନିସାନ, ପଲ୍ଲବୀ ପ୍ରିୟଦର୍ଶିନୀ ପାତ୍ର, ପ୍ରିୟାଂଶୀ ମହାରଣା, ରୋମି ପ୍ରଲିପ୍ତା ମଲ୍ଲିକ ଏବଂ ସାଇଲକ୍ଷ୍ମୀ ଜେନା ସ୍ଥାନ ପାଇଛନ୍ତି। ନାଗପୁରର ଲେଡି ଅମ୍ରିତବାଇ ଦାଗା କଲେଜ ଗ୍ରାଉଣ୍ଡରେ ସୌରାଷ୍ଟ୍ର ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

## ୧୯ ବର୍ଷରୁ ଏସିଆ କପ୍ ଭାରତୀୟ ଦଳର ପ୍ରଦର୍ଶନ ତର୍ଜମା କରାଯିବ

**ମୁମ୍ବଇ,୨୩।୧୨(ଏଜେନ୍ସି):** ଦୁବାଇରେ ଅନୁଷ୍ଠିତ ୧୯ ବର୍ଷରୁ ଏସିଆ କପ୍ କ୍ରିକେଟ ଫାଇନାଲରେ ପାକିସ୍ତାନ ନିକଟରୁ ପରାଜିତ ହୋଇଥିବା ଭାରତୀୟ ଦଳର ପ୍ରଦର୍ଶନରେ ବିସିସିଆଇ କ୍ଷୁବ୍ଧ ହୋଇଛି। ଦଳର ଏପରି ନୈରାଶ୍ୟଜନକ ପ୍ରଦର୍ଶନ କାହିଁକି ହେଲା ସେ ସମ୍ପର୍କରେ ମ୍ୟାନେଜର ସଲିଲ ଦତାରଙ୍କୁ ରିପୋର୍ଟ ଦେବାକୁ କୁହାଯାଇଛି। ଡିସେମ୍ବର ୨୨ରେ ଅନୁଷ୍ଠିତ ଆପେକ୍ସ କାଉନ୍ସିଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ବ୍ୟତୀତ ଅଧିନାୟକ ଆୟୂଷ ମାହାତ୍ରେ ଓ ହେଡ୍ କୋଚ୍ ହୃଷିକେଶ କାନିତକରଙ୍କ ସହ ଖୁବ୍ ଶୀଘ୍ର ଆଲୋଚନା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହାଛଡ଼ା ଫାଇନାଲ ମ୍ୟାଚ୍‌ରେ କିଛି ଭାରତୀୟ ଖେଳାଳିଙ୍କ ବ୍ୟବହାରକୁ ନେଇ ପାକିସ୍ତାନ ମେଣ୍ଟର ସର୍ଫରାଜ ଖାନ୍ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି। ଏହାର ମଧ୍ୟ ତଦନ୍ତ କରାଯିବ।

### ଖେଳାଳିଙ୍କ ବିରୋଧରେ ଆଇସିସିରେ ଅଭିଯୋଗ କରିବେ ପିସିବି ସଭାପତି

ପାକିସ୍ତାନ ବିପକ୍ଷ ଫାଇନାଲରେ ଭାରତୀୟ ଖେଳାଳିଙ୍କ ବ୍ୟବହାର ଅଶୋଭନୀୟ ଓ ସ୍ପିରିଟ୍ ଅଫ୍ କ୍ରିକେଟର ପରିପନ୍ଥୀ ବୋଲି ମେଣ୍ଟର ସର୍ଫରାଜ ଅହମ୍ମଦ୍ କହିବା ପରେ ଏକ ଭିନ୍ନ ପରିବେଶ ସୃଷ୍ଟି ହୋଇଛି। ତାଙ୍କ ମତରେ ଭାରତୀୟ ଖେଳାଳିଙ୍କ ବ୍ୟବହାର ସମ୍ପୂର୍ଣ୍ଣ ଅଣଖେଳୱାଡ ଓ ଅଶୋଭନୀୟ। ଏହି ମ୍ୟାଚ୍‌ରେ ଏକାଧିକ ଥର ଉଭୟ ଦଳର ଖେଳାଳିଙ୍କ ମଧ୍ୟରେ ଯୁକ୍ତିତର୍କ, ଉଚ୍ଚବାଚ ହୋଇଥିଲା। ଭାରତୀୟ ଖେଳାଳିଙ୍କ ବିରୋଧରେ ପାକିସ୍ତାନ କ୍ରିକେଟ ବୋର୍ଡ ସଭାପତି ମୋହସିନ ନକ୍‌ଭୀ ଆଇସିସି ନିକଟରେ ଆନୁଷ୍ଠାନିକ ଅଭିଯୋଗ କରିବେ ବୋଲି ଘୋଷଣା କରିଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ମ୍ୟାଚ୍ ସର୍ବଦା ଉତ୍ତେଜନାମୂଳକ ହୋଇଥାଏ। କିନ୍ତୁ ଜୁନିଅର ମୁକାବିଲାରେ ଏଭଳି ଘଟଣା ଖୁବ୍ କମ୍ ଦେଖିବାକୁ ମିଳିଥାଏ।

## ଫାଇନାଲରେ କିଟ୍ ମହିଳା ଭଲିବଲ୍

**ଭୁବନେଶ୍ୱର, ୨୩।୧୨ (ସମିସ):** ଚେନ୍ନଇରେ ଚାଲିଥିବା ଜାତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଭଲିବଲ୍ ଚାମ୍ପିଅନସିପ୍‌ରେ କିଟ୍ ଦଳ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର କିଟ୍ ଡବଲ୍ ବିଜୟ ହାସଲ କରି ଏହି ସଫଳତା ପାଇଛି। ସେମିଫାଇନାଲରେ ୩-୨ ସେଟ୍‌ରେ ମହାତ୍ମାଗାନ୍ଧୀ ବିଶ୍ୱବିଦ୍ୟାଳୟକୁ ହରାଇ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି। ଫାଇନାଲରେ କିଟ୍‌ର ମୁକାବିଲା ଆୟୋଜକ ଏସ୍‌ଆରଏମ୍ ବିଶ୍ୱବିଦ୍ୟାଳୟ ସହ ହେବ।



ଭୁବନେଶ୍ୱର କଳିଙ୍ଗ ଆର୍ଟ ଗ୍ୟାଲେରୀରେ ମଙ୍ଗଳବାର କିଂବଦନ୍ତୀ ହକି ଖେଳାଳି ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କ ଖେଳ ଜୀବନୀକୁ ନେଇ 'ଦିଲୀପ ତିର୍କୀ ଆଣ୍ଡ ଦି ସ୍ପିରିଟ ଅଫ୍ ହକି ଇନ୍ ଓଡ଼ିଶା' ଫଟୋ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ଫଟୋସାମ୍ବାଦିକ ସମିମ୍ କ୍ୟୁରେଶୀଙ୍କ ଦ୍ୱାରା ଏହା ଆୟୋଜିତ ହୋଇଛି।

### ଜାତୀୟ କନିଷ୍ଠ ଜୁ ଜିତ୍‌ସୁ

## ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୬ ପଦକ

**ଭୁବନେଶ୍ୱର,୨୩।୧୨(ସମିସ):** ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ ଉପକନିଷ୍ଠ ଓ କନିଷ୍ଠ ଜୁ ଜିତ୍‌ସୁ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୪ଟି କାଂସ୍ୟ ସହ ମୋଟ ୬ଟି ପଦକ ମିଳିଛି। ଉପକନିଷ୍ଠ ବିଭାଗରେ ଓଡ଼ିଶାକୁ ଏକମାତ୍ର ସ୍ୱର୍ଣ୍ଣ ପଦକ ମିଳିଛି। ବାଳିକା ୪୦ କିଲୋରୁ ଅଧିକ ନେ-ୱାଜା ବିଭାଗରେ ଶ୍ରେୟଂଶୀ ତ୍ରିପାଠୀଙ୍କୁ ସ୍ୱର୍ଣ୍ଣ ମିଳିଛି। ସେହିପରି କନିଷ୍ଠ ବିଭାଗର ୫୭ କିଲୋ ନେ-ୱାଜା ବର୍ଗରେ ପଲକ ପ୍ରିୟଦର୍ଶିନୀ ରୌପ୍ୟ ହାସଲ କରିଛନ୍ତି। ଅନ୍ୟମାନଙ୍କୁ କାଂସ୍ୟ ପଦକ ମିଳିଛି। ଫାଇଟିଂ ସିଷ୍ଟମରେ ମଧ୍ୟ ପଲକ ଏକ କାଂସ୍ୟ ଜିତିଛନ୍ତି। ଉପକନିଷ୍ଠ ଫାଇଟିଂ ସିଷ୍ଟମରେ ଶ୍ରେୟଂଶୀ, ୨୫ କିଲୋଗ୍ରାମ୍‌ରୁ କମ୍ ନେ-ୱାଜାରେ ସାନ୍‌ଭି ସାହୁ, ବାଳକ ୫୬ କିଲୋରୁ କମ୍ ଫାଇଟିଂ ସିଷ୍ଟମ୍‌ରେ କୋନା ମହେଶ ରେଡ୍ଡୀ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସ୍ୱରାଜ ଜାନୀ ଦଳର କୋଚ୍ ରହିଥିଲେ। ଏହି ସଫଳତା ଲାଗି ଓଡ଼ିଶା ଜୁ-ଜିତ୍‌ସୁ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଡଃ. ହରିପ୍ରସାଦ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି।




## ଗୁଞ୍ଜନଙ୍କୁ ୪ ୱିକେଟ; ପଞ୍ଜାବ ୨୫୪/୮

**କଟକ,୨୩।୧୨(ସମିସ):** ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ୪ର୍ଥ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ମଧ୍ୟପ୍ରଦେଶର ଏମପିସିଏ ଗ୍ରାଉଣ୍ଡରେ ଅନୁଷ୍ଠିତ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ପଞ୍ଜାବ ୮ ୱିକେଟ ବିନିମୟରେ ୨୫୪ରନ ସଂଗ୍ରହ କରିଛି। ୩୩ରନରେ ପ୍ରଥମ ୪ ୱିକେଟ ହରାଇଥିବା ପଞ୍ଜାବକୁ ଶିବାଂଶ ବିପର୍ଯ୍ୟୟରୁ ମୁକୁଳାଇଥିଲେ। ୨୨୩ବଲ ସମ୍ମୁଖୀନ ହୋଇଥିବା ଶିବାଂଶ ୧୭ଟି ଚୌକା ସହାୟତାରେ ୧୧୪ରନ ସଂଗ୍ରହ କରି ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ଗୁଞ୍ଜନ ସାହୁ ସର୍ବାଧିକ ୪ଟି ୱିକେଟ ଦଖଲ କରିଛନ୍ତି। ଶିବେନ ମାଝୀ ୨ଟି, ମିଧାଂଶୁ ଦାସ ଏବଂ ସିଦ୍ଧେଶ୍ୱର ବାଗଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଛି।

### ● ମୁକ୍ତେଶ୍ୱର କପ୍

## କ୍ୱାର୍ଟରରେ ରାଇଜିଂ ଓ ଆଇଆଇସି

**ଭୁବନେଶ୍ୱର, ୨୩।୧୨ (ସମିସ):** ମୁକ୍ତେଶ୍ୱର କପ୍ ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରି-କ୍ୱାର୍ଟର ଫାଇନାଲ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏଥିରେ ରାଇଜିଂ ଷ୍ଟାର୍ ଓ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ କ୍ରିକେଟ୍ (ଆଇଆଇସି) ଦଳ ବିଜୟ ଲାଭ କରି କ୍ୱାର୍ଟରରେ ପହଞ୍ଚିଛନ୍ତି। ପ୍ରଥମ ପ୍ରି-କ୍ୱାର୍ଟରରେ ରାଇଜିଂ ଷ୍ଟାର ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ୍ ହରାଇ ୮୯ ରନ କରିଥିଲା। ଜବାବରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ୮ ୱିକେଟରେ ୭୩ ରନ କରିବା ସହ ୧୬ ରନରେ ପରାସ୍ତ ହୋଇଥିଲା। ଦୁଇଟି ୱିକେଟ୍ ନେଇଥିବା ସୂର୍ଯ୍ୟାଂଶ ସ୍ୱାଇଁ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚରେ ଭାରତ ଭୂଷଣ କ୍ରିକେଟ ଏକାଡେମୀ (ବିବିସିଏ) ଓ ଆଇଆଇସି ଦଳ ସାମ୍ନାସାମ୍ନି ହୋଇଥିଲେ। ସାଇ ଶଙ୍କର ସେଠୀଙ୍କ ୫୬ ରନ ବଳରେ ବିବିସିଏ ୭ ୱିକେଟରେ ୧୧୪ ରନ କରିଥିଲା। ଜବାବରେ ୫ ୱିକେଟ ହରାଇ ଆଇଆଇସି ୨ଟି ବଲ୍ ବଳକା ଥାଇ ବିଜୟୀ ହୋଇଥିଲା। ବିବିସିଏର ମୃତ୍ୟୁଞ୍ଜୟ ରାୟ ୪ ଓଭରରେ ୧୩ ରନ ବ୍ୟୟରେ ୨ଟି ୱିକେଟ୍ ନେଇଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଆଇଆଇସିର ରାଜବୀର ସାମନ୍ତରାୟ ୨୧ ରନ କରି ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲରେ ୧୦ ଦଳ

**ଭୁବନେଶ୍ୱର,୨୩।୧୨(ସମିସ):** ଭୁବନେଶ୍ୱର ମଧ୍ୟର ପୂର୍ବତନ ବିଧାୟକ ସ୍ୱର୍ଗତ ବିଜୟ କୁମାର ମହାନ୍ତିଙ୍କ ସ୍ମୃତିରେ ଏକ ସିନିଅର ବାସ୍କେଟବଲ ଟୁର୍ଣ୍ଣାମେଣ୍ଟ ୟୁନିଟ୍-୧ ବାସ୍କେଟବଲ କମ୍ପ୍ଲେକ୍ସରେ ଚଳିତମାସ ୨୬ରୁ ୨୮ ଯାଏ ଅନୁଷ୍ଠିତ ହେବ। ଖୋର୍ଦ୍ଧା ଜିଲ୍ଲା ବାସ୍କେବଲ ସଂଘ ଓ ବିଜୟ ମହାନ୍ତି ସ୍ମୃତି କମିଟି ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟ ମିଳିତଭାବେ ଆୟୋଜନ କରାଯିବ। ଏଥିରେ ୬ଟି ପୁରୁଷ ଓ ୪ଟି ମହିଳା ଦଳ ଅଂଶଗ୍ରହଣ କରିବେ। ଲିଗ୍ କମ୍ ନକ୍‌ଆଉଟ ପଦ୍ଧତିରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ ବୋଲି ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ବରିଷ୍ଠ କ୍ରୀଡ଼ାବିତ୍ ସକଳେଶ୍ୱର ପଟ୍ଟନାୟକ। ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ ପ୍ରହରାଜ ଓ ମନୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ବିଭାଗରେ ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୭,୦୦୦ ଓ ୫,୦୦୦ ଟଙ୍କା ପ୍ରଦାନ କରାଯିବ।



## ଜାତୀୟ ତୀରନ୍ଦାଜୀ: ବାଳିକା ଦଳକୁ କାଂସ୍ୟ



**କଟକ,୨୩।୧୨(ସମିସ):** ୪୫ତମ ଜୁନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିଅନସିପ୍‌ର ଦଳଗତ ଇଭେଣ୍ଟରେ ଓଡ଼ିଶା ବାଳିକା ଦଳ କାଂସ୍ୟ ବିଜୟୀ ହୋଇଛି। ରିକର୍ଭ ରାଉଣ୍ଡରେ ଓଡ଼ିଶାକୁ ଏହି ସଫଳତା ମିଳିଛି। ବାଳିକା ଦଳରେ ମମିତା ଓରାମ, ମାନେଶ୍ୱରୀ ହାସଁଦା, ସୁନୀତା ନାୟକ ଓ ସାବିତ୍ରୀ ପାତ୍ର ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ତେବେ ଜାତୀୟ ଚାମ୍ପିଅନସିପ୍‌ରେ ରାଜ୍ୟ ଦଳର ପ୍ରଦର୍ଶନ ପ୍ରଭାବଶାଳୀ ରହିଥିଲା। ପଦକ ବିଜୟୀ ପ୍ରତିଯୋଗୀଙ୍କୁ ଓଡ଼ିଶା ତୀରନ୍ଦାଜ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

### ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ କବାଡ଼ି

## ସେଞ୍ଚୁରିଆନ, ଗୁଗଲ ସ୍ପୋର୍ଟ୍ସ ଚାମ୍ପିଅନ

**ଭୁବନେଶ୍ୱର,୨୩।୧୨(ସମିସ)**

ଜଟଣୀର ସେଞ୍ଚୁରିଆନ୍ କଲେଜ ଅଫ୍ ସାଇନ୍ସ ଓ ଭୁବନେଶ୍ୱରର ଗୁଗଲ ସ୍ପୋର୍ଟ୍ସ କ୍ଲବ୍ ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ କବାଡ଼ି ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ଖୋର୍ଦ୍ଧାସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଏହି ଦୁଇଦିନିଆ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ ଦୁଇଟି କାଟାଗୋରୀରେ ରାଜ୍ୟର ୧୫ଟି ସ୍କୁଲର ୧୫୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ୧୯ ବର୍ଷରୁ କମ୍ ବାଳକ ବିଭାଗରେ ଜଟଣୀର ମହିମା ସ୍ପୋର୍ଟ୍ସକୁ ହରାଇ ସେଞ୍ଚୁରିଆନ୍ ଓ ୧୭ ବର୍ଷରୁ କମ୍ ବିଭାଗରେ କଟକର ରେନ୍‌ବୋ ସ୍ପୋର୍ଟ୍ସ କ୍ଲବ୍‌କୁ ହରାଇ ଗୁଗଲ ସ୍ପୋର୍ଟ୍ସ କ୍ଲବ୍ ଚାମ୍ପିଅନ ହୋଇଛି। ୧୯ ବର୍ଷରୁ କମ୍ ବିଭାଗରେ ମହିମା ସ୍ପୋର୍ଟ୍ସର କାର୍ତ୍ତିକ ବେଷ୍ଟ ରେଡର, ସେଞ୍ଚୁରିଆନ୍‌ର ସୁଜଲ ଯାଦବ ବେଷ୍ଟ ଡିଫେଣ୍ଡର, ୧୭ ବର୍ଷରୁ କମ୍‌ରେ ଗୁଗଲ ସ୍ପୋର୍ଟ୍ସର ପ୍ରଦୀପ ବେଷ୍ଟ ରେଡର ଓ କଟକ ରେନ୍‌ବୋ ସ୍ପୋର୍ଟ୍ସ କ୍ଲବ୍‌ର ଜିୟୁ ରେଡ୍ଡୀ ବେଷ୍ଟ ଡିଫେଣ୍ଡର ବିବେଚିତ ହୋଇଛନ୍ତି। ଖେଳ ଶେଷରେ ଟିଆଇଟିଇର ନିର୍ଦ୍ଦେଶକ ପ୍ରଫେସର ଡଃ. ଅନାଦି ଚରଣ ସାହୁ ମୁଖ୍ୟ ଅତିଥି, ଟିଇଟିଇ ଅଧ୍ୟକ୍ଷ ଡଃ. ସୁବ୍ରତ କୁମାର ମହାନ୍ତି ଆଦୃତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।



'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ

କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୂନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS